

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୧ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 01 September 2026

Vol.No. 36 ■ No.229 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


## ବିଶକେକ୍‌ରେ ଇରାନ ରାଷ୍ଟ୍ରପତିଙ୍କୁ ଭେଟିଲେ ମୋଦୀ : ପଶ୍ଚିମ ଏସିଆ ସ୍ଥିତି ଉପରେ ଆଲୋଚନା



ନୂଆଦିଲ୍ଲୀ,୩୧/୮ : କିର୍ଗିଜସ୍ତାନ ରାଜଧାନୀ ବିଶକେକ୍‌ରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍‌ଙ୍କୁ ଭେଟିଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ଦୁଇ ବର୍ଷ ମଧ୍ୟରେ ଏହା ପ୍ରଥମ ବୈଠକ। ବୈଠକ ଅବସରରେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଦୀର୍ଘସ୍ଥାୟୀ ଶାନ୍ତି ଓ ସ୍ଥିରତା ପାଇଁ ସମସ୍ତ ପ୍ରୟାସକୁ ଭାରତ ସମର୍ଥନ ଜଣାଇବା କଥା କହିଛି। ପ୍ରଧାନମନ୍ତ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ବିଭିନ୍ନ କ୍ଷେତ୍ରରେ ଇରାନ ସହିତ ଭାରତର ଦୀର୍ଘକାଳୀନ ବନ୍ଧୁତାକୁ ସୁଦୃଢ଼ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ସେ ଦୋହରାଇ ଥିଲେ। ଆଗାମୀ ସମୟରେ ବାଣିଜ୍ୟ କ୍ଷେତ୍ରକୁ ଅଧିକ ବିସ୍ତାର ଓ ବ୍ୟାପକ କରିବାକୁ ଚାହୁଁଛୁ ବୋଲି ମୋଦୀ ଲେଖିଛନ୍ତି। ଦୁଇ ନେତା ପଶ୍ଚିମ ଏସିଆ ସ୍ଥିତି ଉପରେ ଆଲୋଚନା କରିଥିଲେ। ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଏହାକୁ ଏକ ସଫଳ ବୈଠକ ବୋଲି ବର୍ଣ୍ଣନା କରିଛନ୍ତି। ବୈଠକରେ ଇରାନର ବିଦେଶ ମନ୍ତ୍ରୀ ଆବାସ ଆରାଘଚି, ତେହେରାନର ଅନ୍ୟ ବରିଷ୍ଠ ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ। ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ସଂଘର୍ଷର ଅନ୍ତ ପାଇଁ ହୋଇଥିବା ବୁଝାମଣାକୁ ସ୍ୱାଗତ କରିଥିଲେ ଓ ସ୍ଥାୟୀ ଶାନ୍ତି ଓ ସ୍ଥିରତା ପାଇଁ ନିରନ୍ତର ପ୍ରୟାସର ଆବଶ୍ୟକତାକୁ ଦୋହରାଇଥିଲେ। ଉଭୟ ନେତା ପୂର୍ବରୁ ମାର୍ଚ୍ଚ ୨୧ରେ କଥା ହୋଇଥିଲେ, ଯେଉଁ ସମୟରେ ସେମାନେ ପଶ୍ଚିମ ଏସିଆ ଅଞ୍ଚଳର ସୁରକ୍ଷା ପରିସ୍ଥିତି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ୨୬ତମ ଏସ୍‌ସିଓ ସମ୍ମିଳନୀ ଓ ଷଷ୍ଠ ବିଶ୍ୱ ନୋମାଡ୍ ଗେମ୍ସର ଉଦଘାଟନୀ ଉତ୍ସବରେ ଯୋଗଦେବା ପାଇଁ କିର୍ଗିଜସ୍ତାନକୁ ସରକାରୀ ଗସ୍ତରେ ଅଛନ୍ତି। ସୋମବାର ସକାଳେ ପ୍ରଧାନମନ୍ତ୍ରୀ ମୋଦୀ ବିଶକେକରେ ତାଙ୍କର ଆର୍ମେନିଆନ ପ୍ରତିପକ୍ଷ ନିକୋଲ ପାଶିନୟାନଙ୍କ ସହ ଏକ ଦ୍ୱିପାକ୍ଷିକ ବୈଠକ କରିଥିଲେ ଓ ଦୁଇ ନେତା ପଶ୍ଚିମ ଏସିଆ ପରିସ୍ଥିତି ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ମଜବୁତ କରିବା ଉପରେ ଆଲୋଚନା କରିଥିଲେ। ବୈଠକ ପରେ ବୈଦେଶିକ ମନ୍ତ୍ରଣାଳୟ 'ଏକ୍ସ' କହିଛି, ଦୁଇ ନେତା ପ୍ରତିରକ୍ଷା, ଅର୍ଥନୈତିକ, ଫାର୍ମା, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ସଂସ୍କୃତି ଓ ଶିକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ମଜବୁତ କରିବା ପାଇଁ ଆଲୋଚନା କରିଛନ୍ତି। ସେମାନେ ପଶ୍ଚିମ ଏସିଆର ପରିସ୍ଥିତି ସମେତ ଆଞ୍ଚଳିକ ଓ ବିଶ୍ୱ ବିକାଶ ଉପରେ ମଧ୍ୟ ମତ ଆଦାନପ୍ରଦାନ କରିଛନ୍ତି। କିର୍ଗିଜସ୍ତାନ ରାଜଧାନୀରେ ତାଙ୍କର କାର୍ଯ୍ୟକ୍ରମ ◆◆ପୃଷ୍ଠା ୭

## ସିଜେପି ପଦଯାତ୍ରା ରୋକିବା ପାଇଁ ଆବେଦନ: ହସ୍ତକ୍ଷେପ କରିବାକୁ ମନା କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୩୧/୮ : ସେପ୍ଟେମ୍ବର ୫ ତାରିଖରେ ଦିଲ୍ଲୀରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରସ୍ତାବିତ ପଦଯାତ୍ରାକୁ ବନ୍ଦ କରିବାକୁ ମନା କରିଦେଇଛନ୍ତି। ଆବେଦନରେ ସେପ୍ଟେମ୍ବର ୧୨-୧୩ରେ ବ୍ରିକ୍ସ ଶିଖର ସମ୍ମିଳନୀ ହେବାକୁ ଥିବାରୁ ଏହାକୁ ସ୍ଥଗିତ ରଖିବାକୁ ଅନୁରୋଧ କରାଯାଇଥିଲା। ସୁପ୍ରିମକୋର୍ଟ କହିଛନ୍ତି, କୌଣସି ଅପ୍ରୀତିକର ଘଟଣା ଘଟିବ ବୋଲି ବିଶ୍ୱାସ କରିବାର କୌଣସି ଦୃଢ଼ କାରଣ ନାହିଁ। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ କହିଛନ୍ତି, କର୍ତ୍ତୃପକ୍ଷ ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ସମସ୍ତ ପକ୍ଷ ଶାନ୍ତିପୂର୍ଣ୍ଣ, ଦାୟିତ୍ୱପୂର୍ଣ୍ଣ ଏବଂ ଆଇନ ଅନୁଯାୟୀ ଆଚରଣ କରିବା ନିଶ୍ଚିତ କରିବା ଆଶା କରାଯାଉଛି। ସମ୍ଭାବ୍ୟ ଅପ୍ରୀତିକର ପରିସ୍ଥିତିର ଆଶଙ୍କା କରି ଆବେଦନକାରୀ କୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ତେବେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ତାଙ୍କୁ କେନ୍ଦ୍ର ସରକାରଙ୍କ ନିକଟରେ ତାଙ୍କର ମାମଲା ଉପସ୍ଥାପନ କରିବାକୁ ଏବଂ ସଲିସିଟର ଜେନେରାଲଙ୍କୁ ଆବେଦନର ଏକ କପି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ପୀତବାସ ପଣ୍ଡା ହତ୍ୟା ମାମଲା: ବିକ୍ରମ ପଣ୍ଡାଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ

ଭୁବନେଶ୍ୱର, ୩୧/୮ (ନି.ପ୍ର): ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ଗିରଫ ହୋଇଥିବା ପୂର୍ବତନ ବିଜେଡି ବିଧାୟକ ବିକ୍ରମ ପଣ୍ଡାଙ୍କୁ ସୋମବାର ହାଇକୋର୍ଟରୁ ମିଳିଛି ଆଶ୍ୱସ୍ତି। ହାଇକୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଜାମିନ ଦେବା ସମୟରେ ନିମ୍ନ ଅଦାଲତ ଆବଶ୍ୟକ ମୁତାବକ ସର୍ତ୍ତ ଧାର୍ଯ୍ୟ କରିବେ ବୋଲି ହାଇକୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ୨୦୨୫ର ବହୁ ଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ଛନ୍ଦି ହୋଇଛନ୍ତି ବିକ୍ରମ ପଣ୍ଡା। ନିମ୍ନ ଅଦାଲତରେ ବିକ୍ରମଙ୍କ ଜାମିନ ନାମଞ୍ଜୁର ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଚାର୍ଜସିଟ ଦାଖଲ ହୋଇସାରିଛି। ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି ଶେଷ କରି ହାଇକୋର୍ଟ ତାଙ୍କ ରାୟ ସଂରକ୍ଷିତ ରଖିଥିଲେ, ଯାହାର ଆଜି ପ୍ରକାଶ ପାଇଛି। ଏହି ମାମଲାରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ୧୬ ଜଣ ଅଭିଯୁକ୍ତ ରହିଛନ୍ତି।

## ଉତରାଖଣ୍ଡର ୧୩ଟି ହିମାଳୟ ହ୍ରଦ 'ଜଳବୁମ' ବିପଦରେ

ନୂଆଦିଲ୍ଲୀ,୩୧/୮ : ନେପାଳରେ ଘଟିଥିବା ଜଳ ଦୁର୍ଘଟଣା ମଧ୍ୟ ଉତରାଖଣ୍ଡର ହିମାଳୟ ଅଂଚଳ ପାଇଁ ଏକ ବଡ଼ ବିପଦର ସଙ୍କେତ। ଏଠାରେ ଏପରି ଅନେକ 'ଜଳପାମ'ରହିଛି, ଯାହା ଯେକୌଣସି ସମୟରେ ଫାଟିଯାଇପାରେ। ଏହାଦ୍ୱାରା ରାଜ୍ୟର ଅନେକ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇପାରେ। ତେବେ ସରକାର ସେମାନଙ୍କ ଉପରେ ନଜର ରଖିଛନ୍ତି ଏବଂ ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ) ଏବଂ ୱାଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ହିମାଳୟ ଜିଓଲୋଜି ଏକ ରିପୋର୍ଟରେ ରାଜ୍ୟର ହିମାଳୟ ଅଂଚଳରେ ୧୩ ଟି ସମ୍ବେଦନଶୀଳ ଏବଂ ଉଚ୍ଚ ବିପଦପୂର୍ଣ୍ଣ ହ୍ରଦକୁ ଅସୁରକ୍ଷିତ ବୋଲି ଚିହ୍ନଟ କରିଛନ୍ତି। ଏହି ରିପୋର୍ଟରେ ରାଜ୍ୟରେ କ୍ରମାଗତ ପାହାଡ଼ ଉପରେ ସୁଡ଼ଙ୍ଗ, ସଡ଼କ ଏବଂ ଜଳବିଦ୍ୟୁତ ପ୍ରକଳ୍ପ ପାଇଁ ଅପରିକଳ୍ପିତ ଖନନ ଏବଂ ଭାରୀ ନିର୍ମାଣ କାର୍ଯ୍ୟକଳାପ ଉପରେ ଚିନ୍ତା ବ୍ୟକ୍ତ କରାଯାଇଛି ଏବଂ ଭବିଷ୍ୟତରେ ବିପର୍ଯ୍ୟୟ ହ୍ରାସ କରିବା ପାଇଁ ଅନେକ ସୁପାରିଶ ମଧ୍ୟ କରାଯାଇଛି।

## ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି: ଗୁରୁବାରରୁ ଭୁବନେଶ୍ୱରରେ ପାଇଲଟ୍ ସର୍ଭେ, ଅକ୍ଟୋବର ୨୬ରୁ ଘରକୁ ଘର ବୁଲିବେ ବିଏଲଓ



ଭୁବନେଶ୍ୱର, ୩୧/୮ (ନି.ପ୍ର): ଆଗାମୀ ପଂଚାୟତ ଓ ପୌର ନିର୍ବାଚନକୁ ସ୍ୱଚ୍ଛ, ତ୍ରୁଟିଶୂନ୍ୟ ଓ ଶୃଙ୍ଖଳିତ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନର ଆଉ ପାଦେ ଆଗକୁ ଯାଇଛନ୍ତି। ଭୋଟର ତାଲିକାରେ ଥିବା ତ୍ରୁଟିବିଚ୍ୟୁତିକୁ ସମ୍ପୂର୍ଣ୍ଣ ଦୂର କରିବା ଉଦ୍ଦେଶ୍ୟରେ ଗୁରୁବାରରୁ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରେ ସ୍ୱତନ୍ତ୍ର ପାଇଲଟ୍ ସର୍ଭେ ଅଭିଯାନ ଆରମ୍ଭ ହେବ। ଅକ୍ଟୋବର ୨୬ରୁ ସମଗ୍ର ରାଜ୍ୟରେ ବୁଥସ୍ତରୀୟ ଅଧିକାରୀ(ବିଏଲଓ)ମାନେ ଘରକୁ ଘର ବୁଲି ସର୍ଭେ କରିବେ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳ ଅଧୀନରେ ଥିବା ୩ଟି ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ଦ୍ଦିଷ୍ଟ ୱାର୍ଡରେ ଆସନ୍ତା ଗୁରୁବାର ଅର୍ଥାତ ସେପ୍ଟେମ୍ବର ୩ରୁ ୧୧ତାରିଖ ପର୍ଯ୍ୟନ୍ତ ପାଇଲଟ୍ ସର୍ଭେ ହେବ । ଭୁବନେଶ୍ୱର-ଉତ୍ତର ବିଧାନସଭା ମଣ୍ଡଳୀର ୱାର୍ଡ ନମ୍ବର-୧୦, ଭୁବନେଶ୍ୱର ମଧ୍ୟ ବିଧାନସଭା ମଣ୍ଡଳୀର ୱାର୍ଡ ନମ୍ବର-୩୫ ଓ ଭୁବନେଶ୍ୱର-ଏକାମ୍ର ବିଧାନସଭା ମଣ୍ଡଳୀର ୱାର୍ଡ ନମ୍ବର-୫୨ରେ ଘରକୁ ଘର ଯାଇ ସର୍ଭେ କରାଯିବାକୁ ନିଷ୍ପତ୍ତି ହୋଇଛି। ପରବର୍ତ୍ତୀ ସମୟରେ ଅକ୍ଟୋବର ୨୬ରୁ ନଭେମ୍ବର ୭ତାରିଖ ପର୍ଯ୍ୟନ୍ତ ରାଜ୍ୟର ପଂଚାୟତ ଓ ପୌରାଂଚଳରେ ବ୍ୟାପକ ସର୍ଭେ କରାଯାଇ ଭୋଟର ତାଲିକାକୁ ସଂଶୋଧନ ଓ ବ୍ୟବସ୍ଥିତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏବେ ସହରାଂଚଳରେ ଗୋଟିଏ ପରିବାରର ସଦସ୍ୟମାନଙ୍କ ନାମ ଭିନ୍ନ ଭିନ୍ନ ବୁଥରେ ରହିବା ଓ ଅସ୍ପଷ୍ଟ ଘର ନମ୍ବର ଭଳି ଜଟିଳ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଏହି ସର୍ଭେ କରାଯାଉଛି । ବିଶେଷକରି ସହରାଂଚଳରେ ବିଧାନସଭା ବୁଥଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସୀମା ନଥିବାରୁ ଗୋଟିଏ ବୁଥରେ ୧୦ରୁ ୧୨ଟି ଅଲଗା ଅଂଚଳର ଭୋଟର ରହିଯାଉଛନ୍ତି। ଏପରିକି ଗୋଟିଏ ୱାର୍ଡର ଭୋଟର ଅନ୍ୟ ୱାର୍ଡରେ ଭୋଟ ଦେବାକୁ ପଡୁଥିବାରୁ ଅନେକ ଭୋଟର ମତଦାନ କେନ୍ଦ୍ରକୁ ଯିବାକୁ ଆଗ୍ରହ ପ୍ରକାଶ କରୁନଥିବାରୁ ସହରାଂଳରେ ମତଦାନ ହାର କମିବାରେ ଲାଗିଛି।

## ବାଧକ ସାଜିବନି ଅର୍ଥ: ଏସସି-ଏସଟି ପିଲାଙ୍କ ମେଡିକାଲ- ଇଞ୍ଜିନିୟରିଂ ଆଡମିଶନ ଓ ୬ ମାସର ଫି ଛାଡ଼ କଲେ ମୋହନ ସରକାର



ଭୁବନେଶ୍ୱର, ୩୧/୮ (ନି.ପ୍ର): ଡାକ୍ତର ଓ ଇଞ୍ଜିନିୟର ହେବା ପାଇଁ ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ମେଧାବୀ ପିଲାମାନଙ୍କର ସ୍ୱପ୍ନ ପୂରଣରେ ବାଧକ ସାଜିବନି ଅର୍ଥ। ପୂର୍ବରୁ ଅନୁସୂଚିତ ଜାତି ଓ ଜନଜାତି(ଏସସି ଓ ଏସଟି) ବର୍ଗର ପିଲାମାନଙ୍କୁ ମେଡିକାଲ ଓ ଇଞ୍ଜିନିୟରିଂ ସମେତ ବୈଷୟିକ ଶିକ୍ଷାନୁଷ୍ଠାନରେ ପ୍ରଚଳିତ ସଂରକ୍ଷଣ ହାରକୁ ପ୍ରାୟ ଦ୍ୱିଗୁଣ କରିଥିବା ମୋହନ ମାଝୀଙ୍କ ସରକାର ଆଜିପୁଣି ଥରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ନାମଲେଖା ଓ ତା'ପରବର୍ତ୍ତୀ ୬ମାସ ପର୍ଯ୍ୟନ୍ତ ଏସସି ଓ ଏସଟି ବର୍ଗର ଛାତ୍ରଛାତ୍ରୀମାନଙ୍କୁ କୌଣସି ଆଡମିଶନ, ଟ୍ୟୁସନ୍ କିମ୍ବା ଅନ୍ୟାନ୍ୟ ଫି' ଜମା କରିବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏନେଇ ରାଜ୍ୟ ସରକାର ଖୁବଶୀଘ୍ର ଏକ ଗାଇଡଲାଇନ୍ ଜାରି କରିବେ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ହାସଲ କରୁଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାମାନଙ୍କୁ ଏଣିକି ସରକାରୀ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ନାମଲେଖାବେଳେ ଓ ପରବର୍ତ୍ତୀ ୬ମାସ କୌଣସି ଫି' ଜମା କରିବାକୁ ପଡ଼ିବ ନାହିଁ। ଏହି ସଂରକ୍ଷିତ ବର୍ଗର ମେଧାବୀ ଛାତ୍ରଛାତ୍ରୀମାନେ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେବା ସତ୍ତ୍ୱେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାନ୍ତି। କିନ୍ତୁ, ଆଡମିଶନବେଳେ ଅର୍ଥ(ଫି) ଜମା କରିବା ପାଇଁ ସେମାନଙ୍କ ପାଖରେ ସମ୍ବଳ ନଥାଏ।

## ଉପ ମୁଖ୍ୟମନ୍ତ୍ରୀ ପଦବୀରେ କୌଣସି ଅନିୟମିତତା ନାହିଁ: ଏଜି

ଭୁବନେଶ୍ୱର, ୩୧/୮ (ନି.ପ୍ର): ଉପମୁଖ୍ୟମନ୍ତ୍ରୀ ପଦ ଅସାମ୍ବିଧାନିକ ଦର୍ଶାଇ ହାଇକୋର୍ଟରେ ମାମଲା ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ଏଜି ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ ପିଆଇଏଲ କରାଯିବା ଉଦ୍ଦେଶ୍ୟ ପ୍ରଣୋଦିତ । ଉପ ମୁଖ୍ୟମନ୍ତ୍ରୀ ପଦବୀରେ କୌଣସି ଅନିୟମିତତା ନାହିଁ। ଅନେକ ରାଜ୍ୟରେ ଉପମୁଖ୍ୟମନ୍ତ୍ରୀ ପଦବୀ ରହିଛି। ପୂର୍ବରୁ ଓଡ଼ିଶାରେ କଂଗ୍ରେସ ସମୟରେ ଉପମୁଖ୍ୟମନ୍ତ୍ରୀ ପଦବୀ ଥିଲା। ଶାସନକୁ ସୁପରିଚାଳନା ପାଇଁ ଏଭଳି ବ୍ୟବସ୍ଥା ରହିଛି। ମିନିଷ୍ଟର ପେ ଆଣ୍ଡ ଆଲଉନ୍ସ ନିୟମ ଅନୁସାରେ ସବୁ ହେଉଛି। ଫାଇନ ସହ ଏଭଳି ମାମଲାକୁ ଖାରଜ ପାଇଁ ଆମେ କହିବୁ।

## ଲଘୁଚାପ ବର୍ଷାରେ ବେହାଲ ଉପକୂଳ: ଶ୍ରେଣୀଗୃହରେ ଲହଡ଼ି ଭାଙ୍ଗୁଛି ବନ୍ୟାପାଣି, ସୁବର୍ଣ୍ଣରେଖାର ରୌଦ୍ରରୂପରେ ଥରହର ଉତ୍ତର ଓଡ଼ିଶା



ଭୁବନେଶ୍ୱର, ୩୧/୮ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷାରେ ଉପକୂଳରୁ ଉତ୍ତର ଓଡ଼ିଶା ଯାଏଁ ସବୁଠି ପ୍ରଳୟଙ୍କାରୀ ବନ୍ୟା ବିଭୀଷିକା । ପ୍ରକୃତିର କରାଳ ରୂପ ଆଗରେ ଏବେ ସାଧାରଣ ଜୀବନଯାତ୍ରା ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛି । ଗାଁ ଦାଣ୍ଡଠାରୁ ଆରମ୍ଭ କରି ଘରଦ୍ୱାର ସବୁଠି ଜଳାର୍ଣ୍ଣବ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଶିକ୍ଷା ବ୍ୟବସ୍ଥା ସବୁଠାରୁ ବଡ଼ ଝଟ୍?କା ପାଇଛି । ଯେଉଁ ବିଦ୍ୟାଳୟ ପରିସରରେ କୁନି କୁନି ପିଲାଙ୍କ କୋଳାହଳ ଶୁଭିବା କଥା, ସେଠାରେ ଏବେ ଆଣ୍ଠୁଏ ଉଚ୍ଚର ବନ୍ୟାପାଣି ଲହଡ଼ି ଭାଙ୍ଗୁଛି । ଶ୍ରେଣୀଗୃହ ଭିତରେ ବେଞ୍ଚ-ଡେସ୍କ ଭାସୁଛି, କଳାପଟା ପାଖରେ କାଦୁଅ ଓ ଅଳିଆ ଆବର୍ଜନାର ପାହାଡ଼ ଜମିଛି । ପିଲାଙ୍କ ଭବିଷ୍ୟତ ଗଢୁଥିବା ବିଦ୍ୟାର ମନ୍ଦିର ଏବେ ପୋଖରୀ ପାଲଟିଥିବାରୁ ମୁଖ୍ୟ ଫାଟକରେ ଝୁଲୁଛି ତାଲା । ବୈତରଣୀ ନଦୀର ଉଛୁଳା ଜଳ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକରେ ସର୍ବାଧିକ କ୍ଷୟକ୍ଷତି ଘଟାଇଛି । ପୂର୍ବ ବନ୍ୟାର କ୍ଷତ ଶୁଖିନଥିବା ବେଳେ ପୁନର୍ବାର ଲଘୁଚାପ ବର୍ଷା ସ୍ଥିତିକୁ ଆହୁରି ସଙ୍ଗିନ କରିଦେଇଛି । ଏହି ବ୍ଲକର ପ୍ରାୟ ୮୫ଟି ସ୍କୁଲରେ ତାଲା ଝୁଲୁଥିବା ବେଳେ ◆◆ପୃଷ୍ଠା ୭

## ସି' ମାଇନ୍ସ ସହ ଧକ୍କା ହେଲା ସୁପର ଟ୍ୟାଙ୍କର: ଦେଖୁ ଦେଖୁ ହେଲା ପାଉଁଶ



ନୂଆଦିଲ୍ଲୀ,୩୧/୮ : ହର୍ମୁଜ ପ୍ରଣାଳୀରେ ଏକ ସୁପରଟ୍ୟାଙ୍କର ଦୁଇଟି ମାଇନ୍ସ ସହ ଧକ୍କା ହୋଇଥିବା ନେଇ ଇରାନର ରିଭୋଲ୍ୟୁସନାରୀ ଗାର୍ଡ ଦାବି କରିଛି । ଆଇଆରଜିସିର କହିବା ଅନୁଯାଇ ଧକ୍କା ହେବା ପରେ ଜାହାଜରେ ଭୀଷଣ ନିଆଁ ଲାଗିଯାଇଥିଲା ଏବଂ ଏହାକୁ ରୋକିବାକୁ ପଡିଥିଲା । ଏହି ମାଇନ୍ସ ଗୁଡ଼ିକର ବିପଦକୁ ଦେଖି ଆମେରିକା ଇରାନର ଲାରକ୍ ଦ୍ୱୀପ ଉପରେ ଆକ୍ରମଣ କରିଥିଲା । ହର୍ମୁଜ ପ୍ରଣାଳୀରେ ଏକ ସୁପରଟ୍ୟାଙ୍କର ଦୁଇଟି ନୌସେନା ମାଇନ୍ସ ସହ ଧକ୍କା ହେବା ପରେ ସେଥିରେ ଭୀଷଣ ନିଆଁ ଲାଗିଯାଇଥିଲା । ଇରାନର ରିଭୋଲ୍ୟୁସନାରୀ ଗାର୍ଡ ଦାବି ମୁତାବକ ସୋମବାର ଦିନ ହର୍ମୁଜ ପ୍ରଣାଳୀର ଦକ୍ଷିଣ ଭାଗରେ ଥିବା ଏକ ପଥ ଦେଇ ଯିବାକୁ ଉଦ୍ୟମ କରିଥିଲା, ଯାହାକୁ ଇରାନ ଅନଧିକୃତ ଏବଂ ବେଆଇନ ବୋଲି ବିବେଚନା କରେ । ଏହି ସମୟରେ, ସୁପରଟ୍ୟାଙ୍କରଟି ଦୁଇଟି ମାଇନ୍ସ ଉପର ଦେଇ ଯିବାକୁ ଚେଷ୍ଟା କରିଥିଲା, ଯାହା ଫଳରେ ଜାହାଜରେ ସଂପୂର୍ଣ୍ଣ ରୂପେ ନିଆଁ ଲାଗିଯାଇଥିଲା। ଏହି ଜାହାଜଟିର ନାମ ତଥା ପତାକା କିମ୍ବା ସାମଗ୍ରୀ ବିଷୟରେ କୌଣସି ବିବରଣୀ ପ୍ରଦାନ କରାଯାଇନି । ଏହି ଘଟଣାରେ କୌଣସି ଧନ ଜୀବନ ହାନୀ ହୋଇନଥିବା ଜଣାପଡିଛି । ଆଇଆରଜିସି ଅନ୍ୟ ଜାହାଜ ମାନଙ୍କୁ ଚେତାବନୀ ଦେଇ କହିଛନ୍ତି କି ଇରାନ ଦ୍ୱାରା ନିର୍ଦ୍ଧାରିତ ନୌଚାଳନା ନିୟମ ଉଲ୍ଲଂଘନ କରୁଥିବା ଅନ୍ୟ ଜାହାଜଗୁଡ଼ିକ ମଧ୍ୟ ସମାନ ପରିଣାମର ସମ୍ମୁଖୀନ ହୋଇପାରନ୍ତି ।

# ଅତ୍ୟଧିକ ଲେସ୍‌ରେ ଟେଣ୍ଡରକୁ ଠିକାଦାରଙ୍କ ବିରୋଧ

ମାଲକାନଗିରି,୩୧/୦୮ (ନି.ପ୍ର): ସରକାରୀ ଉନ୍ନୟନମୂଳକ କାର୍ଯ୍ୟର ଟେଣ୍ଡରରେ ଅତ୍ୟଧିକ କମ୍ ଦର (ଲେସ୍) ଦାଖଲକୁ ନେଇ ଠିକାଦାର ମହଲରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ରବିବାର ଏମ୍ଭି-୭୯ଠାରେ ବିଭିନ୍ନ ଅଂଚଳର ଠିକାଦାରମାନେ ଏକାଠି ହୋଇ ଆଲୋଚନା କରିଥିଲେ। ଅତ୍ୟଧିକ କମ୍ ଦରରେ କାମ ନେଲେ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ନିର୍ମାଣ କାମ ସମ୍ଭବ କି ନାହିଁ, ତାହାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଠିକାଦାରମାନଙ୍କ ସୂଚନା ଅନୁଯାୟୀ, ଜିଲ୍ଲାର ଚିତ୍ରକୋଣ୍ଡା ଡିଭିଜନ୍ ର ୨ଟି, ବାଲିମେଳା ପୋଟେରୁ ଇରିଗେସନ୍ ପ୍ରୋଜେକ୍ଟର ୩ଟି ଏବଂ ଏମ୍ଭି-୭୯ ପୋଟେରୁ ଡିଭିଜନ୍ ର ୫ଟି କାର୍ଯ୍ୟକୁ ମିଶାଇ ମୋଟ୍ ୧୦ଟି କାମ ପାଇଁ ଟେଣ୍ଡର ଆହ୍ୱାନ ହୋଇଛି। ଏଥିରେ କେତେକ ଠିକାଦାର ଅତ୍ୟଧିକ କମ୍ ଦରରେ ଟେଣ୍ଡର ଦାଖଲ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ୧୧୫ ସିଡ୍ୟୁଲ୍ ରେଟ୍ ରେ, ୪-୫ ଜଣଙ୍କ ଲେସ୍ କୁ ନେଇ ଆପତି ଠିକାଦାରଙ୍କ କହିବାନୁଯାୟୀ, ପ୍ରାୟ ୧୧୫ ଜଣ ସିଡ୍ୟୁଲ୍ ରେଟ୍ ରେ ଟେଣ୍ଡର ଦାଖଲ କରିଥିବା ବେଳେ ୪ରୁ ୫ ଜଣ ଠିକାଦାର ଅତ୍ୟଧିକ ଲେସ୍ ରେ ଟେଣ୍ଡର ଦାଖଲ କରିଛନ୍ତି। ଏଭଳି ପ୍ରତିଯୋଗିତା ଟେଣ୍ଡର ପ୍ରକ୍ରିୟାରେ ଅସମତୁଳନ ସୃଷ୍ଟି କରୁଥିବା ସେମାନେ ମତ ଦେଇଛନ୍ତି। ଅତ୍ୟଧିକ କମ୍ ଦରରେ କାମ ନେଲେ ଏଷ୍ଟିମେଟ୍ ଅନୁଯାୟୀ ଗୁଣାତ୍ମକ ସାମଗ୍ରୀ ବ୍ୟବହାର, ଶ୍ରମିକ ମଜୁରି, ପରିବହନ ଓ ଅନ୍ୟାନ୍ୟ ଖର୍ଚ୍ଚ ପରିଚାଳନାରେ ସମସ୍ୟା ହୋଇପାରେ। ଏହାର ପ୍ରଭାବ କାମର ଗୁଣବତା ଓ ସ୍ଥାୟୀତ୍ୱ ଉପରେ ପଡ଼ିବା ଆଶଙ୍କା ରହିଥିବା ସେମାନେ କହିଛନ୍ତି। ତେଣୁ କେବଳ ସର୍ବନିମ୍ନ ଦରକୁ ଆଧାର ନକରି ଟେଣ୍ଡରଦାତାଙ୍କ ବୈଷୟିକ ଯୋଗ୍ୟତା, କାମର ମାନ, ନିର୍ମାଣ ମାନଦଣ୍ଡ ଓ ଗୁଣନିୟନ୍ତ୍ରଣ ଆଦି ଦିଗକୁ ବିଚାରକୁ ନେବାକୁ ଠିକାଦାରମାନେ ଦାବି କରିଛନ୍ତି। ବର୍ତମାନ ଟେଣ୍ଡର ପ୍ରକ୍ରିୟା ପରେ ଏଗ୍ରିମେଂଟ ଓ କାର୍ଯ୍ୟାଦେଶ ପର୍ଯ୍ୟାୟ ଆସୁଥିବାରୁ ଠିକାଦାରଙ୍କ ଅସନ୍ତୋଷ ଆଗକୁ କେଉଁ ରୂପ ନେବ, ତାହା ଉପରେ ନଜର ରହିଛି। ଏପରି ସ୍ଥିତିରେ ଅତ୍ୟଧିକ କମ୍ ଦରରେ ଦାଖଲ ହୋଇଥିବା ଟେଣ୍ଡରଗୁଡ଼ିକୁ ବିଭାଗ ନିୟମାନୁଯାୟୀ ଯାଂଚ୍ କରିବା ସହ ନିର୍ମାଣ କାର୍ଯ୍ୟର ମାନ ଓ ସରକାରୀ ନିୟମାବଳୀକୁ ପ୍ରାଥମିକତା ଦେବାକୁ ଠିକାଦାରମାନେ ଦାବି କରିଛନ୍ତି।

# କେ-ମାଲିଗୁଡା ଗ୍ରାମବାସୀଙ୍କ ଦୁଃଖ ପାଲଟିଛି ଭଙ୍ଗା ଡ୍ୟାମ

ଜୟପୁର, ୩୧/୮ (ନି.ପ୍ର): ବୈପାରୀଗୁଡା ବ୍ଲକ କେ-ମାଲିଗୁଡା ଗ୍ରାମବାସୀଙ୍କ ଦୁଃଖ ପାଲଟିଛି ଭଙ୍ଗା ଡ୍ୟାମ ଯାହାକୁ ନେଇ ଚାଷୀ ଓ ଗ୍ରାମବାସୀ ସମସ୍ୟା ରେ ପଡୁଛନ୍ତି। ଚାଷୀ ଦେଶର ମେରୁଦଣ୍ଡ। ଚାଷୀର ଉନ୍ନତିରେ ଦେଶର ପ୍ରଗତି। ତେଣୁ ଚାଷୀଙ୍କ ଉନ୍ନତି ତଥା ଉନ୍ନତଧରଣର ଚାଷ ପ୍ରଣାଳୀ ପାଇଁ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି। ଚାଷ ଜମିଗୁଡିକ ଜଳ ସେଚିତ ହୋଇ ପାରିଲେ ସୁବିଧାରେ ଅଧିକ ପରିମାଣର ଫସଲ ଅମଳ ହେବା ସହ ଚାଷୀଙ୍କର ଉନ୍ନତି ହୋଇପାରିବ। ତେଣୁ ଜମିଗୁଡିକୁ ଜଳସେଚନର ସୁବିଧା କରିବାକୁ କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ଚେକ୍ ଡ୍ୟାମ୍ ଆଦି ପ୍ରକଳ୍ପ ନିର୍ମାଣ କରିବାକୁ ସରକାର ଲକ୍ଷାଧିକ ଟଙ୍କା ଅନୁଦାନ ଦେଉଛନ୍ତି। କିନ୍ତୁ କେତେଜଣ ବିଭାଗୀୟ କର୍ମଚାରୀଙ୍କ ଅପାରଗତା ଯୋଗୁ ସେସବୁ ଯୋଜନାର ସୁଫଳ ଚାଷୀଙ୍କୁ ମିଳିପାରୁ ନ ଥିବା ଅଭିଯୋଗ ହେଉଛି। ଦୀର୍ଘ ଏକ ବର୍ଷ ହେବ ଡ୍ୟାମ ଭାଂଗିଛି କିନ୍ତୁ ମରାମତି ଦିଗରେ ପ୍ରଶାସନ ଚୁପ ବସିଛି ବୋଲି ଅଭିଯୋଗ ହୋଇଛି। ଯାହାର ଜ୍ୱଳନ୍ତ ଉଦାହରଣ କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ବୋଦାପୁଟ ପଂଚାୟତ କେ-ମାଲିଗୁଡା ଠାରେ ଦେଖିବାକୁ ମିଳିଛି। କେ-ମାଲିଗୁଡା ଗ୍ରାମବାସୀଙ୍କ ଦୁଃଖ ପାଲଟିଛି ଭଙ୍ଗା ଡ୍ୟାମ। ଗତ ବର୍ଷ ଲଗାଣ ବର୍ଷାରେ କେ ମାଲିଗୁଡା ଡ୍ୟାମ ଗେଟ ସମ୍ପୂର୍ଣ୍ଣ ଭାଙ୍ଗିଛି। ଗାଁ ଲୋକେ ବାରମ୍ବାର ମରାମତି ଦାବୀ କଲେ ବି କେହି କର୍ଣ୍ଣପାତ କରୁନଥିବା ଜଣାପଡିଛି। ଏହି ଗାଁ ରେ ପ୍ରାୟ ଏକ ଶହ କୋଡିଏ ପରିବାର ବସବାସ କରନ୍ତି। ସମସ୍ତେ ହେଉଛନ୍ତି ମାଲି ସମ୍ପ୍ରଦାୟ ଲୋକ। ଏମାମଙ୍କ ମୁଖ୍ୟ ଜୀବିକା ହେଲା ପରିବା ଚାଷ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାଇ,ଏହି ପ୍ରୋଜେକ୍ଟର ରକ୍ଷଣାବେକ୍ଷଣ ଅଭାବରୁ ବ୍ୟାପକ ନଷ୍ଟ ହୋଇଛି। ଗତ କୋଡିଏ ବର୍ଷ ତଳେ ଏହି ଡ୍ୟାମ ମରାମତି ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ବୋଦାପୁଟ ପଂଚାୟତର କେ ମାଲିଗୁଡା ସମତ ଆଖ ପାଖ ୬ ଖଣ୍ଡ ଗାଁ କୁସପାର, ଚିକିମା, କୁରୁକୁଟି, ରାଉଲିଗୁଡା, ରାଉତଗୁଡା ଭଳି ବିଭିନ୍ନ ଗାଁ ଜମିରେ ଜଳ ସେଚିତ ହୋଇଥାଏ। କିନ୍ତୁ ଡ୍ୟାମ ଭାଙ୍ଗିବା ଯୋଗୁଁ ହନ୍ତସନ୍ତ ହେଉଛନ୍ତି ଅଂଚଳ ବାସି। ଏହି ସ୍ଥାନରେ ସ୍ଥାୟୀ ପ୍ରତିକାର ପାଇଁ ଚାଷୀମାନେ ଦାବି କରିଛନ୍ତି।

# ବଲାଙ୍ଗୀର ଜିଲ୍ଲା କୁମ୍ଭାର ସମାଜର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର, ୩୧/୮ (ନି.ପ୍ର): ବଲାଙ୍ଗୀର ଜିଲ୍ଲା କୁମ୍ଭାର ସମାଜର କାର୍ଯ୍ୟକାରିଣୀ ବୈଠକ ଟିକ୍ରାପଡ଼ା - ସଇଁନ୍ତଲା ବ୍ଲକ ଟିକ୍ରାପଡ଼ା ଶିବ ମନ୍ଦିର ଠାରେ ବଲାଙ୍ଗୀର ଜିଲ୍ଲା କୁମ୍ଭାର ସମାଜର କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ଅକ୍ଷୟ ରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସର୍ବପ୍ରଥମେ ଇଷ୍ଟଦେବୀ ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କ ଠାରେ ପ୍ରଦୀପ ପ୍ରଜ୍ଜଳନ କରାଯାଇଥିଲା। ପ୍ରଥମେ ଜିଲ୍ଲା ସମ୍ପାଦକ ଅନିଲ ରଣା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରତ୍ୟେକ ବ୍ଲକର ସଭାପତି ନିଜସ୍ୱ ମତାମତ ଉପସ୍ଥାପନ କରିଥିଲେ। ଉପଖଣ୍ଡ ସଭାପତି କୃଷ୍ଣଚନ୍ଦ୍ର ରଣା ଓ ବରୁଣ ସଂଗଠନ ସୁଦୃଢ଼ କରିବା ପାଇଁ ମତାମତ ରଖିଥିଲେ। ଆଇନ ପରାମର୍ଶଦାତା ଅରୁଣ ରଣା ଦେବାଶିଷ ରଣା ଚାରିଟେବୁଲ ଟ୍ରଷ୍ଟକୁ ଆର୍ଥିକ ସହଯୋଗ କାମନା କରିଥିଲେ। ସଭାପତି ଆଗାମୀ କାର୍ଯ୍ୟପନ୍ଥା ଯଥା ନିୟମିତ ପ୍ରତ୍ୟେକ ବ୍ଲକରେ ଜିଲ୍ଲା ବୈଠକ ଆୟୋଜନ, ନୁଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି, ବାର୍ଷିକ ବିବରଣୀ ଉପସ୍ଥାପନ ପାଇଁ ମତବ୍ୟକ୍ତ କରିଥିଲେ ଓ ଏହାକୁ ସର୍ବସମ୍ମର୍ତି କ୍ରମେ ପାରିତ କରାଯାଇଥିଲା। ଏହି ବୈଠକରେ ବିଭିନ୍ନ ବ୍ଲକ କାର୍ଯ୍ୟକର୍ତା ନିଧି ରଣା, ଧନଞ୍ଜୟ ରଣା, ରମେଶ ରଣା, ପ୍ରମୋଦ ରଣା, ଟଙ୍କଧର ରଣା, ଗୌରୀଶଙ୍କର ରଣା, ସୁରେନ୍ଦ୍ର ରଣା, ତେଜୁ ରଣା, ଅନାଦି ରଣା, ଶଶୀଭୂଷଣ, ଖଗେଶ୍ୱର ରଣାଙ୍କ ସମେତ ଜିଲ୍ଲା କାର୍ଯ୍ୟକାରିଣୀର ସମସ୍ତ କର୍ମକର୍ତା ଉପସ୍ଥିତ ଥିଲେ।

# ଅଗ୍ରଣୀ କମ୍ପ୍ୟୁଟର ଶିକ୍ଷା ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ପତ୍ର



ସମ୍ବଲପୁର,୩୧/୦୮ (ନି.ପ୍ର): ଓଡ଼ିଶାର ଶିକ୍ଷା, ଆଇଟି ଏବଂ ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମକୁ ଅଧିକ ସୁଦୃଢ଼ କରିବା ପାଇଁ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦୁଇଟି ପୃଥକ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ 'ସେଣ୍ଟର ଫର ଡେଭଲପମେଂଟ ଅଫ ଆଡଭାନ୍ସଡ କମ୍ପ୍ୟୁଟିଂ' ( ସି- ଡିଏସି) ର ଏକ ଆଂଚଳିକ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଅନୁରୋଧ କରିବା ସହ ସମ୍ବଲପୁର ସ୍ଥିତ 'ସଫ୍ଟୱେର ଟେକ୍ନୋଲୋଜି ପାର୍କସ ଅଫ ଇଣ୍ଡିଆ' (ଏସଟିପିଆଇ) କେନ୍ଦ୍ରର ସମ୍ପ୍ରସାରଣ କରିବା ପାଇଁ ସାଂସଦ ଶ୍ରୀ ପ୍ରଧାନ ଆଗ୍ରହ ପ୍ରକାଶ କରିଛନ୍ତି। ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ 'ସେଂଟର ଫର ଡେଭଲପମେଂଟ ଅଫ ଆଡଭାନ୍ସଡ କମ୍ପ୍ୟୁଟିଂ' ହେଉଛି ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ଅଗ୍ରଣୀ ଗବେଷଣା ଓ ବିକାଶ ସଂସ୍ଥା। ଏହା 'ପରମ' ସୁପର କମ୍ପ୍ୟୁଟର ଶୃଙ୍ଖଳା, ଭାରତୀୟ ଭାଷା କମ୍ପ୍ୟୁଟିଂ, ସାଇବର ସୁରକ୍ଷା, ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ) ଏବଂ ହାଇ-ପରଫରମାନ୍ସ କମ୍ପ୍ୟୁଟିଂ (ଏଚପିସି) କ୍ଷେତ୍ରରେ ଦେଶକୁ ସ୍ୱାବଲମ୍ବୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେ କହିଛନ୍ତି ଯେ, ସମ୍ବଲପୁର ହେଉଛି ପଶ୍ଚିମ ଓଡ଼ିଶାର ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଓ ଅର୍ଥନୀତିର ପ୍ରମୁଖ କେନ୍ଦ୍ର। ଏଠାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଆଇଆଇଏମ ସମ୍ବଲପୁର, ଭିସୁଟ ବୁର୍ଲା, ଭିମସାର, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏବଂ ଓୟୁଏଟି ଚିପିଲିମା କ୍ୟାମ୍ପସ ପରି ଉଚ୍ଚତର ଅନୁଷ୍ଠାନ ଗୁଡ଼ିକ ଉତ୍କୃଷ୍ଟ ଶିକ୍ଷାଦାନ ଓ ଗବେଷଣାର ପରିବେଶ ସୃଷ୍ଟି କରୁଛନ୍ତି। ସେଣ୍ଟର ଫର ଡେଭଲପମେଂଟ ଅଫ ଆଡଭାନ୍ସଡ କମ୍ପ୍ୟୁଟିଂ'ର ହାଇ-ପରଫରମାନ୍ସ କମ୍ପ୍ୟୁଟିଂ ସୁବିଧା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରର କମ୍ପ୍ୟୁଟର ସାଇନ୍ସ ଓ ଏମସିଏ ବିଭାଗ ସହିତ ଯୋଡ଼ିହେଲେ ଡାଟା ଆନାଲିଟିକ୍ସ, କ୍ଲାଉଡ୍ ଇନ୍ଫ୍ରାଷ୍ଟ୍ରକ୍ଚର ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଗବେଷଣା ବହୁଗୁଣିତ ହେବ। ଏହି କେନ୍ଦ୍ର ଏଆଇ, ସାଇବର ସୁରକ୍ଷା, ଭାରତୀୟ ଭାଷା ଟେକ୍ନୋଲୋଜି ଏବଂ ଡିଜିଟାଲ ସମସ୍ୟାର ସମାଧାନ କ୍ଷେତ୍ରରେ ଶିକ୍ଷାନୁଷ୍ଠାନ, ଷ୍ଟାର୍ଟଅପ୍, ଶିଳ୍ପସଂସ୍ଥା ଓ ସରକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି କରିବ। ଏହା ସହିତ ନୂତନ କୌଶଳସମ୍ପନ୍ନ ମାନବସମ୍ବଳ ସୃଷ୍ଟି ହେବ ବୋଲି ସେ କହିଛନ୍ତି।ସେହିପରି ଶ୍ରୀ ପ୍ରଧାନ ଅନ୍ୟ ଏକ ପୃଥକ ପତ୍ରରେ ସମ୍ବଲପୁର ସ୍ଥିତ 'ସଫ୍ଟୱେର ଟେକ୍ନୋଲୋଜି ପାର୍କସ ଅଫ ଇଣ୍ଡିଆ' (ଏସଟିପିଆଇ) କେନ୍ଦ୍ରକୁ ଏକ ଭବିଷ୍ୟତମୁଖୀ ଆଇଟି, ଇଏସଡିଏମ (ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଡିଜାଇନ ଆଣ୍ଡ୍ ମ୍ୟାନୁଫାକ୍ଚରିଂ) ଏବଂ ଇନୋଭେସନ ହବ୍ରେ ପରିଣତ କରିବାକୁ ସେ ଅନୁରୋଧ କରିଛନ୍ତି। ସେ ପତ୍ରରେ ଦର୍ଶାଇଛନ୍ତି, ସମ୍ବଲପୁର ଓ ଏହାର ପାର୍ଶ୍ୱବର୍ତୀ ଅଂଚଳରେ ଆଇଟି, ଇଏସଡିଏମ, ସେମିକଣ୍ଡକ୍ଟର ଡିଜାଇନ ଏବଂ ଡିଜିଟାଲ ଭିତିଭୂମି କ୍ଷେତ୍ରରେ ପ୍ରଚୁର ସମ୍ଭାବନା ରହିଛି। ପ୍ରଚଳିତ ଏସଟିପିଆଇ କେନ୍ଦ୍ର ଅଂଚଳର ଡିଜିଟାଲ ଅର୍ଥନୀତିକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବି ଆଇଟି, ଷ୍ଟାର୍ଟଅପ୍, ଏଆଇ, ସେମିକଣ୍ଡକ୍ଟର ଡିଜାଇନ ଏବଂ ଡିଜିଟାଲ ସେବା କ୍ଷେତ୍ରରେ ବୃଦ୍ଧି ପାଉଥିବା ସୁଯୋଗକୁ ଦୃଷ୍ଟିରେ ରଖି ଏହାର କଳେବର ବୃଦ୍ଧି କରିବା ଅତ୍ୟନ୍ତ ଜରୁରୀ। ସେମିକଣ୍ଡକ୍ଟର ଡିଜାଇନ, ଏଆଇ, ଆଇଟି ଏବଂ ଜିସିସି କ୍ଷେତ୍ରରେ ବୃଦ୍ଧି ପାଉଥିବା ସୁଯୋଗକୁ ଦୃଷ୍ଟିରେ ରଖି ଏସଟିପିଆଇର ସମ୍ପ୍ରସାରଣ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କ ପାଇଁ ଉଚ୍ଚମାନର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏସଟିପିଆଇ କେନ୍ଦ୍ରର ସମ୍ପ୍ରସାରଣ ଦ୍ୱାରା ଟେକ୍ନୋଲୋଜି ସଂସ୍ଥା, ଷ୍ଟାର୍ଟଅପ୍, ଇନକ୍ୟୁବେସନ, ଦକ୍ଷତା ବିକାଶ ଏବଂ ଇନୋଭେସନକୁ ପ୍ରୋତ୍ସାହନ ମିଳିବ। ସମ୍ବଲପୁରରେ ସି-ଡିଏସି କେନ୍ଦ୍ର ସ୍ଥାପନ ଏବଂ ଏସଟିପିଆଇର ଆଧୁନିକୀକରଣ ଫଳରେ ସମଗ୍ର ଓଡ଼ିଶାର ଡିଜିଟାଲ୍ ଓ ଟେକ୍ନୋଲୋଜି ଇକୋସିଷ୍ଟମ ମଜବୁତ ହେବା ସହ ଭାରତକୁ ବିଶ୍ୱସ୍ତରୀୟ ଟେକ୍ନୋଲୋଜି ହବ୍ ଭାବେ ଗଢ଼ିତୋଳିବାରେ ସହାୟକ ହେବ ବୋଲି ସାଂସଦ ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି।

# ନାଟ୍ୟକାର ପ୍ରମୋଦ ତ୍ରିପାଠୀଙ୍କ ସ୍ମୃତିରେ ପ୍ରମୋଦନାମା ଆୟୋଜିତ

ସମ୍ବଲପୁର,୩୧/୦୮ (ନି.ପ୍ର): ସମ୍ବଲପୁର ସହରର ପ୍ରମୋଦ ତ୍ରିପାଠୀ ସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ ନାଟ୍ୟକାର ପ୍ରମୋଦ ତ୍ରିପାଠୀଙ୍କ ସ୍ମୃତିରେ ' ପ୍ରମୋଦ ନାମା ' ଆୟୋଜିତ ହୋଇଯାଇଛି। ସ୍ମୃତି ସଂସଦର ଆବାହକ ବିଶିଷ୍ଟ ନାଟ୍ୟବିତ ଡ଼. ଦ୍ୱାରିକା ନାଥ ନାୟକଙ୍କ ପରିଚାଳନାରେ ସମ୍ବଲପୁର କଳା କେନ୍ଦ୍ର ସଭାଗୃହରେ ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ ସଂସ୍କୃତି ଗବେଷକ ଡ଼. ଶ୍ୟାମସୁନ୍ଦର ଧର। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବ୍ୟଙ୍ଗକବି ତଥା ଅଭିନେତା ମନୋରଞ୍ଜନ ସାହୁ, ମୁଖ୍ୟବକ୍ତା ଭାବରେ ପ୍ରଧାପକ ଡ଼. ରଞ୍ଜନ ସେଠୀ, ସମ୍ମାନିତ ଅତିଥି ଭାବରେ ଅଭିନେତା ତଥା ଅବସରପ୍ରାପ୍ତ ଅଧକ୍ଷ ପ୍ରଦ୍ୟୁମ୍ନ ଦାସ ଓ ନାଟ୍ୟ ସମାଲୋଚକ ମୋହନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନାଟ୍ୟ କ୍ଷେତ୍ରରେ ଅଶେଷ ଅବଦାନ ପାଇଁ ତଥା ନାଟ୍ୟକାର ପ୍ରମୋଦ ତ୍ରିପାଠୀଙ୍କ ନାଟକ ସହ ଜଡିତ ନାଟ୍ୟ ପ୍ରତିଭା ପୂର୍ଣ୍ଣଚନ୍ଦ୍ର ଦାସ ଓ ନାଟ୍ୟକାର ଓ ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାୟକଙ୍କୁ ପ୍ରମୋଦ ତ୍ରିପାଠୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ବକ୍ତାମାନେ ନାଟ୍ୟକାର ପ୍ରମୋଦ ତ୍ରିପାଠୀଙ୍କ ନାଟ୍ୟ ସୃଷ୍ଟି ବିଷୟରେ ଆଲୋକପାତ କରିବା ସହ ନାଟ୍ୟକାରଙ୍କ ନାଟକ ଗୁଡିକର ଆହୁରି ଗବେଷଣା ହେବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ତାଙ୍କର ନାଟକ ଗୁଡିକରେ ବିଶେଷ ଭାବରେ ଯେଉଁ ଦର୍ଶନୀୟ ଭାବ ଓ ଆବେଗ ଥିଲା ତାହା ଏବେ ବହୁ ବିରଳ ବୋଲି କହିଥିଲେ। ଏହି ଅବସରରେ ନାଟ୍ୟକାର ତ୍ରିପାଠୀଙ୍କର ବାଲ୍ୟବନ୍ଧୁ ବିଶିଷ୍ଟ ସାହିତ୍ୟିକ ପ୍ରଦୀପ ପଣ୍ଡା ମଧ ତାଙ୍କର ନାଟକରେ ସାମ୍ୟବାଦୀ ଦର୍ଶନ ଉପରେ ମତବ୍ୟକ୍ତ କରିଥିଲେ। ଏଥି ସହ ଆଗାମୀ ଦିନରେ ପ୍ରମୋଦ ତ୍ରିପାଠୀଙ୍କ ନାଟକ ଗୁଡିକର ମଂଚସ୍ଥ ହେବାର ଯୋଜନା ପ୍ରସ୍ତୁତ କରିବା ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ ବୃନ୍ଦାବନ ମିଶ୍ର।

# ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ତାଲା: ଖଜଣା ବାନ୍ଧିବାକୁ ଆସି ଚାଷୀ ନିରାଶ

ମାଲକାନଗିରି,୩୧/୦୮ (ନି.ପ୍ର): ଚାଷୀଙ୍କ ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା କରିଥିବା ବେଳେ ମାଥିଲି ତହସିଲ ଅଂଚଳରେ ରାଜସ୍ୱ ବିଭାଗର କାର୍ଯ୍ୟାଳୟକୁ ନେଇ ଚାଷୀ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ବିଶେଷକରି ଖରିଫ ଧାନ ମଣ୍ଡିରେ ବିକ୍ରି ପାଇଁ ମଣ୍ଡି କାର୍ଡ ପଞ୍ଜିକରଣ କରିବାକୁ ଚଳିତ ବର୍ଷର ଖଜଣା ବାନ୍ଧିବା ଆବଶ୍ୟକ ଥିବାବେଳେ ଆରଆଇ କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ଚାଷୀ ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି। ମାଥିଲି ତହସିଲ ଅଧୀନରେ ମାଥିଲି, ଧୁଙ୍ଗିଆପୁଟ, କିଆଙ୍ଗ, ସାଲିମି, ମହୁପଦର, ଭଣ୍ଡାରୀପାଙ୍ଗାମ, ଚେଡେଙ୍ଗା ଓ ପାଙ୍ଗାମ ଭଳି ୮ଟି ଆରଆଇ ସର୍କଲ ରହିଛି। ଏହି ସର୍କଲଗୁଡ଼ିକ ଅଧୀନରେ ୧୪୪ଟି ରାଜସ୍ୱ ଗ୍ରାମ ଓ ୧୩୮ଟି ପଡ଼ା ରହିଛି। ଅଧିକାଂଶ ଆଦିବାସୀ ଅଧୁଷିତ ଏହି ଅଂଚଳରେ ବହୁ ସଂଖ୍ୟକ ଚାଷୀ ରହୁଛନ୍ତି। ଚଳିତ ଖରିଫ ଋତୁରେ ସମବାୟ ସମିତି ପକ୍ଷରୁ ମଣ୍ଡି କାର୍ଡ ପଞ୍ଜିକରଣ ଚାଲିଛି। ଏଥିପାଇଁ ଜମିର ଚଳିତ ବର୍ଷର ଖଜଣା ବାନ୍ଧିବା ଜରୁରୀ। ହେଲେ ଆରଆଇ କାର୍ଯ୍ୟାଳୟକୁ ଯାଇ ଚାଷୀମାନେ ତାଲା ଝୁଲୁଥିବା ଦେଖି ଫେରୁଥିବା ଅଭିଯୋଗ ହୋଇଛି। ଫଳରେ ବାଧ ହୋଇ ନିକଟସ୍ଥ ଗ୍ରାହକ ସେବା କେନ୍ଦ୍ରରେ ଅତିରିକ୍ତ ଟଙ୍କା ଖର୍ଚ୍ଚ କରି ଖଜଣା ବାନ୍ଧୁଥିବା ଚାଷୀମାନେ କହିଛନ୍ତି। ଗତବର୍ଷ ମାଥିଲି ତହସିଲ ଅଂଚଳରୁ ୭୩୯୮ଜଣ ପଞ୍ଜିକରଣ କରି ସରକାରୀ ମଣ୍ଡିରେ ଧାନ ବିକ୍ରି କରିଥିଲେ। ଏପରି ସ୍ଥିତିରେ ଆରଆଇ କାର୍ଯ୍ୟାଳୟରେ ଅଧିକାରୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ନମିଳିବା ଚାଷୀଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ଏନେଇ ମାଥିଲି ତହସିଲଦାର ସୁଶ୍ରୀ ମାନସୀ ଭୋଇଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶକ୍ରମେ ଆରଆଇ, ଏଆରଆଇ ଓ ଅମିନମାନେ ବର୍ତମାନ ଗାଁ ଗାଁକୁ ଯାଇ କ୍ଷେତ୍ର ପରିଦର୍ଶନ ସହ ବକେୟା ରାଜସ୍ୱ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ତେବେ କେଉଁ ଦିନ କେଉଁ ଆରଆଇ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ, ସେ ସମ୍ପର୍କରେ କାର୍ଯ୍ୟାଳୟ ସମ୍ମୁଖରେ ସୂଚନା ଦେବାର ନିୟମ ଥିଲେ ମଧ ତାହା କରାଯାଇନଥିବା ସେ ସ୍ୱୀକାର କରିଛନ୍ତି। ଆଗାମୀ ଦିନରେ ପ୍ରତ୍ୟେକ ଆରଆଇ କାର୍ଯ୍ୟାଳୟ ସମ୍ମୁଖରେ ଏକ ସୂଚନା ବୋର୍ଡ ଲଗାଯିବ। ସେଥିରେ କେଉଁ ଦିନ କେଉଁ ଅଧିକାରୀ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ, ତାହା ସ୍ପଷ୍ଟ ଭାବେ ଉଲ୍ଲେଖ ରହିବ ବୋଲି ତହସିଲଦାର କହିଛନ୍ତି। ଏହାଦ୍ୱାରା ୮ଟି ଆରଆଇ ସର୍କଲର ଚାଷୀ ଓ ସାଧାରଣ ଲୋକଙ୍କ ଜମିଜମା ସମେତ ରାଜସ୍ୱ ସମ୍ପର୍କିତ କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# ସାହିତ୍ୟ କର୍ମଶାଳା ଅନୁଷ୍ଠିତ

ଜୟପୁର,୩୧/୦୮ (ନି. ପ୍ର): ନୂଆ ପିଢ଼ିଙ୍କୁ ନେଇ ଭୁବନେଶ୍ୱର ପାଣିଗ୍ରାହୀ ସ୍ମୃତି ସଂସଦ ଦ୍ୱାରା ଏକ ସାହିତ୍ୟ କର୍ମଶାଳା ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ କୋରାପୁଟ, ଜୟପୁର ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଅନୁଷ୍ଠାନର ସଭାପତି ଜାନକୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ସମ୍ପାଦକ ଡ଼. ସୁଧାଂଶୁ ପଟନାୟକ ବାରିଷ୍ଠ ଶିଶୁ ସାହିତ୍ୟିକ ଶ୍ରୀମତୀ କୁମୁଦମାଳା ମହାନ୍ତି, ସମ୍ମାନୀତ ଅତିଥି ବିଶିଷ୍ଟ ଲେଖକ ଜଳଧର ସ୍ୱାଇଁ ପୂର୍ବତନ ଓଡ଼ିଶା ସାହିତ୍ୟ ଏକାଡେମି ସଦସ୍ୟ ସୁ ସାହିତ୍ୟିକ ଲକ୍ଷ୍ମୀକାନ୍ତ ପାଢ଼ୀ ଏବଂ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ କୋରାପୁଟ, ଜୟପୁର ଅନୁଷ୍ଠାନର ଅଧକ୍ଷା ଶ୍ରୀମତୀ ମମତା ଝୁଡିଆ ଉପସ୍ଥିତ ଥିଲେ। ମଂଚାସୀନ ଅତିଥିଙ୍କ ଉପସ୍ଥିତିରେ କବିତା ଏବଂ ସାହିତ୍ୟ ର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। କବିତା କିପରି ଲେଖିବା, କେଉଁ କେଉଁ ଦିଗ ପ୍ରତି ଯତ୍ନବାନ ହେବା ଆବଶ୍ୟକ ଏବଂ କ'ଣ କଲେ ଜଣେ ଲେଖିବା ଆରମ୍ଭ କରିପାରିବ ତାହା ଉପରେ ଆଲୋଚନା କରାଯାଇ ପିଲାଙ୍କୁ କବିତା ଲେଖିବା ପାଇଁ ପ୍ରଶିକ୍ଷକ ମାନଙ୍କ ଦ୍ୱାରା କୁହାଯାଇଥିଲା। ଏହି ସାହିତ୍ୟ କର୍ମଶାଳା ସମ୍ମିଳନୀରେ ନବେରୁ ଉର୍ଦ୍ଧ୍ୱ ସାହିତ୍ୟିକ ଏବଂ ଛାତ୍ର ଉପସ୍ଥିତ ଥିଲେ। ମଂଚ ଆସୀନ ଅତିଥୀଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ପରେ ଅସ୍ମିତା ଷଡ଼ଙ୍ଗୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରବେଷଣ କରାଯାଇଥିଲା। ଏହି କବିତା କର୍ମଶାଳାରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ସିନେଟ ମେମ୍ବର କରସୁଧା ପଟ୍ଟନାୟକ, ବରିଷ୍ଠ ସାହିତ୍ୟିକ ନଳିନୀ ରଞ୍ଜନ ମିଶ୍ର, ମଧୁସୂଦନ ମିଶ୍ର, କୃଷ୍ଣ ହୋତା, ବୁଲୁ ଷଡ଼ଙ୍ଗୀ, ତପନ ତ୍ରିପାଠୀ, ଅନଶ୍ୱୟା ସମନ୍ତରାୟ, ସନ୍ଧ୍ୟାରାଣୀ ସାହୁ, ସୌଭାଗିନୀ ନନ୍ଦ, ସଂଯୁକ୍ତା ରାଉତ ଏବଂ ଅନ୍ୟାନ୍ୟ ସାହିତ୍ୟିକ ମାନେ ଉପସ୍ଥିତ ଥିଲେ। ସାହିତ୍ୟିକଙ୍କ ମହଲରେ ଏଭଳି କାର୍ଯ୍ୟକ୍ରମ ପାଇଁ ନୂତନ ପିଢ଼ି ସାହିତ୍ୟିକ ଗଢ଼ି ତୋଳିବାରେ ସହାୟକ ହେବ ବୋଲି ଚର୍ଚ୍ଚା ହେଉଥିଲା।

# ଘରୋଇ ଗ୍ୟାସ୍‌ର ବ୍ୟବହାର ହୋଟେଲ ଓ ଜଳଖିଆ ଦୋକାନରେ ବଢୁଛି

ଜୟପୁର,୩୧/୦୮ (ନି.ପ୍ର): ରାଜ୍ୟରେ ରନ୍ଧନ ଗ୍ୟାସର ଘୋର ଅଭାବ ଯୋଗୁ ସାଧାରଣ ଉପଭୋକ୍ତମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଅପରପକ୍ଷରେ କୋରାପୁଟ ଜିଲ୍ଲା ଜୟପୁର, ବୈପାରିଗୁଡ଼ା ସେମିଳିଗୁଡ଼ା, କୋରାପୁଟ, ବୋରିଗୁମ୍ମା, କୋଟପାଡ଼ ସହର ବଜାରର ରାସ୍ତାକଡ଼ରେ ଥିବା ଉଠା ଜଳଖିଆ ଦୋକାନ, ହୋଟେଲ୍, ବିବାହ ମଣ୍ଡପଗୁଡ଼ିକରେ ଘରୋଇ ଗ୍ୟାସ୍ ବ୍ୟାପକ ବ୍ୟବହାର କରଯାଉଛି। ଏଥିପ୍ରତି ସରକାର ଦୃଷ୍ଟି ଦେଉନାହାନ୍ତି। ରାଜ୍ୟ ସରକାର ଗ୍ୟାସର କଳାବଜାରିକୁ ରୋକିବାରେ ବିଫଳ ହୋଇଛନ୍ତି। ସହର ଅଥବା ଗ୍ରାମାଂଚଳରେ ଥିବା ମଣ୍ଡପଗୁଡ଼ିକରେ ଏକାଧିକ ଘରୋଇ ଗ୍ୟାସ ସିଲିଣ୍ଡର ବିବାହ ଭୋଜିରେ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। ହେଲେ ଯୋଗାଣ ବିଭାଗ ଜାଣି ଅଜଣାର ରହୁଥିବା ଲକ୍ଷ୍ୟ କରାଯାଇଛି। ସାଧାରଣ ଲୋକ ହଇରାଣ ହେଉଥିଲାବେଳେ କାହା ସ୍ୱାର୍ଥରେ ଯୋଗାଣ ବିଭାଗ ବେଆଇନ ସିଲିଣ୍ଡର ବ୍ୟବହାର କରୁଥିବା ଉଠା ଜଳଖିଆ ଦୋକାନ, ହୋଟେଲ, ମଣ୍ଡପଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ନେଇ ପ୍ରଶ୍ନ ଉଠୁଛି।

# କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଗୌରବ ଆଣିଲେ ଆନ୍ତର୍ଜାତୀୟ ଭଲି ବଲ୍ ଖେଳାଳି ଶିବାନୀ ପ୍ରିୟଦର୍ଶିନୀ

କେନ୍ଦ୍ରାପଡ଼ା,୩୧/୦୮ (ନି.ପ୍ର): ଭାରତ ରତ୍ନ ହକିର ଯାଦୁଗର ଶ୍ରୀ ଧ୍ୟାନଚାନ୍ଦଙ୍କ ଜନ୍ମଜୟନ୍ତୀ ତଥା ଜାତୀୟ କ୍ରୀଡ଼ା ଦିବସରେ କଟକ ନରାଜ ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଜାତୀୟ କ୍ରୀଡ଼ା ଦିବସ ୨୦୨୬ ମହାସମାରୋହରେ ପାଳନ କରାଯାଇଅଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ପରିସରରେ ଏକ ମିନିମାରଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ଶତାଧିକ ବିଦ୍ୟାର୍ଥୀ, ଅଧାପକ ଓ ଅଧାପିକା ଏବଂ କର୍ମଚାରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଏହି କାର୍ଯକ୍ରମକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଆନ୍ତର୍ଜାତୀୟ ଭଲିବଲ୍ ମହିଳା ଖେଳାଳି ଶିବାନୀ ପ୍ରିୟଦର୍ଶିନୀ ପରେ ପରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାର୍ଥୀ କଲ୍ୟାଣ ବିଭାଗର ଡିନ୍ ଡ଼କ୍ଟର ଜୟପ୍ରକାଶ ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ ଜାତୀୟ ଖେଳାଳୀ ଶିବାନୀ ପ୍ରିୟଦର୍ଶିନୀ, ପ୍ରାରମ୍ଭରେ ଉତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ଶିବାନୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଡକ୍ଟର ଜୟପ୍ରକାଶ ଭଞ୍ଜ, ଜାତୀୟ କ୍ରୀଡ଼ା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠାତା ଗୁରୁଜୀ ରବିଶଙ୍କରଙ୍କ ଭୂୟସୀ ପ୍ରଶଂସା କରିଥିଲେ। ଓଡ଼ିଶା ରାଜ୍ୟରେ ଏକ ଉନ୍ନତ ମାନର ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଖୋଲି ଆମ ରାଜ୍ୟର ଆଗାମୀ ଭବିଷ୍ୟତଙ୍କୁ ସମସ୍ତ ପ୍ରକାର ଶିକ୍ଷା ପ୍ରଦାନ କରୁଥିବାରୁ ପ୍ରତିଷ୍ଠାତାଙ୍କ ନିକଟରେ କୃତଜ୍ଞତା ଜଣାଇଥିଲେ। କ୍ରୀଡ଼ାବିତ୍‌ମାନଙ୍କୁ କଠିନ ପରିଶ୍ରମ କରି ଲକ୍ଷ୍ୟ ପଥରେ ଅଗ୍ରସର ହୋଇ ବିଶ୍ୱସ୍ତରୀୟ କ୍ରୀଡ଼ାବିତ୍ ହେବା ସହିତ ରାଜ୍ୟ ତଥା ଦେଶର ଗୌରବ ବଢ଼ାଇବା ସହିତ ନିଜର ଭବିଷ୍ୟତ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ପରିଶେଷରେ ବିଶ୍ୱବିଦ୍ୟାଳୟ ସ୍ତରୀୟ ୨୦୨୬ର ବିଜୟୀ କ୍ରୀଡ଼ାବିତ୍‌ମାନଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ ମିସ୍ ଶିବାନୀ ପ୍ରିୟ ଦର୍ଶିନି। ଦେଶର ଅନ୍ୟତମ ମର୍ଯ୍ୟାଦାଜନକ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି କେନ୍ଦ୍ରାପଡ଼ା ଝିଅ ଶିବାନୀ ପ୍ରିୟଦର୍ଶିନୀ।

# ଇଂଟାକ ତରଫରୁ ବିଦ୍ୟାଳୟସ୍ତରୀୟ ଜାତୀୟ ହେରିଟେଜ କ୍ୱିଜ ଆୟୋଜିତ

ବଲାଙ୍ଗୀର,୩୧/୦୮ (ନି.ପ୍ର): ଇଂଟାକ ବଲାଙ୍ଗୀର ଶାଖା ତରଫରୁ ତାରିଖ ୩୦ ଅଗଷ୍ଟ ଦିନ ସ୍ଥାନୀୟ ପିଏମ୍ ଶ୍ରୀ ପୃଥ୍ୱୀରାଜ ହାଇସ୍କୁଲ୍ ଠାରେ ଜିଲ୍ଲା ବିଦ୍ୟାଳୟ ସ୍ତରୀୟ 'ଜାତୀୟ ହେରିଟେଜ କ୍ୱିଜ୍' ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବଲାଙ୍ଗୀରର ୯ଟି ସ୍କୁଲରୁ ୭୨ ଜଣ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। ଦୁଇଟି ରାଉଣ୍ଡରେ ଏହି ପ୍ରତିଯୋଗିତା ହୋଇଥିଲା। ପ୍ରଥମ ରାଉଣ୍ଡ ଲେଖା ଓ ଦ୍ୱିତୀୟ ରାଉଣ୍ଡ ମୌଖିକ ହୋଇଥିଲା। ଏଥିରେ ଇଂଟାକ ବଲାଙ୍ଗୀର ଶାଖାର ସଂଯୋଜକ ଡ. ଶିବ ପ୍ରସାଦ ନନ୍ଦ କ୍ୱିଜ ପରିଚାଳନା କରିଥିଲେ। ଶେଷରେ ପୁରସ୍କାର ବିତରଣ ଉତ୍ସବରେ ପିଏମ୍ ଶ୍ରୀ ପୃଥ୍ୱୀରାଜ ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ ମୁଖ୍ୟ ଅତିଥି, ଇଂଟାକ ବଲାଙ୍ଗୀର ଶାଖା ସଂଯୋଜକ ଡ. ଶିବ ପ୍ରସାଦ ନନ୍ଦ ସହିତ ସହ ସଂଯୋଜକ ଶଶୀଭୁଷଣ ପୁରୋହିତ ଓ ବରିଷ୍ଠ ସଭ୍ୟ ସନ୍ତୋଷ କୁମାର ରଥ ଅତିଥି ରୂପେ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଶ୍ରେୟନ୍ସ ଅଗସ୍ତି ଓ ଶମ୍ଭୁ ପ୍ରସାଦ ସାଏ ପ୍ରଥମ ସ୍ଥାନ ଓ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦମୟନ୍ତୀ ଖୁଆସ ଓ ମାନସୀରାଣୀ ଦାସ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଦୁଇ ବିଜେତା ଦଳଙ୍କୁ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ଟ୍ରଫି ଓ ପ୍ରମାଣ ପତ୍ରଦେଇ ପୁରସ୍କୃତ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ ସାର୍ଟିଫିକେଟ ପ୍ରଦାନ କରାହେଲା। ଏହି ପ୍ରତିଯୋଗିତାରେ ବଲାଙ୍ଗୀରର ଏକାଡେମିକ ହାଇଟ୍ସ ପବ୍ଲିକ ସ୍କୁଲ, ମଂଟେଶୋରି ପବ୍ଲିକ ସ୍କୁଲ, ଆଇଡିଏମ୍ ପବ୍ଲିକ ସ୍କୁଲ, ପିପି ଏକାଡେମୀ, ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପିଏମ୍‌ଶ୍ରୀ ପୃଥ୍ୱୀରାଜ ହାଇସ୍କୁଲ, ବଲାଙ୍ଗୀର ପବ୍ଲିକ ସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଶେଷରେ ଇଂଟାକ ବଲାଙ୍ଗୀର ଶାଖାର ସହ ସଂଯୋଜକ ଶଶିଭୂଷଣ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଇଂଟାକର ବରିଷ୍ଠ ସଭ୍ୟ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ସଭା ସଂଯୋଜନା କରିଥିଲେ ଓ ଇଂଟାକର ଆଜୀବନ ସଭ୍ୟ ମହେଶ ପଟ୍ଟନାୟକ, ବିଜୟ ପାଣିଗ୍ରାହୀ, ସଂଜୀବ ନାଏକ, ସୁରେଶ ଯାଦବ ଓ ରିଙ୍କୁ ପାତ୍ର ଆୟୋଜନରେ ସହଯୋଗ କରିଥିଲେ। ଏଥିରେ ପ୍ରଥମ ହୋଇଥିବା ଗ୍ରୁପ୍ ଆସନ୍ତା ମାସରେ ଭୁବନେଶ୍ୱର ଠାରେ ହେବାକୁଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଇଂଟାକର ସଂଯୋଜକ ଶ୍ରୀ ନନ୍ଦ ସୂଚନା ଦେଇଥିଲେ।

## କ'ଣ ଭୁଲ୍ ପାନିଆ ଦ୍ୱାରା ବି ଚୁଟି ଉପୁଡ଼େ କି ? ପ୍ଲାଷ୍ଟିକ୍, କାଠ ନା ମେଟାଲ୍ କେଉଁ ପାନିଆ କେଶ ପାଇଁ ଭଲ ?



ଶସ୍ତା , ସୁନ୍ଦର , ମଜଭୁତ ଏହି ସବୁ ଶବ୍ଦ ଖାସ୍ କରି ମଧ୍ୟବିତ୍ତ ପରିବାରରେ ଅଧିକ ବ୍ୟବହାର ହୁଏ । ସେ ଘରକରଣା ସାମଗ୍ରୀ ହେଉ କି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ସବୁଥିରେ ଆମେ ଶସ୍ତା,ମଜଭୁତର ଯୁଗଳବନ୍ଦୀକୁ ଖୋଜିଥାଉ । ଯେମିତିକି ମୁଣ୍ଡ କୁଣ୍ଡାଉଥିବା ପାନିଆକୁ ହିଁ ନେଇଯାଆନ୍ତୁ । ପ୍ରାୟତଃ ଘରେ ଲୋକମାନେ ମୁଣ୍ଡ କୁଣ୍ଡାଇବା ପାଇଁ ପ୍ଲାଷ୍ଟିକ୍ ପାନିଆର ବ୍ୟବହାର କରିଥା'ନ୍ତି । ସୁଲଭ ମୂଲ୍ୟ ସାଙ୍ଗକୁ ବିଭିନ୍ନ ଡିଜାଇନରେ ଉପଲବ୍ଧ ଥିବାରୁ ପ୍ଲାଷ୍ଟିକ୍ ପାନିଆ ପ୍ରାୟତଃ ସମସ୍ତଙ୍କ ପସନ୍ଦ ଥାଏ । କିନ୍ତୁ ପ୍ଲାଷ୍ଟିକର ହୋଇଥିବାରୁ ଏଥିରେ ଚୁଟି ଫସିବା ଭଳି ଅସୁବିଧା ମଧ୍ୟ ଦେଖାଯାଏ । ଖାଲି ଚୁଟି ଫସିବା ନୁହେଁ ଏଥିରେ ଥିବା ପଏଣ୍ଟେଡ୍ ଦାନ୍ତ କେଶମୂଳରେ ବାଜି ଖଣ୍ଡିଆ ହେବାର ମଧ୍ୟ ସମ୍ଭାବନା ଥାଏ। ବର୍ତ୍ତମାନ ସୋସିଆଲ୍



ମିଡିଆରେ କାଠର ପାନିଆ ବ୍ୟବହାର କରିବାକୁ ବହୁତ ବିଜ୍ଞାପନ ଆସୁଛି । ଯାହା ନିମ୍ବ କାଠ କିମ୍ବା ବାଉଁଶକୁ କାଟି ତିଆରି କରାଯାଏ । ଏଥିରେ ଷ୍ଟେଟିକ୍ ଚାର୍ଜ ନଥିବା କାରଣରୁ ଏହା କେଶମୂଳ ପାଇଁ ବହୁତ ଭଲ ହୋଇଥାଏ । ଡର୍ମାଟୋଲୋଜିଷ୍ଟ ଡାକ୍ତର କଣିଶ କାଲରା କୁହନ୍ତି ଯେ ଆଜିକାଲି ଯେତେ ପ୍ରକାର ପାନିଆ ବଜାରରେ ବିକ୍ରି ହେଉଛି, ତାହା ନିମ୍ବ, ବାଉଁଶ କିମ୍ବା ପ୍ଲାଷ୍ଟିକର ହେଉନା କାହିଁକି ସବୁ ବିଜ୍ଞାପନର ଅଂଶ ଅଟେ । ସୋସିଆଲ ମିଡିଆରେ କଣ୍ଟେଣ୍ଟ ପାଇଁ କିଛି ଖାସ ପ୍ରକାରର ପାନିଆକୁ ଭଲ ବୋଲି କୁହାଯାଏ । କିନ୍ତୁ ପାନିଆ କିଣିବା ସମୟରେ ଏହି କଥା ପ୍ରତି ନିଶ୍ଚୟ ଧ୍ୟାନ ରଖନ୍ତୁ ଯେ ତାହା ସବୁବେଳେ ଚଉଡ଼ା ଦାନ୍ତ ଥିବା ପାନିଆ ହୋଇଥିବା ଦରକାର । ତାର ଦାନ୍ତ ଗୁଡ଼ିକ ପଏଣ୍ଟେଡ୍ ହୋଇନଥିବା ଦରକାର । ଏହା ଦ୍ୱାରା କେଶମୂଳରେ କ୍ଷତ ହୋଇପାରେ । ପାନିଆକୁ ପ୍ରତିଥର ବ୍ୟବହାର କରିବା ପରେ କିମ୍ବା ପ୍ରତି ୨ ଦିନରେ ଗରମ ପାଣି ଏବଂ ସାବୁନରେ ଧୋଇବା ଦରକାର । ଦିନରେ ୨ ଥରରୁ ଅଧିକ ମୁଣ୍ଡ କୁଣ୍ଡାଇବାର କୌଣସି ଆବଶ୍ୟକତା ନାହିଁ । ପ୍ରତି ୩ ରୁ ୬ ମାସ ପରେ ପାନିଆକୁ ବଦଳାନ୍ତୁ ।

ମୁଣ୍ଡ କୁଣ୍ଡାଇବା ନିହାତି ଜରୁରି , ଏହାଦ୍ୱାରା କେଶମୂଳରେ ରକ୍ତ ସଞ୍ଚାଳନ ଭଲ ହୋଇଥାଏ । ଯାହାଦ୍ୱାରା ଚୁଟି ଧଳା ହୁଏ ନାହିଁ , ମୃତ ଚର୍ମ ବାହାରିଯାଏ ଏବଂ ରୂପି ସମସ୍ୟା ମଧ୍ୟ ହୁଏ ନାହିଁ । ତେବେ ମୁଣ୍ଡ କୁଣ୍ଡାଇବାର ମଧ୍ୟ ଅନେକ ଉପାୟ ଅଛି, ଯାହାକୁ ଅନେକ ଲୋକ ଜାଣିନାହାନ୍ତି । ମୁଣ୍ଡ କୁଣ୍ଡାଇବା ପୂର୍ବରୁ ଚୁଟିକୁ ଅନେକ ଭାଗରେ ବାଣ୍ଟି ଦିଅନ୍ତୁ । ଏହାଦ୍ୱାରା ଚୁଟି ଛିଣ୍ଡିବ ନାହିଁ । କେବେବି ଓଦା ଚୁଟିରେ ମୁଣ୍ଡ କୁଣ୍ଡାନ୍ତୁ ନାହିଁ । ହାଲୁକା ଓଦା ହୋଇଥିଲେ ହେୟାର ସିରମ ନିଶ୍ଚୟ ଲଗାନ୍ତୁ ଏବଂ କୁଣ୍ଡାଇବା ପୂର୍ବରୁ ହାତରେ ଚୁଟିକୁ ଶୁଖାନ୍ତୁ । ଯେଉଁଭଳି ଭାବରେ ରୁମାଲ, ଟୁଥବ୍ରଶ ବ୍ୟକ୍ତିଗତ ହୋଇଥାଏ, ସେହିଭଳି ପାନିଆ ମଧ୍ୟ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା ସାମଗ୍ରୀ ଅଟେ । ଅନେକ ଥର ଲୋକ ନିଜ ପରିବାରର କୌଣସି ସଦସ୍ୟ କିମ୍ବା ସାଙ୍ଗର ପାନିଆ ବ୍ୟବହାର କରିଦିଅନ୍ତି ଯାହାକି ଭୁଲ । ଅନ୍ୟର ପାନିଆ ବ୍ୟବହାର କରିବା ଦ୍ୱାରା ରୂପି କିମ୍ବା ଚର୍ମ ସଂକ୍ରମଣ ହୋଇପାରେ । ଯଦି ଅନ୍ୟର ପାନିଆ ଅସନା ହୋଇଥାଏ ତେବେ ଚୁଟି ଏବଂ କେଶମୂଳର ପ୍ରାକୃତିକ ତେଲ ସେଥିରେ ଲାଗିଯାଏ ଯାହାଦ୍ୱାରା ଦୁଇ ମୁହାଁ ଚୁଟି ବଢ଼ିପାରେ ।

## ଆଉ ଅଣ୍ଡା କାହିଁକି ? ଏହି ୪ଟି ଶାକାହାରୀ ଖାଦ୍ୟରେ ରହିଛି ତା'ଠାରୁ ଅଧିକ ପ୍ରୋଟିନ୍

**ଯେତେବେଳେ ବି ଶରୀର ପାଇଁ ପ୍ରୋଟିନ୍‌ର ଆବଶ୍ୟକତା କଥା ଆସେ, ଅଧିକାଂଶ ଲୋକଙ୍କ ମନକୁ ପ୍ରଥମେ ଅଣ୍ଡା, ମାଛ କିମ୍ବା ମାଂସର ଚିତ୍ର ଆସିଥାଏ । ଏହା ସତ ଯେ ଅଣ୍ଡା ପ୍ରୋଟିନ୍‌ର ଏକ ଉତ୍ତମ ଉତ୍ସ, ଗୋଟିଏ ବଡ଼ ଅଣ୍ଡାରେ ପ୍ରାୟ ୬ ଗ୍ରାମ୍ ପ୍ରୋଟିନ୍ ମିଳିଥାଏ । କିନ୍ତୁ, ଏହା ଏକ ଭୁଲ ଧାରଣା ଯେ କେବଳ ଆମିଷ ଖାଦ୍ୟରେ ହିଁ ଭଲ ପରିମାଣର ପ୍ରୋଟିନ୍ ମିଳେ । ଆମ ଚାରିପାଖରେ ଏପରି ଅନେକ ଶାକାହାରୀ ଖାଦ୍ୟ ଅଛି, ଯେଉଁଥିରେ ଅଣ୍ଡା ତୁଳନାରେ କେଇ ଗୁଣା ଅଧିକ ପ୍ରୋଟିନ୍ ରହିଛି । ଶରୀରର ମାଂସପେଶୀ ଗଠନ, କୋଷିକାର ମରାମତି ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ପ୍ରୋଟିନ୍ ଅତ୍ୟନ୍ତ ଜରୁରୀ । ଯଦି ଆପଣ ଜଣେ ଶାକାହାରୀ କିମ୍ବା ନିଜ ଖାଦ୍ୟରେ ଅଧିକ ପ୍ରୋଟିନ୍ ସାମିଲ କରିବାକୁ ଚାହୁଁଛନ୍ତି, ତେବେ ଏହି ୪ଟି ଖାଦ୍ୟ ଆପଣଙ୍କ ପାଇଁ ଏକ ଉତ୍ତମ ବିକଳ୍ପ ହୋଇପାରେ ।**

### ପନିର୍:

ଭାରତୀୟ ଖାଦ୍ୟରେ ପନିରର ସ୍ଥାନ ସ୍ୱତନ୍ତ୍ର । ଏହା କେବଳ ସ୍ୱାଦିଷ୍ଟ ନୁହେଁ, ବରଂ ପ୍ରୋଟିନ୍‌ର ଏକ ବିଶାଳ ଭଣ୍ଡାର ମଧ୍ୟ ।

♦ପ୍ରୋଟିନ୍‌ର ମାତ୍ରା: ୧୦୦ ଗ୍ରାମ୍ ପନିରରେ ପାଖାପାଖି ୧୮-୨୦ ଗ୍ରାମ୍ ପ୍ରୋଟିନ୍ ମିଳିଥାଏ, ଯାହାକି ପ୍ରାୟ ୩ଟି ଅଣ୍ଡାର ପ୍ରୋଟିନ୍ ସହିତ ସମାନ ।

♦ଅନ୍ୟାନ୍ୟ ଲାଭ: ପନିରରେ କ୍ୟାଲସିୟମ୍ ଭରପୂର ମାତ୍ରାରେ ଥାଏ, ଯାହା ହାଡ଼କୁ ମଜବୁତ କରିବାରେ ସାହାଯ୍ୟ କରେ । ଏଥିରେ ଥିବା କେସିନ୍ ପ୍ରୋଟିନ୍ ଧୀରେ ଧୀରେ ହଜମ ହୁଏ, ଯାହା ଦ୍ୱାରା ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟ ପୂର୍ଣ୍ଣ ରହିବାର ଅନୁଭବ ହୁଏ ।

♦କିପରି ଖାଇବେ: ଆପଣ ଏହାକୁ ତରକାରୀ, ପନିର୍ ଭୁର୍ଜି, ସାଲାଡ୍ କିମ୍ବା କଞ୍ଚା ମଧ୍ୟ ଖାଇପାରିବେ ।

### ମସୁର ବା ମୁଗ ଡାଲି:

ଡାଲି ପ୍ରତ୍ୟେକ ଭାରତୀୟ ଘରର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହା ଶସ୍ତା, ସହଜରେ ଉପଲବ୍ଧ ଏବଂ ପ୍ରୋଟିନ୍‌ରେ ଭରପୂର ।

♦ପ୍ରୋଟିନ୍‌ର ମାତ୍ରା: ଏକ କପ୍ (ପ୍ରାୟ ୨୦୦ ଗ୍ରାମ୍) ରନ୍ଧା ଡାଲିରେ ପାଖାପାଖି ୧୮ ଗ୍ରାମ୍ ପ୍ରୋଟିନ୍ ମିଳେ । ଏହା ମଧ୍ୟ ପ୍ରାୟ ୩ଟି ଅଣ୍ଡା ସହ ସମାନ ।

♦ଅନ୍ୟାନ୍ୟ ଲାଭ: ଡାଲିରେ ପ୍ରୋଟିନ୍ ସହିତ ଫାଇବର୍, ଆଇରନ୍, ଫୋଲେଟ୍ ଏବଂ ଅନ୍ୟାନ୍ୟ ଜରୁରୀ ପୋଷକ ତତ୍ତ୍ୱ ମଧ୍ୟ ପ୍ରଚୁର ପରିମାଣରେ ଥାଏ । ଫାଇବର୍ ପାଚନ କ୍ରିୟାକୁ ସୁସ୍ଥ ରଖେ ।

♦କିପରି ଖାଇବେ: ଡାଲି, ଡାଲମା, ସୁପ୍ କିମ୍ବା ଖେଚୁଡ଼ି ଆକାରରେ ଏହାକୁ ଖାଦ୍ୟରେ ସାମିଲ କରାଯାଇପାରେ ।

### କାବୁଲି ଚଣା:

ଛୋଲେ ବା ଘୁଗୁନି ଭାବରେ ପରିଚିତ କାବୁଲି ଚଣା କେବଳ ସ୍ୱାଦରେ ଜବରଦସ୍ତ ନୁହେଁ, ପୋଷଣରେ ମଧ୍ୟ କମ୍ ନୁହେଁ ।

♦ପ୍ରୋଟିନ୍‌ର ମାତ୍ରା: ଏକ କପ୍ ରନ୍ଧା କାବୁଲି ଚଣାରେ ପ୍ରାୟ ୧୫ ଗ୍ରାମ୍ ପ୍ରୋଟିନ୍ ଥାଏ । ଏହା ପାଖାପାଖି ଅଢ଼େଇଟି ଅଣ୍ଡାର ପ୍ରୋଟିନ୍ ସହ ସମାନ ।

♦ଅନ୍ୟାନ୍ୟ ଲାଭ: ଏଥିରେ ଉଭୟ ପ୍ରୋଟିନ୍ ଓ କାର୍ବୋହାଇଡ୍ରେଟ୍‌ର ଭଲ ସନ୍ତୁଳନ ଥାଏ, ଯାହା ଶରୀରକୁ ଶକ୍ତି ଯୋଗାଇଥାଏ । ଏହା ମଧ୍ୟ ଫାଇବରର ଏକ ଭଲ ଉତ୍ସ ।

♦କିପରି ଖାଇବେ: ଏହାକୁ ତରକାରୀ, ସାଲାଡ୍ କିମ୍ବା ସିଝାଇ ସ୍ନାକ୍ସ ଭାବରେ ଖାଇପାରିବେ ।

### କଖାରୁ ମଞ୍ଜି:

ଆମେ ସାଧାରଣତଃ କଖାରୁ ମଞ୍ଜିକୁ ଫୋପାଡ଼ି ଦେଇଥାଉ, କିନ୍ତୁ ଏହା ପୋଷକ ତତ୍ତ୍ୱର ଏକ ଛୋଟ ପ୍ୟାକେଜ୍ ।

♦ପ୍ରୋଟିନ୍‌ର ମାତ୍ରା: ମାତ୍ର ୩୦ ଗ୍ରାମ୍ (ପ୍ରାୟ ୨-୩ ଚାମଚ) କଖାରୁ ମଞ୍ଜିରେ ୯ ଗ୍ରାମ୍ ପର୍ଯ୍ୟନ୍ତ ପ୍ରୋଟିନ୍ ମିଳିଥାଏ, ଯାହା ଗୋଟିଏ ବଡ଼ ଅଣ୍ଡାଠାରୁ ଯଥେଷ୍ଟ ଅଧିକ ।

♦ଅନ୍ୟାନ୍ୟ ଲାଭ: ଏଥିରେ ମ୍ୟାଗ୍ନେସିୟମ୍, ଜିଙ୍କ୍, ଆଇରନ୍ ଏବଂ ସୁସ୍ଥ ଫ୍ୟାଟ୍ ଭରପୂର ମାତ୍ରାରେ ଥାଏ, ଯାହା ହୃତପିଣ୍ଡ ଓ ରୋଗ ପ୍ରତିରୋଧକ ଶକ୍ତି ପାଇଁ ଲାଭଦାୟକ ।

♦କିପରି ଖାଇବେ: ଏହାକୁ ଭାଜି କରି ସ୍ନାକ୍ସ ଭଳି, ସାଲାଡ୍, ଦହି କିମ୍ବା ସୁପ୍ ଉପରେ ପକାଇ ଖାଇପାରିବେ ।

**ତେଣୁ, ପରବର୍ତ୍ତୀ ଥର ଯେତେବେଳେ ଆପଣ ପ୍ରୋଟିନ୍ ପାଇଁ କେବଳ ଅଣ୍ଡା ବିଷୟରେ ଭାବିବେ, ଏହି ଶକ୍ତିଶାଳୀ ଶାକାହାରୀ ବିକଳ୍ପଗୁଡ଼ିକୁ ମନେ ପକାଇବାକୁ ଭୁଲିବେ ନାହିଁ । ଏକ ସୁସ୍ଥ ଓ ସନ୍ତୁଳିତ ଖାଦ୍ୟ ମାଧ୍ୟମରେ ଆପଣ ନିଜ ଶରୀରର ସମସ୍ତ ପ୍ରୋଟିନ୍ ଆବଶ୍ୟକତାକୁ ସହଜରେ ପୂରଣ କରିପାରିବେ ।**



## ବର୍ଷାରେ ଘର ଭିତରକୁ ପଶି ଆସୁଛନ୍ତି କି ଜନ୍ଦା, ପିମ୍ପୁଡ଼ି ? ଏମିତି କରନ୍ତୁ ଉପାୟ ଘରେ ପଶିବେନି ପୋକ , କୀଟ

**ବର୍ଷାରେ ଥଣ୍ଡା ପବନ ସାଙ୍ଗକୁ ଗରମରୁ ସିନା ମୁକ୍ତି ମିଳିଥାଏ ହେଲେ ଏ ସମୟରେ ଘରକୁ ଅଦିନିଆ ଅତିଥି ହୋଇ କିଛି ପୋକ,କୀଟ ପ୍ରବେଶ କରନ୍ତି । ଜନ୍ଦାଠାରୁ ଆରମ୍ଭ କରି ପିମ୍ପୁଡ଼ି ଏବଂ ଛୋଟ ଛୋଟ କୀଟ ଖାଇବା ଦ୍ରବ୍ୟ ଉପରେ ନିଜର କବଜା କରିନିଅନ୍ତି । ବର୍ଷାରେ ଆର୍ଦ୍ରତା ଏବଂ ସିଲନ ହେତୁ ପିମ୍ପୁଡ଼ିମାନେ ଘରେ ବହୁତ ଶୀଘ୍ର ବ୍ୟାପି ଯାଆନ୍ତି । ଯଦି ଆପଣ ମଧ୍ୟ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେବେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ । ଆମେ ଆପଣଙ୍କ ପାଇଁ ଏପରି ସହଜ ଏବଂ ଘରୋଇ ଉପଚାର ଆଣିଛୁ, ଯାହାଦ୍ୱାରା ମିନିଟ୍‌ରେ ପିମ୍ପୁଡ଼ିମାନଙ୍କର ଆତଙ୍କ କମ୍ କରାଯାଇପାରିବ ।**



### ଲେମ୍ବୁ :

ଲେମ୍ବୁର ଖଟା ସ୍ୱାଦ ଏବଂ ଏହାର ବାସ୍ନା ପିମ୍ପୁଡ଼ିମାନଙ୍କୁ ଆଦୌ ପସନ୍ଦ ଆସେନାହିଁ ।
ଗୋଟିଏ ଲେମ୍ବୁର ରସ ବାହାର କରି ସେଥିରେ ଅଳ୍ପ ପାଣି ମିଶାନ୍ତୁ ।
ଏହି ମିଶ୍ରଣକୁ ସ୍ପ୍ରେ ବୋତଲରେ ଭର୍ତ୍ତି କରି ସେହି ସ୍ଥାନମାନଙ୍କରେ ସ୍ପ୍ରେ କରନ୍ତୁ ଯେଉଁଠାରେ ପିମ୍ପୁଡ଼ିମାନେ ଅଧିକ ଦେଖାଯାଆନ୍ତି ।
ଦିନକୁ ଦୁଇଥର ବ୍ୟବହାର କଲେ ପରିବର୍ତ୍ତନ ସ୍ପଷ୍ଟ ଭାବରେ ଦେଖାଯିବ ।

### ଡାଲଚିନି ପାଉଡର :

ଡାଲଚିନିର ଗନ୍ଧ ପିମ୍ପୁଡ଼ିମାନଙ୍କୁ ଘଉଡ଼ାଇବାର ଏକ ଉତ୍ତମ ଉପାୟ ।
ଡାଲଚିନି ପାଉଡରକୁ ପିମ୍ପୁଡ଼ିମାନଙ୍କର ରାସ୍ତା ଏବଂ କୋଣରେ ପକାନ୍ତୁ ।
ଆପଣ ଚାହିଲେ ଡାଲଚିନି ତେଲକୁ ପାଣିରେ ମିଶାଇ ମଧ୍ୟ ସ୍ପ୍ରେ କରିପାରିବେ ।

### ଲୁଣ :

ଏକ ଗ୍ଲାସ୍ ଉଷୁମ ପାଣିରେ ଦୁଇ ଚାମଚ ଲୁଣ ପକାଇ ଗୋଳାନ୍ତୁ ।
ଏହି ଘୋଳକୁ ପିମ୍ପୁଡ଼ିମାନଙ୍କର ରାସ୍ତାରେ ସ୍ପ୍ରେ କରନ୍ତୁ ।
କିଛି ମିନିଟ୍‌ରେ ପ୍ରଭାବ ଦେଖାଯିବ ।

### ସିର୍କାର ପ୍ରଭାବଶାଳୀ ଉପଚାର

ସିର୍କା କେବଳ ପିମ୍ପୁଡ଼ିମାନଙ୍କୁ ଘଉଡ଼ାଏ ନାହିଁ ବରଂ ସେମାନଙ୍କ ଦ୍ୱାରା ଛଡ଼ାଯାଇଥିବା ଗନ୍ଧର ଚିହ୍ନକୁ ମଧ୍ୟ ଲିଭାଇ ଦିଏ ।
ସିର୍କା ଏବଂ ପାଣିକୁ ସମାନ ପରିମାଣରେ ମିଶାନ୍ତୁ ।
ସ୍ପ୍ରେ ବୋତଲରେ ଭର୍ତ୍ତି କରି ଫାଟ, କୋଣ ଏବଂ ରୋଷେଇ ଘର କାଉଣ୍ଟର ଉପରେ ସ୍ପ୍ରେ କରନ୍ତୁ ।
ଦିନକୁ ଦୁଇଥର ବ୍ୟବହାର କଲେ ପରିବର୍ତ୍ତନ ସ୍ପଷ୍ଟ ଭାବରେ ଦେଖାଯିବ ।

### ପୁଦିନା ତେଲ

ପୁଦିନା ତେଲର ବାସ୍ନା ପିମ୍ପୁଡ଼ିମାନଙ୍କୁ ଦୂରରେ ରଖେ ।
ପାଣିରେ ୧୦ ବୁନ୍ଦା ପୁଦିନା ତେଲ ପକାଇ ମିଶାନ୍ତୁ ।
ସ୍ପ୍ରେ ସାହାଯ୍ୟରେ ଘରର କୋଣ ଏବଂ ଦ୍ୱାର ଉପରେ ଲଗାନ୍ତୁ ।

### ପିମ୍ପୁଡ଼ିମାନଙ୍କଠାରୁ ରକ୍ଷା ପାଇବା ପାଇଁ ଅତିରିକ୍ତ ଟିପ୍ସ

ଖାଦ୍ୟ ଏବଂ ପାନୀୟ ଜିନିଷଗୁଡ଼ିକୁ ସର୍ବଦା ଘୋଡ଼ାଇ ରଖନ୍ତୁ ।
ରୋଷେଇ ଘର ଏବଂ ଘରକୁ ଶୁଖିଲା ଏବଂ ସଫା ରଖନ୍ତୁ ।
ଫାଟ ଏବଂ ଛିଦ୍ରଗୁଡ଼ିକୁ ସିଲ୍ କରନ୍ତୁ ଯାହାଦ୍ୱାରା ପିମ୍ପୁଡ଼ିମାନଙ୍କୁ ଭିତରକୁ ପ୍ରବେଶ କରିବାର ରାସ୍ତା ନ ମିଳେ ।

ବର୍ଷା ଦିନରେ ପିମ୍ପୁଡ଼ିମାନଙ୍କଠାରୁ ମୁକ୍ତି ପାଇବା କଷ୍ଟକର ଲାଗିପାରେ କିନ୍ତୁ ଏହି ଘରୋଇ ଉପଚାରଗୁଡ଼ିକୁ ଆପଣାଇ ଆପଣ ମିନିଟ୍‌ରେ ସେମାନଙ୍କର ଆତଙ୍କ କମ୍ କରିପାରିବେ । ଲେମ୍ବୁ, ଡାଲଚିନି, ଲୁଣ, ସିର୍କା ଏବଂ ପୁଦିନା ତେଲ ଭଳି ପ୍ରାକୃତିକ ଉପାୟ କେବଳ ସୁରକ୍ଷିତ ନୁହେଁ ବରଂ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରଭାବ ମଧ୍ୟ ଦେଖାଇଥାଏ ।



## କେଉଁ କେଉଁ କାରଣ ଯୋଗୁ ହଳଦିଆ ପଡ଼େ ଦାନ୍ତ ? କ'ଣ କୁହନ୍ତି ଏକ୍ସପର୍ଟ

ମଣିଷର ଆତ୍ମବିଶ୍ୱାସ ଦ୍ୱିଗୁଣ ବଢ଼ାଇଥାଏ ସୁନ୍ଦର ହସ । କିନ୍ତୁ ଯଦି ଦାନ୍ତ ହଳଦିଆ ପଡ଼ିଯାଏ ତା'ହେଲେ ଆତ୍ମବିଶ୍ୱାସ କମିବା ସହ ଲୋକଙ୍କ ଆଗରେ କଥା ହେବାକୁ ଲାଜ ମଧ୍ୟ ଲାଗେ । ଏହା ବେଳେବେଳେ ମୁଖ ସ୍ୱାସ୍ଥ୍ୟ ପାଇଁ ମଧ୍ୟ କ୍ଷତିକାରକ ହୋଇପଡ଼େ । ଅଧିକ ଚା',କଫି ଏବଂ ଠିକ୍ ଭାବରେ ବ୍ରଶ୍ ନକଲେ ଦାନ୍ତରେ ହଳଦିଆ ଆସ୍ତରଣ ଜମି ଯାଏ । ଯାହାଫଳରେ ଦାନ୍ତ ହଳଦିଆ ପଡ଼େ । ତେବେ ଏନେଇ ବିଶେଷଜ୍ଞ କୁହନ୍ତି , ଯଦି ଆପଣଙ୍କର ଦାନ୍ତ ମଧ୍ୟ ହଳଦିଆ ପଡ଼ିଛି ଏବଂ ଆପଣ ବୁଝିପାରୁ ନାହାନ୍ତି ଯେ ଭଲ ଭାବରେ ବ୍ରଶ୍ କରିବା ପରେ ମଧ୍ୟ ଦାନ୍ତର ହଳଦିଆପଣ କାହିଁକି ଯାଉନାହିଁ ତେବେ ଏହି ପାଠଟି କେବଳ ଆପଣଙ୍କ ପାଇଁ । ଦାନ୍ତର ହଳଦିଆପଣ ଦୁଇଟି କାରଣରୁ ହୋଇଥାଏ । ଗୋଟିଏ ହେଉଛି external stains ଏବଂ surface stains ଅର୍ଥାତ୍ ବାହ୍ୟ ଦାଗ ଏବଂ ଆଭ୍ୟନ୍ତରୀଣ ଦାଗ । external stains ଦୁର୍ବଳ ଓରାଲ୍ ହାଇଜିନ୍ କାରଣରୁ ହୋଇଥାଏ । ଦ୍ୱିତୀୟଟି ଖାଦ୍ୟପେୟ କାରଣରୁ ହୋଇପାରେ । ଯେପରିକି ଅଧିକ ହଳଦୀ ଥିବା ଖାଦ୍ୟ ଖାଇବା, ଚା' କଫି ଅଧିକ ପିଇବା କିମ୍ବା ଆଇରନ୍‌ର କୌଣସି ଔଷଧ ନେବା । ଯଦି ଆପଣ ତମାଖୁ ଖାଆନ୍ତି କିମ୍ବା ସ୍ମୋକିଙ୍ଗ୍ କରନ୍ତି ତେବେ ତାହାଦ୍ୱାରା ମଧ୍ୟ ଦାନ୍ତ ହଳଦିଆ ପଡ଼ିବାକୁ ଲାଗେ ।

# ୟୁପିଆଇରେ ନୂଆ ଶୁଳ୍କ ବ୍ୟବସ୍ଥା: ଘରୋଇ ଆବଶ୍ୟକତା ନା ଆନ୍ତର୍ଜାତିକ ବାଧ୍ୟବାଧକତା ?

ଭାରତର ଡିଜିଟାଲ୍ ଅର୍ଥନୀତିରେ ୟୁନିଫାଇଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ ବା ୟୁପିଆଇ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି । ରାସ୍ତା କଡ଼ର ଛୋଟ ଉଠା ଦୋକାନୀଠାରୁ ଆରମ୍ଭ କରି ବଡ଼ ବଡ଼ ସପିଂ ମଲ୍ ପର୍ଯ୍ୟନ୍ତ ସବୁଠି ଏବେ ୟୁପିଆଇ ମାଧ୍ୟମରେ ମାଗଣାରେ କାରବାର ହେଉଛି । କିନ୍ତୁ ସମ୍ପ୍ରତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ଟ୍ୟାକ୍ସେସନ୍ ଆଣ୍ଡ୍ ଅଦର୍ ଲଜ୍ (ଆମେଣ୍ଡମେଣ୍ଟ) ବିଲ୍, ୨୦୨୬ ଆଗତ କରିବା ପରେ ଏହି ମାଗଣା ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ହେବାର ଆଶଙ୍କା ଦେଖାଦେଇଛି । ଏହି ବିଲ୍ ମାଧ୍ୟମରେ ପେମେଣ୍ଟ ଆଣ୍ଡ୍ ସେଟଲମେଣ୍ଟ ସିଷ୍ଟମ୍ସ ଆକ୍ଟ, ୨୦୦୭ର ଧାରା ୧୦ଏ କୁ ଉଚ୍ଛେଦ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି । ଏହି ଧାରା ବଳରେ ବ୍ୟାଙ୍କ ଏବଂ ପେମେଣ୍ଟ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ୟୁପିଆଇ କାରବାର ଉପରେ କୌଣସି ପ୍ରକାର ଶୁଳ୍କ ବା ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମଡିଆର) ଲାଗୁ କରିପାରୁନଥିଲେ । ନୂତନ ପ୍ରସ୍ତାବ ଅନୁଯାୟୀ, ୨୦୦୦ ଟଙ୍କାରୁ ଅଧିକ ମୂଲ୍ୟର ୟୁପିଆଇ କାରବାର ଉପରେ ୦.୨୫ ପ୍ରତିଶତରୁ ୦.୫ ପ୍ରତିଶତ ପର୍ଯ୍ୟନ୍ତ ଏମଡିଆର ଲାଗୁ କରାଯାଇପାରେ । ତେବେ ଏହା କେବଳ ସେହି ବ୍ୟବସାୟୀମାନଙ୍କ ଉପରେ ଲାଗୁ ହେବ ଯେଉଁମାନଙ୍କର ବାର୍ଷିକ କାରବାର ୧.୫ କୋଟି ଟଙ୍କାରୁ ଅଧିକ ରହିଛି । ସରକାରୀ ତଥ୍ୟ ଅନୁଯାୟୀ, ୨୦୨୬ ମସିହା ଜୁଲାଇ ମାସରେ ୟୁପିଆଇ ମାଧ୍ୟମରେ ୨୩.୬ ବିଲିୟନ୍ କାରବାର ହୋଇଥିଲା, ଯାହାର ମୂଲ୍ୟ ପ୍ରାୟ ୨୯.୯ ଟ୍ରିଲିୟନ୍ ଟଙ୍କା ବା ୩୧୩.୫ ବିଲିୟନ୍ ଆମେରିକୀୟ ଡଲାର ଥିଲା । ଏହି ବିଶାଳ କାରବାରକୁ ଦୃଷ୍ଟିରେ ରଖିଲେ ପ୍ରସ୍ତାବିତ ଶୁଳ୍କ ବ୍ୟବସ୍ଥା ଭାରତୀୟ ଡିଜିଟାଲ୍ ପେମେଣ୍ଟ ବଜାରରେ ଏକ ବ୍ୟାପକ ପ୍ରଭାବ ପକାଇବ ବୋଲି ଆକଳନ କରାଯାଉଛି । ପ୍ରଥମ ଦୃଷ୍ଟିରେ ଏହି ପଦକ୍ଷେପ କେବଳ ଏକ ଘରୋଇ ଅର୍ଥନୈତିକ ନିଷ୍ପତ୍ତି ଭଳି ମନେ ହେଉଥିଲେ ମଧ୍ୟ ଏହା ପଛରେ ଏକ ଗଭୀର ଆନ୍ତର୍ଜାତିକ ଭୂ-ରାଜନୈତିକ ଏବଂ ବାଣିଜ୍ୟିକ କାରଣ ଲୁଚି ରହିଛି ।

ଭାରତର ଏହି ନୂତନ ୟୁପିଆଇ ଶୁଳ୍କ ପ୍ରସ୍ତାବ ପଛରେ ଆମେରିକାର ଟ୍ରମ୍ପ୍ ପ୍ରଶାସନର ଏକ ଅଦୃଶ୍ୟ ପ୍ରଭାବ ରହିଛି । ୨୦୨୬ ମସିହାରେ ୟୁନାଇଟେଡ୍ ଷ୍ଟେଟସ୍ ଟ୍ରେଡ୍ ରିପ୍ରେଜେଣ୍ଟେଟିଭ୍ (ୟୁଏସଟିଆର) ପକ୍ଷରୁ ପ୍ରକାଶିତ ନ୍ୟାସନାଲ୍ ଟ୍ରେଡ୍ ଏଷ୍ଟିମେଟ୍ ରିପୋର୍ଟ ଅନ୍ ଫରେନ୍ ଟ୍ରେଡ୍ ବ୍ୟାରିୟର୍ସରେ ଭାରତର ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାକୁ ତୀବ୍ର ସମାଲୋଚନା କରାଯାଇଥିଲା । ୟୁଏସଟିଆର ଦର୍ଶାଇଥିଲା ଯେ ଭାରତର ୟୁପିଆଇ ଏବଂ ରୁପେ କାର୍ଡ ବ୍ୟବସ୍ଥା ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ଏକ ଅସମାନ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରୁଛି । ୟୁପିଆଇରେ କୌଣସି ଶୁଳ୍କ ନଥିବାରୁ ଏବଂ ଏହାକୁ ନ୍ୟାସନାଲ୍ ପେମେଣ୍ଟସ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ) ମାଧ୍ୟମରେ ସରକାରୀ ପ୍ରୋତ୍ସାହନ ମିଳୁଥିବାରୁ ମାଷ୍ଟରକାର୍ଡ, ଭିସା, ଗୁଗଲ୍ ପେ ଏବଂ ୱାଲମାର୍ଟର ଫୋନ୍ ପେ ଭଳି ଆମେରିକୀୟ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଭାରତୀୟ ବଜାରରୁ ଉପଯୁକ୍ତ ଲାଭ ପାଇପାରୁନାହାନ୍ତି । ବର୍ତ୍ତମାନ ଭାରତର ୟୁପିଆଇ ବଜାରର ପ୍ରାୟ ୮୫ ପ୍ରତିଶତ ଫୋନ୍ ପେ ଏବଂ ଗୁଗଲ୍ ପେ ହାତରେ ରହିଛି । କିନ୍ତୁ ଜିରୋ ଏମଡିଆର ନୀତି ଯୋଗୁଁ ସେମାନଙ୍କୁ ନିଜ ପକେଟରୁ ଭିତ୍ତିଭୂମି ପରିଚାଳନା ଖର୍ଚ୍ଚ ବହନ କରିବାକୁ ପଡୁଛି । ଏହା ସହିତ ଏନପିସିଆଇ ଦ୍ୱାରା ଥାର୍ଡ ପାର୍ଟି ଆପ୍ଲିକେସନ୍ ଗୁଡ଼ିକ ଉପରେ ୩୦ ପ୍ରତିଶତ ମାର୍କେଟ୍ ସେୟାର୍ କ୍ୟାପ୍ ଲଗାଇବା ପାଇଁ ଯେଉଁ ନିୟମ ଅଣାଯାଇଥିଲା, ତାହାକୁ ମଧ୍ୟ ଆମେରିକା ନିଜ କମ୍ପାନୀଗୁଡ଼ିକ ବିରୋଧରେ ଏକ ଷଡ଼ଯନ୍ତ୍ର ଭାବରେ ଗ୍ରହଣ କରିଥିଲା । ତେଣୁ ଆମେରିକା ଏହାକୁ ଏକ ପ୍ରକାର ବାଣିଜ୍ୟିକ ପ୍ରତିବନ୍ଧକ ବା ନନ୍ ଟାରିଫ୍ ବ୍ୟାରିୟର୍ ଭାବରେ ଦର୍ଶାଇଥିଲା ।

ଏହି ପ୍ରସଙ୍ଗକୁ ଅଧିକ ବୁଝିବା ପାଇଁ ଆମକୁ ବ୍ରାଜିଲର ସାମ୍ପ୍ରତିକ ଉଦାହରଣକୁ ଦେଖିବାକୁ ପଡ଼ିବ । ବ୍ରାଜିଲରେ ମଧ୍ୟ ଭାରତର ୟୁପିଆଇ ଭଳି ପିକ୍ସ ନାମକ ଏକ ସରକାରୀ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ରହିଛି ଯାହାକି ସାଧାରଣ ନାଗରିକଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣା । ଜୁଲାଇ ୨୦୨୬ରେ ଟ୍ରମ୍ପ୍ ପ୍ରଶାସନ ବ୍ରାଜିଲର ଏହି ପିକ୍ସ ବ୍ୟବସ୍ଥା ବିରୋଧରେ ୧୯୭୪ ଟ୍ରେଡ୍ ଆକ୍ଟର ସେକ୍ସନ୍ ୩୦୧ ଅଧୀନରେ ଏକ ତଦନ୍ତ ଆରମ୍ଭ କରିବା ସହ ବ୍ରାଜିଲରୁ ଆମଦାନୀ ହେଉଥିବା ବିଭିନ୍ନ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇଦେଇଥିଲା । ଆମେରିକାର ଯୁକ୍ତି ଥିଲା ଯେ ବ୍ରାଜିଲର ଏହି ମାଗଣା ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ଆମେରିକୀୟ କ୍ରେଡିଟ୍ କାର୍ଡ କମ୍ପାନୀଗୁଡ଼ିକର ବ୍ୟବସାୟକୁ କ୍ଷତି ପହଞ୍ଚାଉଛି ଏବଂ ଏହା ଏକ ଅନୁଚିତ ବାଣିଜ୍ୟିକ ଅଭ୍ୟାସ । ବ୍ରାଜିଲର ରାଷ୍ଟ୍ରପତି ଲୁଲା ଦା ସିଲଭା ଏହାକୁ ତୀବ୍ର ବିରୋଧ କରିଥିଲେ । ବ୍ରାଜିଲ ଉପରେ ହୋଇଥିବା ଏହି ଆକ୍ରମଣ ଭାରତ ପାଇଁ ଏକ ସ୍ପଷ୍ଟ ଚେତାବନୀ ଥିଲା । ଯଦି ଭାରତ ତାର ୟୁପିଆଇ ବ୍ୟବସ୍ଥାରେ ବିଦେଶୀ କମ୍ପାନୀଗୁଡ଼ିକୁ ଲାଭ କରିବାର ସୁଯୋଗ ନଦିଏ, ତେବେ ଟ୍ରମ୍ପ୍ ପ୍ରଶାସନ ଭାରତର ରପ୍ତାନି ସାମଗ୍ରୀ ଉପରେ ମଧ୍ୟ ଅନୁରୂପ ଭାବରେ ଭାରି ଶୁଳ୍କ ଲଗାଇବାର ଯଥେଷ୍ଟ ଆଶଙ୍କା ଥିଲା । ତେଣୁ ଆମେରିକା ସହିତ ଏକ ବୃହତ୍ତର ବାଣିଜ୍ୟିକ ଚୁକ୍ତି ବା ବୁଝାମଣାର ଅଂଶସ୍ୱରୂପ ଭାରତ ସରକାର ୟୁପିଆଇ ଉପରେ ଏମଡିଆର ଲାଗୁ କରିବାକୁ ବାଧ ହୋଇଛନ୍ତି ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି ।

ଏହାଦ୍ୱାରା ଆମେରିକୀୟ ଫିନଟେକ୍ କମ୍ପାନୀଗୁଡ଼ିକ ଭାରତର ବିଶାଳ ଡିଜିଟାଲ୍ ବଜାରରୁ ରାଜସ୍ୱ ଆଦାୟ କରିପାରିବେ ଏବଂ ବଦଳରେ ଭାରତ ଆମେରିକାର ଟାରିଫ୍ ବା ଶୁଳ୍କ ଆକ୍ରମଣରୁ ନିଜକୁ ରକ୍ଷା କରିପାରିବ । ଏହି ପଦକ୍ଷେପକୁ ଏକ କୂଟନୈତିକ ଏବଂ ଅର୍ଥନୈତିକ ବିନିମୟ ଭାବରେ ଦେଖାଯାଇପାରେ । ୟୁପିଆଇ କାରବାର ଉପରେ ଶୁଳ୍କ ଲାଗୁ କରିବାର ଘରୋଇ କାରଣଗୁଡ଼ିକୁ ମଧ୍ୟ ଅଣଦେଖା କରାଯାଇନପାରେ । ଭାରତୀୟ ବ୍ୟାଙ୍କ ଏବଂ ପେମେଣ୍ଟ ସେବା ପ୍ରଦାନକାରୀମାନେ ମଧ୍ୟ ଦୀର୍ଘ ଦିନ ଧରି ଏମଡିଆର ଲାଗୁ କରିବାକୁ ଦାବି କରିଆସୁଥିଲେ । କାରଣ କୋଟି କୋଟି ଟଙ୍କାର କାରବାରକୁ ସୁରକ୍ଷିତ ଏବଂ ନିରବଚ୍ଛିନ୍ନ ଭାବରେ ପରିଚାଳନା କରିବା ପାଇଁ ବିପୁଳ ବୈଷୟିକ ଭିତ୍ତିଭୂମିର ଆବଶ୍ୟକତା ରହିଛି । ବିନା ରାଜସ୍ୱରେ ଏହି ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଏବଂ ନବୀକରଣ ଅସମ୍ଭବ ହୋଇପଡୁଥିଲା । ତଥ୍ୟ ଅନୁଯାୟୀ, ୨୦୦୦ ଟଙ୍କାରୁ ଅଧିକ ମୂଲ୍ୟର ୟୁପିଆଇ କାରବାର ସମୁଦାୟ କାରବାର ସଂଖ୍ୟାର ମାତ୍ର ୫ ପ୍ରତିଶତ ହୋଇଥିଲେ ମଧ୍ୟ ସମୁଦାୟ କାରବାର ମୂଲ୍ୟର ପ୍ରାୟ ୬୫ ପ୍ରତିଶତ ଅଟେ । ତେଣୁ କେବଳ ବଡ଼ କାରବାର ଉପରେ ଶୁଳ୍କ ଲଗାଇଲେ ମଧ୍ୟ ଏହି କମ୍ପାନୀଗୁଡ଼ିକ ଏବଂ ବ୍ୟାଙ୍କମାନଙ୍କୁ ବିପୁଳ ପରିମାଣର ରାଜସ୍ୱ ମିଳିପାରିବ ଏବଂ ଏଥିସହିତ ଛୋଟ କାରବାରଗୁଡ଼ିକ ପୂର୍ବଭଳି ମାଗଣା ରହିବ । ସରକାରଙ୍କ ଏହି ନୂତନ ନିଷ୍ପତ୍ତି ଉଭୟ ଘରୋଇ ପେମେଣ୍ଟ ଇଣ୍ଡଷ୍ଟ୍ରିର ଦାବି ପୂରଣ କରିବା ସହ ଆମେରିକାର ଚାପକୁ ପ୍ରଶମିତ କରିବାରେ ଏକାସାଙ୍ଗରେ ସହାୟକ ହେବ ।

ତେବେ ଏହି ପଦକ୍ଷେପର ଦୀର୍ଘମିଆଦୀ ପ୍ରଭାବକୁ ନେଇ ଅନେକ ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି । ସରକାର ସ୍ପଷ୍ଟ କରିଛନ୍ତି ଯେ ସାଧାରଣ ଗ୍ରାହକ ଏବଂ ଛୋଟ ବ୍ୟବସାୟୀମାନଙ୍କ ଉପରେ ଏହି ଶୁଳ୍କର କୌଣସି ପ୍ରତ୍ୟକ୍ଷ ପ୍ରଭାବ ପଡ଼ିବ ନାହିଁ । କେବଳ ୧.୫ କୋଟି ଟଙ୍କାରୁ ଅଧିକ ବାର୍ଷିକ କାରବାର କରୁଥିବା ବଡ଼ ବ୍ୟବସାୟୀମାନେ ଏହି ଏମଡିଆର ଦେବେ ଏବଂ ପିଅର୍ ଟୁ ପିଅର୍ ବା ବ୍ୟକ୍ତିଗତ କାରବାର ସମ୍ପୂର୍ଣ୍ଣ ମାଗଣା ରହିବ । କିନ୍ତୁ ଅର୍ଥନୈତିକ ବାସ୍ତବତା ହେଉଛି ଯେତେବେଳେ ବ୍ୟବସାୟୀମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼େ, ସେମାନେ କୌଣସି ନା କୌଣସି ଉପାୟରେ ସେହି ଖର୍ଚ୍ଚକୁ ଗ୍ରାହକମାନଙ୍କଠାରୁ ହିଁ ଆଦାୟ କରିଥାନ୍ତି । ସାମଗ୍ରୀର ମୂଲ୍ୟ ବୃଦ୍ଧି ବା ଅନ୍ୟାନ୍ୟ ଲୁକ୍କାୟିତ ଚାର୍ଜ ମାଧ୍ୟମରେ ଶେଷରେ ସାଧାରଣ ଖାଉଟି ହିଁ ଏହି ଶୁଳ୍କର ଭାର ବହନ କରିବାର ଆଶଙ୍କା ରହିଛି । ଏହାବ୍ୟତୀତ, ୟୁପିଆଇର ମୂଳ ଲକ୍ଷ୍ୟ ଥିଲା ଡିଜିଟାଲ୍ ଅର୍ଥନୀତିକୁ ସର୍ବସାଧାରଣଙ୍କ ପାଇଁ ସହଜ ଏବଂ ମାଗଣା କରିବା । ଏହାକୁ ଏକ ଡିଜିଟାଲ୍ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍ଚର ବା ସାର୍ବଜନୀନ ଭିତ୍ତିଭୂମି ଭାବରେ ବିଶ୍ୱ ଦରବାରରେ ଉପସ୍ଥାପନ କରାଯାଉଥିଲା ଯାହାକି ପାଶ୍ଚାତ୍ୟ ଦେଶଗୁଡ଼ିକର ପୁଞ୍ଜିବାଦୀ ମଡେଲ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା । କିନ୍ତୁ ବର୍ତ୍ତମାନ ବିଦେଶୀ ଚାପ ଏବଂ ବାଣିଜ୍ୟିକ ସ୍ୱାର୍ଥ ରକ୍ଷା କରିବାକୁ ଯାଇ ଏହାର ମୂଳ ଢାଞ୍ଚାରେ ପରିବର୍ତ୍ତନ କରାଯିବା ଦ୍ୱାରା ୟୁପିଆଇର ସାର୍ବଜନୀନ ଚରିତ୍ର କ୍ଷୁଣ୍ଣ ହେବାର ସମ୍ଭାବନା ଦେଖାଦେଇଛି ।

ଭାରତ ଏବଂ ଆମେରିକା ମଧ୍ୟରେ ଥିବା ବାଣିଜ୍ୟିକ ସମ୍ପର୍କ ସବୁବେଳେ ଜଟିଳ ରହିଆସିଛି । ଟ୍ରମ୍ପ୍ ପ୍ରଶାସନର ମୂଳ ଲକ୍ଷ୍ୟ ହେଉଛି ଆମେରିକାର ବାଣିଜ୍ୟିକ ନିଅଣ୍ଟକୁ କମାଇବା ଏବଂ ନିଜ ଦେଶର କମ୍ପାନୀଗୁଡ଼ିକ ପାଇଁ ବିଦେଶୀ ବଜାରରେ ଅଧିକ ସୁଯୋଗ ସୃଷ୍ଟି କରିବା । ଭାରତର ଡିଜିଟାଲ୍ ବଜାର ବିଶ୍ୱର ସବୁଠାରୁ ଦ୍ରୁତ ବିକାଶଶୀଳ ବଜାର ହୋଇଥିବାରୁ ଆମେରିକୀୟ ଟେକ୍ କମ୍ପାନୀଗୁଡ଼ିକ ଏଠାରୁ ବିପୁଳ ଲାଭ ଆଶା କରୁଛନ୍ତି । ୟୁଏସଟିଆର ରିପୋର୍ଟରେ କେବଳ ୟୁପିଆଇ ନୁହେଁ, ବରଂ ଭାରତର ଡାଟା ଲୋକାଲାଇଜେସନ୍ ନୀତି ଏବଂ ଆଇଟି ନିୟମଗୁଡ଼ିକୁ ମଧ୍ୟ ସମାଲୋଚନା କରାଯାଇଥିଲା । ତେଣୁ ୟୁପିଆଇ ଉପରେ ଶୁଳ୍କ ଲଗାଇବାକୁ ଅନୁମତି ଦେବା ହେଉଛି ଭାରତ ସରକାରଙ୍କ ପକ୍ଷରୁ ଆମେରିକାକୁ ଶାନ୍ତ କରିବା ପାଇଁ ଏକ କୂଟନୈତିକ ପଦକ୍ଷେପ । ଏହି ପ୍ରସ୍ତାବିତ ବିଲ୍ ଯଦି ଆଇନରେ ପରିଣତ ହୁଏ, ତେବେ ଆଦାୟ ହେବାକୁ ଥିବା ଏମଡିଆର କିପରି ବଣ୍ଟନ ହେବ ତାହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ସାଧାରଣତଃ ଏକ ଡିଜିଟାଲ୍ କାରବାରରେ ଗ୍ରାହକଙ୍କ ବ୍ୟାଙ୍କ, ବ୍ୟବସାୟୀଙ୍କ ବ୍ୟାଙ୍କ ଏବଂ ପେମେଣ୍ଟ ଆପ୍ ବା ପ୍ଲାଟଫର୍ମ ଜଡ଼ିତ ଥାଆନ୍ତି । ଯେତେବେଳେ ୦.୨୫ ରୁ ୦.୫ ପ୍ରତିଶତ ଶୁଳ୍କ ଆଦାୟ ହେବ, ଏହି ଅର୍ଥକୁ ଉପରୋକ୍ତ ତିନୋଟି ପକ୍ଷ ମଧ୍ୟରେ ବିଭାଜନ କରାଯିବ । ବର୍ତ୍ତମାନ ସୁଦ୍ଧା ଗୁଗଲ୍ ପେ ଏବଂ ଫୋନ୍ ପେ ଭଳି ଆପ୍ ଗୁଡ଼ିକ କେବଳ ଡାଟା ସଂଗ୍ରହ ଏବଂ ଅନ୍ୟାନ୍ୟ ଆର୍ଥିକ ସେବା ବିକ୍ରି କରି ନିଜର ଆୟ କରୁଛନ୍ତି । କିନ୍ତୁ ଏହି ଶୁଳ୍କ ଲାଗୁ ହେବା ପରେ ସେମାନଙ୍କୁ ପ୍ରତ୍ୟେକ ବଡ଼ କାରବାରରୁ ସିଧାସଳଖ କମିଶନ୍ ମିଳିବ ।

ପରିଶେଷରେ ଏହା କୁହାଯାଇପାରେ ଯେ ୟୁପିଆଇ କାରବାର ଉପରେ ପ୍ରସ୍ତାବିତ ଏମଡିଆର ଶୁଳ୍କ କେବଳ ଏକ ଆଭ୍ୟନ୍ତରୀଣ ନୀତିଗତ ପରିବର୍ତ୍ତନ ନୁହେଁ, ବରଂ ଏହା ବିଶ୍ୱ ଅର୍ଥନୀତିର ଏକ ବୃହତ୍ତର ଖେଳର ଅଂଶବିଶେଷ । ଟ୍ରମ୍ପ୍ ପ୍ରଶାସନର ଆକ୍ରମଣାତ୍ମକ ବାଣିଜ୍ୟ ନୀତି ଏବଂ ବ୍ରାଜିଲ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ଭାରତକୁ ନିଜର ଡିଜିଟାଲ୍ ପେମେଣ୍ଟ ରଣନୀତିରେ ପରିବର୍ତ୍ତନ ଆଣିବାକୁ ବାଧ କରିଛି । ଗୋଟିଏ ପଟେ ଭାରତୀୟ ବ୍ୟାଙ୍କ ଏବଂ ଆମେରିକୀୟ ଫିନଟେକ୍ କମ୍ପାନୀଗୁଡ଼ିକ ଏହି ନିଷ୍ପତ୍ତିରୁ ଲାଭବାନ ହେବେ, କିନ୍ତୁ ଅନ୍ୟ ପଟେ ୟୁପିଆଇର ମାଗଣା ସେବା ଯୋଗୁଁ ଯେଉଁ ଡିଜିଟାଲ୍ ବିପ୍ଳବ ଆସିଥିଲା, ତାହା କିଛି ମାତ୍ରାରେ ପ୍ରଭାବିତ ହୋଇପାରେ । ସରକାରଙ୍କୁ ଏବେ ଏକ ସନ୍ତୁଳିତ ପନ୍ଥା ଆପଣାଇବାକୁ ପଡ଼ିବ ଯେପରିକି ଆନ୍ତର୍ଜାତିକ ଚାପକୁ ମୁକାବିଲା କରିବା ସହ ଦେଶର କ୍ଷୁଦ୍ର ବ୍ୟବସାୟୀ ଏବଂ ସାଧାରଣ ନାଗରିକମାନଙ୍କ ଉପରେ ଯେପରି କୌଣସି ଅଯଥା ଆର୍ଥିକ ବୋଝ ନପଡ଼େ ତାହା ସୁନିଶ୍ଚିତ କରାଯାଇପାରିବ । ଏହି ନୂତନ ପରିବର୍ତ୍ତନ ଭାରତୀୟ ଡିଜିଟାଲ୍ ଅର୍ଥନୀତିର ଭବିଷ୍ୟତ ଦିଗଦର୍ଶନକୁ କିପରି ନିୟନ୍ତ୍ରଣ କରିବ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ।

## ଧ୍ୱନି ପ୍ରତିଧ୍ୱନି

# ତାଳି ଓ ଗାଳି



**ଅର୍ଜୁନ ଘଡ଼େଇ**

ହାତ ମାରେ ତାଳି, ମୁହଁ ଦିଏ ଗାଳି । ହାତ ଶରୀରର ଗୋଟିଏ ଅଙ୍ଗ, ମୁଖ ଶରୀରର ଗୋଟିଏ ଇନ୍ଦ୍ରିୟ । ଉଭୟଙ୍କର ସଂଯୋଗ ଏହି ଶରୀର ସହିତ । ଶରୀରର ହିତ ସାଧନ ପାଇଁ । ଶରୀର ଭିତରେ ଏ ଦୁଇଟି କାର୍ଯ୍ୟ ଚାଲୁଥିବା ବେଳେ ସବୁ କାର୍ଯ୍ୟକୁ ନିୟନ୍ତ୍ରିତ କରୁଥାଏ ମସ୍ତିଷ୍କ । ଯେତେବେଳେ ଜଣେ ମଣିଷ ହାତରେ ତାଳି ମାରୁଥାଏ ସେତେବେଳେ ବି ତା'ମୁହଁରୁ କିଛି ଶବ୍ଦ ସ୍ପଷ୍ଟ ବା ଅସ୍ପଷ୍ଟ ଭାବେ ବାହାରୁଥାଏ । ଗାଳି କରୁଥିବା ସମୟରେ ବି ହାତ କିଛି କାର୍ଯ୍ୟ କରୁଥାଏ । ତେଣୁ ତାଳି ସହିତ ଗାଳିର ସଂପର୍କ ନିବିଡ଼ । ଆମେ କିନ୍ତୁ ତାଳିକୁ ଯେଉଁ ଅର୍ଥରେ ଗ୍ରହଣ କରିଥାଉ, ଗାଳିକୁ ତାର ବିପରୀତ ଅର୍ଥରେ ଗ୍ରହଣ କରୁ । ଯେଉଁଥିପାଇଁ ଆମେ 'ତାଳି'କୁ ପ୍ରଶଂସା, ଆନନ୍ଦଦ୍ୟୋତକ ଭାବେ ଗ୍ରହଣ କରୁଥିବାବେଳେ 'ଗାଳି'କୁ ନିନ୍ଦା, ରାଗ, ଦ୍ୱେଷ ଉଦ୍‌ବେଗକାରୀ ଶବ୍ଦ ଭାବରେ ବିବେଚନା କରୁ । ତାଳି ବା ପ୍ରଶଂସାକୁ ଆତ୍ମସ୍ଥ କରିବାରେ ଆମର ମାନସିକତା ଯେତେ ବ୍ୟଗ୍ର, ଗାଳିକୁ ହଜମ କରିବାରେ ଆମର ବିମୁଖତା ସେତେ ଅଧିକ ! ତାଳି ପଛରେ ଗାଳି ଥାଏ, ପ୍ରଶଂସା ପଛରେ ନିନ୍ଦା ଥାଏ, ଏହା ବୁଝିବାରେ ଆମେ ପ୍ରାୟ ବିଚାରଠାରୁ ଦୂରରେ ଥାଉ, ଏହାହିଁ ବିଡ଼ମ୍ବନା । ଯାହା ଆଜିର ସମାଜରେ ଅଧିକ ଭାବେ ଦେଖାଯାଉଛି ।

ଗୋଟିଏ ହାତରେ ତାଳି ବାଜେ ନାହିଁ । ଏକ ଚକରେ ରଥ ଚଳେ ନାହିଁ । ଦୁଇଟି ଶକ୍ତିର ସହାୟତା ତାଳି ପରି ଏକ ଆନନ୍ଦ ପ୍ରଦାନକାରୀ, ଉତ୍ସାହପ୍ରଦ, ସମ୍ମତି ସୂଚକ କାର୍ଯ୍ୟ ପ୍ରଦର୍ଶନ କରାଯାଇଥାଏ । ସଭା ସମିତିରେ, ବିବିଧ ଉତ୍ସବମାନଙ୍କରେ ଲୋକେ ତାଳି ମାରିବା ଆମେ ଦେଖିଥାଉ । ମନର ଆବେଗକୁ ଶବ୍ଦରେ ରୂପାନ୍ତରିତ କରି ଆମେ ଆମ ମନର ଭାବ ବ୍ୟକ୍ତ କରିଥାଉ । ସଭାସମିତିରେ ଦର୍ଶକ ଭାବରେ ଅତିଥିମାନଙ୍କ ମନ ରୁଚି, ମୂଲ୍ୟବାନ ବକ୍ତବ୍ୟ ସବୁ ମନକୁ ଛୁଇଁଦେଲେ ଆମେ କରତାଳିରେ ମଞ୍ଚ ସ୍ଥଳୀକୁ ପ୍ରକମ୍ପିତ କରିଥାଉ । ଏଥିରେ ଆମେ ନିଜ ତ ଆନନ୍ଦ ପାଉ ବକ୍ତା ଜଣଙ୍କ ମଧ୍ୟ ନିଜ ବକ୍ତବ୍ୟର ଗୁରୁତ୍ୱ ମନେ କରି ଆନନ୍ଦ ଅନୁଭବ କରନ୍ତି । ଅଧିକ ରସାଣିତ, ଭାବ ଗର୍ଭକ ବକ୍ତବ୍ୟ ପ୍ରଦାନ ପାଇଁ ପ୍ରୟାସ କରିଥାନ୍ତି । ଯଦି ସଭା ମଞ୍ଚିରେ ଶ୍ରୋତା ମାନଙ୍କଠାରୁ ତାଳି ଶୁଭେ ନାହିଁ ତେବେ ମଂଚରେ ବସିଥିବା ଆୟୋଜକ ବ୍ୟକ୍ତିମାନଙ୍କଠାରୁ ଅନୁରୋଧ କରାଯାଏ, ତାଳି ମାରି ବକ୍ତାମାନଙ୍କୁ ଉତ୍ସାହିତ କରିବାପାଇଁ । ଏହା କି ପ୍ରକାର ଅନୁରୋଧ ? ଆମ୍ଭାକୁ ଆନନ୍ଦ ନମିଳିଲେ, ଭାଷଣ ମନ ମୁଗ୍ଧକର ନହେଲେ ଶ୍ରୋତାମାନଙ୍କୁ ତାଳି ମାରିବାକୁ ବାଧ କରାଯିବା ଉଚିତ୍ କି ? କାଳେ ସଭାର କିମ୍ବା ବକ୍ତାଙ୍କର ଗୁରୁତ୍ୱ କମିଯିବ, ଅସମ୍ମାନିତ ବୋଧ କରିବେ, ଏଇ ଉଦ୍ଦେଶ୍ୟରେ ଆୟୋଜକ ମାନେ ଶ୍ରୋତାମାନଙ୍କୁ ଅନୁରୋଧ କରନ୍ତି, ତାଳି ମାରିବାକୁ । ଆଉ ନିର୍ବୋଧ କିମ୍ବା ନିମନ୍ତ୍ରିତ ଶ୍ରୋତା ମାନେ ବି ନିଜର ଇଚ୍ଛା ବିରୁଦ୍ଧରେ ମୁହଁକୁ ତଳକୁ କରି ତାଳି ମାରନ୍ତି ସିନା ହେଲେ ମନେ ମନେ ଗାଳି ଦେଉଥାନ୍ତି ଅତିଥିଙ୍କୁ, ଆୟୋଜକମାନଙ୍କୁ ତାଙ୍କର ମୂଲ୍ୟହୀନ ବକ୍ତବ୍ୟ ପାଇଁ, ଏପରି ଅଯୋଗ୍ୟ ବକ୍ତାକୁ ମଞ୍ଚରେ ବସାଇ କିଛି କହିବାର ସୁଯୋଗ ଦେଇଥିବାରୁ । ତେଣୁ ତାଳି ପଛେ ପଛେ ଯେ ଗାଳି ଅଛି ଏହା କେବଳ ବୁଝିବାରେ ବ୍ୟତିକ୍ରମ । କୌଣସି ମହାନ୍ ବ୍ୟକ୍ତି ବିଶେଷଙ୍କ କଥା, କାମର ପ୍ରଶଂସା ଶୁଣି ତାଳି ମାରିବା, ସମ୍ମାନ ପ୍ରଦର୍ଶନ କରିବା ଆମ ଉପଯୁକ୍ତ ବିଚାରବୋଧର ପରିଚାୟକ । କିନ୍ତୁ ଅଯଥା, ଅନିଚ୍ଛାକୃତ 'ତାଳି'କୁ ପରିତ୍ୟାଗ କରିବାର ମାନସିକତା ପୋଷଣ କରିବା ବିବେକାନୁମୋଦିତ କାର୍ଯ୍ୟ ନୁହେଁ କି ? କେତେକ ମନସ୍ତତ୍ତ୍ୱବିତ୍, ଯୋଗାଚାର୍ଯ୍ୟ ମାନେ 'ତାଳି' ମାରି ଆନନ୍ଦ ଉପଯୋଗ କରିବାକୁ ଏକ 'ଯୋଗ ପ୍ରକ୍ରିୟା' କିମ୍ବା ମାନସିକ ଶାନ୍ତି ପ୍ରଦାନକାରୀ କାର୍ଯ୍ୟଭାବେ ବିବେଚନା କରିଥାନ୍ତି । କିନ୍ତୁ ବେଳେବେଳେ ଏମିତି ତାଳିମାରି, ମୁହଁରେ ଖୁସି ପ୍ରକଟ କରିବା କାର୍ଯ୍ୟକୁ ଅନ୍ୟମାନେ ଉପହାସ ବି କରିଥାନ୍ତି । କଟୁ ମନ୍ତବ୍ୟ ବି ଦିଅନ୍ତି 'ଲୋକଟା ପାଗଳ ହେଇଗଲା ନା-କ'ଣ ? କିଛି ଘଟଣା ନାହିଁ, ଅଥଚ ଏମିତି ତାଳି ମାରି, ହସୁଛି କାହିଁକି ?'

ଅତୀତରେ ପୁରାଣ ଯୁଗରେ, କିମ୍ବା ରାଜା ରାଜୁଡ଼ାଙ୍କ ଶାସନ କାଳରେ ବିଭିନ୍ନ କାର୍ଯ୍ୟରେ ବ୍ୟକ୍ତିବିଶେଷଙ୍କ କାର୍ଯ୍ୟକୁ ସମ୍ମାନ ଜଣେଇ ତାଳି ମାରିବା ପାଇଁ ସ୍ୱତନ୍ତ୍ର ବ୍ୟକ୍ତିମାନେ ନିଯୁକ୍ତି ପାଉଥିଲେ । ସ୍ତୁତିଗାନ କରିବାକୁ ସ୍ତାବକ ମାନଙ୍କୁ ପ୍ରୋତ୍ସାହନ ଦିଆଯାଉଥିଲା । ଏବେ ବି କିଛି ଲୋକଙ୍କୁ ସଭାରେ ତାଳିମାରିବାକୁ ପ୍ରସ୍ତୁତ କରି ରଖାଯାଇଥାଏ ଜାଣିଲେ ଲଜ୍ଜିତ ହେବାକୁ ପଡ଼େ ! ପୋଷାକୁକୁର ମାଲିକକୁ ଆନୁଗତ୍ୟ, ବିଶ୍ୱସ୍ତ ଭାବ ଦେଖାଇବା ପାଇଁ ବିନାକାରଣରେ ଭୁକିଥାଏ କିମ୍ବା ଦେହ ଉପରେ ଚଢ଼ିଯାଏ । ଆମେ କିଛି ଅମଣିଷ ଅନ୍ୟମାନଙ୍କଠାରୁ ସାହାଯ୍ୟ ପାଇବା ପାଇଁ, ସ୍ୱାର୍ଥ ହାସଲ ପାଇଁ ବେଳେବେଳେ ଅଯଥାରେ ତାଳିମାରୁ । କେବେ କେବେ ତାଳି ମାରିବାର ଅଭିନୟ ବି କରୁ ନିଜର ଅନିଚ୍ଛାସତ୍ତ୍ୱେ । ତାଳି ମରା ଅଭିଯାନ ଆମ ସମାଜରେ ଯେପରି ଚାଲିଛି ସେଥିରେ 'ତାଳି' ର ମହତ୍ତ୍ୱ କମିଛି । ମାନସିକ ଆତ୍ମଗ୍ଲାନି ବି ବଢ଼ିଛି ଏପରି କଦର୍ଯ୍ୟ କାର୍ଯ୍ୟ ପାଇଁ । 'ତାଳି' ମାରି ସତ୍ୟକୁ ସମ୍ମାନ ଦେବା, ପ୍ରୋତ୍ସାହ୍ନ ଦେବାର ଅଭାବ ଆମେ ଯେତିକି ଅନୁଭବ କରୁଛୁ, ଅସତ୍ୟକୁ ଗାଳି ପରିବର୍ତ୍ତେ 'ତାଳି' ମାରି ଅମାନବିକତାର ପରିଚୟ ଦେବାରେ କୁଣ୍ଠିତ ହେଉ ନାହୁଁ, ଏହାହିଁ ବିଡ଼ମ୍ବନା । ଯେଉଁ ହାତ ଦୁଇଟିର ସଂଯୋଗରେ ତାଳି ସୃଷ୍ଟି କରି ଆମେ ଏହାର ଯଥାର୍ଥ ଓ ଅଯଥାର୍ଥତା ବିଚାର କରୁ ସେଇ ଦୁଇଟି ହାତର ନିବିଡ଼ ସଂଯୋଗରେ ହାତଯୋଡି କାହାକୁ ସମ୍ମାନ ପ୍ରଦର୍ଶନ କଲେ ସେ ଆନନ୍ଦ ଅନୁଭବ କରିବେ । ଯୋଡ଼ ହସ୍ତରେ ଭଗବାନଙ୍କୁ ପ୍ରାର୍ଥନା ଭଙ୍ଗୀରେ ଭାବ ସମର୍ପଣରେ ଶରୀରର ଏଇ ଅଂଗର ଅଧିକ ମହନୀୟ ଭାବ ପ୍ରକଟ କରିବ । ଈଶ୍ୱର କିମ୍ବା ମହନୀୟ ବ୍ୟକ୍ତିତ୍ୱଙ୍କ କଥା ଶୁଣି ତାଳି ମାରିଲେ ଆତ୍ମା କୃତାର୍ଥ ହେବ ନିଶ୍ଚୟ । ଏଥରେ 'ଗାଳି' ପ୍ରସଙ୍ଗରେ ଆଲୋଚନା କରିବା । ମନ ଭିତରର ରାଗ, ଦ୍ୱେଷ, ଅଭିମାନ, ଯନ୍ତ୍ରଣା ଆଦିକୁ ହୃଦୟ ଭିତରେ ନିୟନ୍ତ୍ରଣରେ ନରଖିପାରି ଆମେ ଅନ୍ୟକୁ ଗାଳିବର୍ଷଣ କରିଥାଉ । ଏହା ଆମ ମନ ଭିତରର ବିଦ୍ରୋହ ଭାବନାର ପରିପ୍ରକାଶ ମାତ୍ର । ଆମର ସମସ୍ତ କୁତ୍ସିତ ଚିନ୍ତା, ଖରାପ ପ୍ରକୃତିର ଲକ୍ଷଣ ଆମ ମୁହଁର ଭାଷାରେ ଏପରି ରୂପ ନିଏ ଯେ ଏହା ଦ୍ୱାରା ଆମେ ଆମର ମାନବିକତା ବି ହରାଇଥାଉ । ମନ, ହୃଦୟ, ମସ୍ତିଷ୍କ ଭିତରେ ଆଲୋଡ଼ନ ସୃଷ୍ଟି ହେଲେ ଶରୀରର ବିଭିନ୍ନ ତନ୍ତ୍ରୀରେ ଅସନ୍ତୁଳନ ସୃଷ୍ଟି ହୁଏ । ଆମେ କ'ଣ କହୁଛୁ ? ଆମ ଭାଷାର ଭାବ, ଶବ୍ଦର ଶକ୍ତି କ'ଣ ରହୁଛି ଏହା ଆମେ ଭୁଲିଯାଉ । ତେଣୁ ଅନ୍ୟକୁ ଗାଳି ଦେବାରେ ତା'ର ଯେତିକି କ୍ଷତି ନହୁଏ ତା'ଠାରୁ ଅଧିକ କ୍ଷତି ଯେ ନିଜର ହୁଏ ଏପରି ବୁଝିବାର ହିତାହିତ ଜ୍ଞାନ ଆମର ନଥାଏ । ଏଇ ମୁହଁର ଭାଷାରେ ମିତ୍ରତା ସଂଘଟିତ ହୁଏ, ଶତ୍ରୁତା ବି ସୃଷ୍ଟି ହୁଏ । ତେଣୁ ଆମର ଭାଷା, ଶ୍ରୁତିକଟୁ, ଅଶ୍ରାବ୍ୟ, ଯାହା ହେଉପଛେ ଆମେ ଅନ୍ୟକୁ ଗାଳି ଦେଇ ଆତ୍ମ ସନ୍ତୋଷ ଲାଭକରୁ । ଅନ୍ୟପକ୍ଷରେ ଗାଳି ଶୁଣି ନିଜକୁ ନିୟନ୍ତ୍ରଣରେ ରଖି ନପାରି ବ୍ୟକ୍ତି ଜଣଙ୍କ ପ୍ରତିଶୋଧ ପରାୟଣ ହୋଇଉଠନ୍ତି ଗାଳିରୁ କଳି । ଆଉ କଳିରୁ ଶରୀରର ମଳି, ଧୂଳି ସବୁ ବାହାରିଯା'ନ୍ତି ବେଳେବେଳେ । ଗାଳି କରିଦେଲେ ଯେ ଆତ୍ମ ସନ୍ତୋଷ ମିଳିଯିବ ଏଭଳି ଭାବନା ଭୁଲ୍ । ଅନ୍ୟାୟ ବା ଅସତ୍ କର୍ମର ପ୍ରତିରୋଧ ଅଶ୍ଳୀଳ ଶବ୍ଦରେ ନୁହେଁ, ଶାଳୀନ ଢଙ୍ଗରେ ବି କରାଯାଇପାରେ । ଅନେକ ଏପରି କରି ଶାନ୍ତି ପରିବେଶ ସୃଷ୍ଟି କରୁପାରୁଛନ୍ତି ଏ ସମାଜରେ । କଳହଠାରୁ ଦୂରରେ ରହିବା ପାଇଁ 'ଗାଳି' କରିବା ପରି ମାନସିକତା ସର୍ବଦା ବର୍ଜ୍ଜନୀୟ ହେବା ଉଚିତ । ଯେଉଁଥିପାଇଁ ଭାଗବତରେ କୁହାଯାଇଛି- 'କହିବ କୋମଳ ବଚନ-କହି ତୋଷିବ ଜନମନ ।'' ଆଜିକାଲି ସମାଜରେ କାହା ମୁହଁରୁ ଆତ୍ମ ସନ୍ତୋଷ ମିଳିବା ପରି କୋମଳ କଥା ପଦେ ଶୁଣିବା, ଦୁଷ୍ପ୍ରାପ୍ୟ । ବିଦ୍ରୋହଭାବାତ୍ମକ ଭାଷା କରୁଥିବା ମଣିଷମାନଙ୍କ ସଂଖ୍ୟା ଢେର ବଢ଼ିଛି । ସେମାନଙ୍କ ମୁହଁରୁ ଶାନ୍ତିର ସନ୍ଦେଶ ପରିବର୍ତ୍ତେ ଗାଳି ବା ବିଦ୍ୱେଷର ଭାଷା ହିଁ ଶୁଣିବାକୁ ମିଳୁଛି ଏବଂ ଆମେ ଧୈର୍ଯ୍ୟର ସହ ଏସବୁ ଶୁଣିବାକୁ ବାଧ ହେଉଛି । କେହି କାହାକୁ ନ୍ୟାୟରେ ବା ଅନ୍ୟାୟରେ ଗାଳି ଗୁଲଜ କରୁଥିବାର ଦେଖିଲେ ଆମେ ଖୁବ୍ କମ୍‌ଲୋକ ତା' ପାଖକୁ ଯାଇ ଗାଳି କରିବାରୁ ନିବୃତ୍ତ ରହିବାକୁ ବାରଣ କରିଥାଉ । ବରଂ କେବେ ନିରବ ଶ୍ରୋତା ହେଇ ମଜ୍ଜା ଦେଖୁ କିମ୍ବା ତାଳି ମାରିବାକୁ ପ୍ରୋତ୍ସାହିତ କରୁ, ଆହୁରି ଉଚ୍ଚ ସ୍ୱରରେ ଗାଳି ବର୍ଷଣ କରିବାପାଇଁ । ଏପରି ଲୋକମାନଙ୍କର ସଂଖ୍ୟା ବି କମ୍ ନୁହେଁ ଆଜିର ସମୟରେ । କାହାର କ୍ଷତି ପାଇଁ ଆମେ ବି ଯେତେ ଦୁଃଖି ହୋଇ ନଥାଉ କାହାର ଖୁସି ପାଇଁ ଆମେ ବେଶୀ ଦୁଃଖ ଅନୁଭବ କରୁ । ନିର୍ବୋଧତାରୁ ଆମେ ଭଗବାନଙ୍କୁ ବି ଯେକୌଣସି ଭାଷାରେ ଗାଳି ଦେଉ । ଆମ ସ୍ୱାର୍ଥ ହାସଲ ନହେଲେ ସେ ବି ଆମ ଭାବନାରେ ଶତ୍ରୁ ହୋଇଯାନ୍ତି । ଆମେ ଅମଣିଷମାନେ ତାଙ୍କର ସ୍ତୁତି ଭୁଲି ନିନ୍ଦା କରି ଗାଳି ଦେଇଥାଉ । ହଁ କେତେକ ଭକ୍ତ ଅଭିମାନରେ ବି ଭଗବାନଙ୍କୁ ଗାଳି ଦେଇଛନ୍ତି ତାଙ୍କ ଭଜନ, ଜଣାଣରେ ଆମେ ପଢ଼ିଛୁ । ସେ ଭାଷା ଯେତେ କଠୋର ହେଲେ ବି ଭାବ ଅଲଗା । ଭକ୍ତର ମନ, ହୃଦୟର ଭାଷା । ଭଗବାନ ଗାଳି ସହିପାରନ୍ତି କିନ୍ତୁ ଗର୍ବ ନୁହେଁ । ଆମେ କିନ୍ତୁ କାହାକୁ ଗାଳି କରି ଗର୍ବୀ, ଅହଙ୍କାରୀ ହେଉ ଏହାହିଁ ଆମ ନିର୍ବୋଧତା ।

'ତାଳି' ମାରିବା କି 'ଗାଳି' କରିବା କାହାପାଇଁ ସହଜ କି ଅସହଜ ହୋଇପାରେ । କିନ୍ତୁ ତାଳି ଶୁଣି ଆତ୍ମା ଗର୍ବର ସୀମା ଲଂଘନ ନକରି ଗାଳି ଶୁଣିବାରେ ଅସୀମ ଧୈର୍ଯ୍ୟ ଅବଲମ୍ବନ କରିବା ବିଜ୍ଞତାର ପରିଚାୟକ ହେବ । ଉଭୟ ତାଳି ଓ ଗାଳି ମଣିଷ ଭାବାବେଗର ପରିପ୍ରକାଶ । ଏଇ ଶରୀର ସବୁକୁ ଆଦରି ନେଲେ କାହାର ତାଳି କି ଗାଳି ଆମକୁ ସୁଖ, କି ଦୁଃଖ ଦେବ ନାହିଁ, ଆମେ ବୁଝିବା ଉଚିତ । ଆଜିର ରାଜନେତାମାନେ ତାଳି ଓ ଗାଳିର ପ୍ରଚ୍ଛଦ ରହସ୍ୟ ଆମଠାରୁ ଅଧିକ ଭଲ ଭାବେ ବୁଝିଥାନ୍ତି । ଆଉ କିଛି ବୁଝି ନପାରି କଷ୍ଟ ପାଆନ୍ତି ।

ନିନ୍ଦା, ଅପମାନ, ପ୍ରଶଂସା, ସମ୍ମାନ ସବୁ
ଏ ଜୀବନେ ଆସେ
ସୁଖରେ ଅସ୍ଥିର, ଦୁଃଖରେ ଅଧୀର
ନହେଲେ ଜୀବନ ହସେ ।

+ଅବସରପ୍ରାପ୍ତ ଉଚ୍ଚବିଦ୍ୟାଳୟ
ପ୍ରଧାନଶିକ୍ଷକ
ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ
ମୋ-୯୪୩୮୦୪୮୬୧୫

# ସମ୍ଭବାମି ଯୁଗେ ଯୁଗେ



**ଅନୀତା ପଟ୍ଟନାୟକ**

ଅବତାର ମନୁଷ୍ୟକୁ ତାର ନିଜତ୍ୱ ଦେଖାଇବାକୁ ଓ ତାର ଜନ୍ମଗତ ଅଧିକାର ଆତ୍ମାନନ୍ଦକୁ ଫେରାଇ ଆଣିବାକୁ ଧରାପୃଷ୍ଠରେ ବାରମ୍ବାର ଜନ୍ମଗ୍ରହଣ କରନ୍ତି । ତାଙ୍କୁ ବାରମ୍ବାର ଏ ପୃଥିବୀରେ ଜନ୍ମଗ୍ରହଣ କରିବାକୁ ପଡ଼ିଥାଏ । ସେଥିପାଇଁ ସେ ଗୀତାରେ ଉଦଘୋଷଣ କରିଛନ୍ତି 'ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ' ।

ମନୁଷ୍ୟ କିନ୍ତୁ ନିଜ ମନ ଦ୍ୱାରା ନିର୍ବିକଳ୍ପ ଓ ନିର୍ଗୁଣ ତତ୍ତ୍ୱକୁ ବୁଝିପାରି ନଥାଏ । କାରଣ ଭଗବାନଙ୍କର କଥା ମନୁଷ୍ୟର ବାକ ମନ ଓ ବୁଦ୍ଧିର ଉର୍ଦ୍ଧ୍ୱରେ ହୋଇଥାଏ । ସେହିପରି ଅବତାର ଥିଲେ ଗୋପାଳ ନନ୍ଦନ ଶ୍ରୀକୃଷ୍ଣ । ଶାସ୍ତ୍ରରେ ଲେଖାଯାଇଛି ଶ୍ରୀକୃଷ୍ଣ ଥିଲେ ଷୋଳକଳାପୂର୍ଣ୍ଣ । ସେହି ଷୋଳକଳା ଗୁଡ଼ିକ ହେଉଛି ଧନ, ବଳ, ବୁଦ୍ଧି, ଯୌବନ, ଉଚ୍ଚଶିକ୍ଷା, ପଦ, ବଂଶ, ସୌନ୍ଦର୍ଯ୍ୟ, କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ରଜ, ତମ । ମନୁଷ୍ୟ ନିକଟରେ ଏହି ସବୁ ଗୁଣ ଗୁଡ଼ିକ ପରିଲକ୍ଷିତ ହୋଇଥାଏ । ସେଥିପାଇଁ ସେ କହିଥାନ୍ତି ମୁଁ ତୁମର ଓ ତୁମେ ମୋର । ଏହି ଷୋଳ କଳାର ଉତ୍ତମ ପରିଚାଳନାର ଶିକ୍ଷା ଦେବାପାଇଁ ଭଗବାନଙ୍କୁ ଅବତାର ଗ୍ରହଣ କରିବା ପାଇଁ ପଡ଼ିଥାଏ । ଏହାର ଏକ ଉଦହାରଣ ଦିଆଯାଇପାରେ । ଯଥା ସୌଜନ୍ୟ ପ୍ରଧାନ ନୀତି ହେଲେ ଈର୍ଷାର ସ୍ଥାନ ଜଗତରେ ରହିବ ନାହିଁ । କିନ୍ତୁ ପ୍ରକୃତ କଥା ହେଉଛି ଭଗବାନ ଯେତେବେଳେ ଅବତାରତ୍ୱ ଗ୍ରହଣ କରନ୍ତି ସେ ଆମ କଥା ଶୁଣନ୍ତି ଆମେ ଭଗବାନଙ୍କ କଥା ଶୁଣୁନା ।

କୃଷ୍ଣ ଅବତାରତ୍ୱ ଗ୍ରହଣ କରିଥିବା ସମୟରେ ଆମର ମନକୁ ସୀମାହୀନତାର ପାଠ ପଢ଼ାଇଥିଲେ । ତାଙ୍କର ମନ ଥିଲା ସୀମାପାର । ଏହାକୁ ହିରଣ୍ୟଗର୍ଭ ବା ବ୍ରହ୍ମରେ ଲୀନ କୁହାଯାଏ । ସେହିପରି ତାଙ୍କ ଶରୀରର ଅସୀମତ୍ୱ ଧାରଣ କରି ଦେଖା ଦେଇଥିଲେ ସେ ବିରାଟ ସ୍ୱରୂପ ଶାସ୍ତ୍ରଜ୍ଞ କୁହନ୍ତି ସେ ଥିଲେ ସୀମାହୀନ ଆଲୋକ ତେଣୁ ସେ ପରମ ଜ୍ୟୋତି । ସେ ମାନବ ସମାଜକୁ ଦେଖାଇଥିଲେ, ଯେଉଁ ସଂସ୍କାରକୁ ନେଇ ତୁମେ ଆନ୍ଦୋଳିତ ତାହା କ'ଣ ? ବ୍ରହ୍ମ ମାୟା ହେଉଛି ଏ ସଂସାର । ତୁମେମାନେ ହେଉଛ ଜୀବ, ଏହାକୁ ବୁଝାଇବାକୁ ଯାଇ କହିଥିଲେ ବ୍ରହ୍ମ + ଅବିଦ୍ୟା = ଜୀବ । ଜୀବନ ଓ କାମନାର ମିଶ୍ରଣର ସୃଷ୍ଟି ହେଉଛି ମାନବ । ଜୀବନ ବିଯୁକ୍ତ କାମନା ହେଉଛି ମାଧବ । କୃଷ୍ଣ ଅବତାରତ୍ୱ ସମ୍ପର୍କରେ କୁବଜାକୁ ଏକ ସୁନ୍ଦର ନାରୀରେ ପରିଣତ କରି ପ୍ରମାଣ କରିଦେଇଥିଲେ ରୂପ ପାଇବାରେ ମଣିଷର ନିୟନ୍ତ୍ରଣ ନଥାଏ । ଏହା ଭଗବାନଙ୍କ ଦ୍ୱାରା ପ୍ରଦତ୍ତ । କିନ୍ତୁ ଗୁଣ ଗୁଡ଼ିକ ଉପରେ ମଣିଷର ନିୟନ୍ତ୍ରଣ ଥାଏ କିନ୍ତୁ ମଣିଷ ତାହା ଉପରେ ନିୟନ୍ତ୍ରଣ ନରଖି ଦୁଃଖ ଯନ୍ତ୍ରଣା ପାଇ ଥାଏ ।

ଯୁଦ୍ଧ ସମୟରେ ଦେବକୀନନ୍ଦନ ଅର୍ଜୁନଙ୍କୁ ବଝାଇ ଦେଇଥିଲେ ଗୀତାର ମୁଖ୍ୟ ଯୋଗ ଗୁଡ଼ିକୁ ବୁଝିବାର ଉପାୟ । ଯଥା ପ୍ରେମ+ହସ୍ତ = କର୍ମଯୋଗ । ପ୍ରେମ + ହୃଦୟ = ଭକ୍ତିଯୋଗ । ପ୍ରେମ + ମସ୍ତିଷ୍କ = ଜ୍ଞାନଯୋଗ । ଅର୍ଜୁନଙ୍କୁ ବିରାଟ ସ୍ୱରୂପ ଦେଖାଇ ବୁଝାଇ ଦେଇଥିଲେ କେହି ମରେ ନାହିଁ କି କେହି ମାରି ପାରେ ନାହିଁ । ଆମେ ପ୍ରତ୍ୟେକ ତାଙ୍କ ହାତରେ କଣ୍ଢେଇ । ଭଗବାନଙ୍କର ଅଦେଶକୁ ପାଳନ କରିବାକୁ ପାପ କୁହାଯାଏ । ଭଗବାନ ଆମ ମଧ୍ୟରେ ବିବେକ ରୂପରେ ବିଦ୍ୟମାନ । ବିବେକର କଥା ନଶୁଣିବା ହିଁ ପାପ । ମହାଭାରତ ଯୁଦ୍ଧରେ ସେ ପ୍ରମାଣ କରି ଦେଇଥିଲେ ପ୍ରସାରଣ ହେଉଛି ପ୍ରେମ । ସଂକୋଚନ ହେଉଛି ମୃତ୍ୟୁ । କୌରବମାନେ ତାଙ୍କର ସଂକୋଚନ ମନୋଭାବ ହେତୁ ମୃତ୍ୟୁବରଣ କରିଥିଲେ । ଶ୍ରୀକୃଷ୍ଣଙ୍କର ନାମ କଥାକୁ ବିଚାର କଲେ ନାମର ତାତ୍ପର୍ଯ୍ୟ ଜଣାପଡ଼ିଥାଏ । କୃଷ୍ଣ ଧାତୁର ନିଷ୍ପନ୍ନ ଏହାର ଅର୍ଥ ଆକର୍ଷଣ, କର୍ଷଣ ବା ହଳ କରିବା, ଦେଶ, କାଳ, ସମୟ ଓ କାରଣ ଉର୍ଦ୍ଧ୍ୱର ଦିବ୍ୟତ୍ୱ । କୃଷ୍ଣ କେବଳ ସାଧକ, ସନ୍ଥ ଓ ଋଷିମାନଙ୍କୁ ନୁହେଁ ବରଂ ସରଳ ନିରୀହ ଉତ୍ତମଜନଙ୍କୁ ଆକର୍ଷିତ କରିଥାନ୍ତି । ସେ କୌତୁହଳୀ ନିନ୍ଦୁକ, ସମାଲୋଚକ ନାସ୍ତିକ ମାନଙ୍କୁ ମଧ୍ୟ ଆକର୍ଷିତ କରିଥାନ୍ତି । କୃଷ୍ଣ ତାଙ୍କର କମନୀୟ ରୂପ, ଅଜୟ ଦୃଷ୍ଟି, ବଂଶୀର ସ୍ୱର ଓ ଉପଦେଶ ମାଧ୍ୟମରେ ନିର୍ଭୀକ ବୀରତ୍ୱ ମନୋଭାବ ଦେଖାଇ ସମସ୍ତଙ୍କୁ ଆକର୍ଷିତ କରିଥାନ୍ତି । ସେ ବୃନ୍ଦାବନର ଶାନ୍ତି ପରିବେଶରେ ଗୋଚର ଭୂମିରେ ଓ କୁରୁକ୍ଷେତ୍ରର ରକ୍ତାକ୍ତ ଯୁଦ୍ଧକ୍ଷେତ୍ରରେ ରକ୍ତନଦୀ ନିକଟରେ ବଂଶୀର ଧ୍ୱନୀରେ ସ୍ୱର ରଚନା କରିଥିଲେ । କି ଅପୂର୍ବ । ଗୋଟିଏ ହାତରେ ବଂଶୀ ଓ ଗୋଟିଏ ହାତରେ ଘୋଡ଼ାର ଲଗାମ ମୁଖରୁ କିନ୍ତୁ ନିସୃତ ଅଭିଭୂତକାରୀ ସଙ୍ଗୀତ ତୁମେ ଯାହାକୁ ବେଣୁମାନ କୁହ ବା ଭଗବତଗୀତା । ଗାନ ଓ ଗୀତା ଉଭୟର ଅର୍ଥ ଗୀତା । ସେ ଆମର ହୃଦୟକୁ ଆକର୍ଷଣ କରି କୃପାବୃଷ୍ଟି କରନ୍ତି । ପ୍ରେମର ବୀଜକୁ ବପନ କରନ୍ତି । ଆନନ୍ଦର ଶିଷ୍ୟକୁ ନଷ୍ଟ କରୁଥିବା ଅସତ୍ ଚିନ୍ତାକୁ ଫୋପାଡ଼ି ଦିଅନ୍ତି । ମଣିଷର ଜ୍ଞାନ ସ୍ୱୟଂ କୃଷ୍ଣଙ୍କ ଠାରେ ପୂର୍ଣ୍ଣତା ହାସଲ କରେ କାରଣ ସେ ହେଉଛନ୍ତି ଶୁଦ୍ଧ ସାରତତ୍ତ୍ୱ, ପରମତତ୍ତ୍ୱ, ସଚ୍ଚିଦାନନ୍ଦ । ଆଜି ଜନ୍ମାଷ୍ଟମୀ ତିଥିରେ ଚାଲନ୍ତୁ ତାଙ୍କୁ ପ୍ରଣାମ କରିବା ।

+ଅବସର ପ୍ରାପ୍ତ ପ୍ରଧାପିକା,
ସିଡ଼ିଏ, କଟକ,
ମୋ: ୯୬୯୨୯୮୦୦୨୬




## ଅମୃତ ପିଢ଼ି

**ବସନ୍ତ କୁମାର ପ୍ରଧାନ**



ପରିବର୍ତ୍ତନର ଧାରାରେ ଯେ ବିଶ୍ୱ
କ୍ରମଃ ବିକାଶଶୀଳ
ବିଜ୍ଞାନ ଯୁଗର ମଣିଷ ଆମେରେ
ମନରେ ଅସୀମ ବଳ ।
ଆଜିର ଶିଶୁ ହିଁ ଆଗାମୀ ଦିନର
ଉଜ୍ଜ୍ୱଳ ଭବିଷ୍ୟତ
ନୂତନ ଆଶାର ଆଲୋକ ଦେଖାଇ
ସାଧିବାକୁ ହେବ ହିତ ।

ନୂତନ ଜ୍ଞାନ ବିଜ୍ଞାନ କ୍ଷେତ୍ରରେ
ଜାଗିଉଠ ପାଠ ପଢ଼ି
ସୁନ୍ଦର ଏକ ନୂତନ ବିଶ୍ୱ ହିଁ
ଗଢ଼ ହେ ଅମୃତ ପିଢ଼ି ।
ତୁମ ପୃଥିବୀରେ ଅନାହାରରେ
ନଯାଉ କାହାରି ପ୍ରାଣ
ଅନ୍ୟାୟ ଅନୀତି ଯେତେ ଦୁରାଚାର
ହେଉ ଯେ ମୁଳୋତ୍ପାଟନ ।
ଅନ୍ଧ ବିଶ୍ୱାସ ଯେତେ କୁସଂସ୍କାର
ନରହୁ ଆତଙ୍କବାଦ
ସଂକୀର୍ଣ୍ଣ ସ୍ୱାର୍ଥ ମାୟା ମୋହେ ନର
ନଡାକି ଆଣୁ ପ୍ରମାଦ ।

ମନରେ ନରହୁ ହିଂସା ଦ୍ୱେଷ ଘୃଣା
ଘଟୁ ସବୁ ଅବସାନ
ସ୍ନେହ ପ୍ରେମ ଭକ୍ତି ମୈତ୍ରୀ ପ୍ରତୀତିରେ
ହୃଦ ହେଉ ପରିପୂର୍ଣ୍ଣ ।
ଉତ୍ତମ ଚିନ୍ତନ ଉତ୍ତମ କର୍ମରେ
ଚଢ଼ି ସଫଳତା ସିଢ଼ି
ଅନେକ ଆହ୍ୱାନ ସମାଧାନ ପାଇଁ
ଜାଗ ହେ ଅମୃତ ପିଢ଼ି ।
ଶାନ୍ତିର କପୋତ ଉଡ଼ାଇ ଯେ ଦିଅ
ନକରିଣ ରକ୍ତ ପାତ
ଦେଶ ମାତୃକାର ସେବାରେ ଜୀବନ
କର ହେ ଉତ୍ସର୍ଗୀକୃତ ।
ନୂଆ ଇତିହାସ ରଚି ଯାଅ ତୁମେ
ଆଣି ନବ ସୂର୍ଯ୍ୟୋଦୟ
ଅମୃତ ପିଢ଼ିର ନାଗରିକ ତୁମେ
ସୃଷ୍ଟି କର ମଧୁମୟ ।

+ହରିହରପୁର, ଛେଣ୍ଡିପଦା,
ଅନୁଗୋଳ
ମୋ -୭୭୩୫୬୧୧୪୮୪

## ଅବ୍ୟକ୍ତ ବେଦନା

**ସିଦ୍ଧେଶ୍ୱର ତ୍ରିପାଠୀ**

ଯେବେଠୁ ଫୁଲେଇ ମନକୁ ଭୁଲେଇ
ଯାଇଛ ମୋଠାରୁ ଦୂରେ
ସେବେଠୁ ସେମୁହଁ ସତରେ ଦେଖିନି
ଭେଟ ଯାହା ସପନରେ ।

ତୁମ ଇଲାକାରେ ଗହଳି ଚହଳି
ମୋର ତ ନିର୍ଜନ ବାଟ
ତୁମ ଅଙ୍ଗେ ଅଙ୍ଗେ ପୀରତିର ଅଠା
ମୋ ମନେ ବିରହ ଫାଟ ।

ଏଇମିତି ଦିନେ ଜୀବନ ସରିବ
ଭେଟ ହେବନାହିଁ ଥରେ
ଯେବେଠୁ ଫୁଲେଇ ମନକୁ ଭୁଲେଇ
ଯାଇଛ ମୋଠାରୁ ଦୂରେ ।

କେତେ ନୂଆ କଥା ମିଠା ମିଠା ବ୍ୟଥା
ନୂଆ ଅତିଥୀଙ୍କ ସ୍ୱର
ଏକେଲା ପଣର ଅଦେଖା ଦହନ
ମିଠା ମିଠା ସେ ଜହର ।

ସୁରୁଜ ଚନ୍ଦ୍ରମା ଆସନ୍ତି ଯାଆନ୍ତି
ମନକିନ୍ତୁ ଝୁରି ମରେ
ଯେବେଠୁ ଫୁଲେଇ ମନକୁ ଭୁଲେଇ
ଯାଇଛ ମୋଠାରୁ ଦୂରେ ।

# କବିତାମାଳା

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୦୧ ସେପ୍ଟେମ୍ବର ୨୦୨୬, ମଙ୍ଗଳବାର

## ପାଳିତ ଈଶ୍ୱର
### ପ୍ରଭାତୀ ମାଝୀ



ଲଳିତାର ଲୁହ ଜଳକୁ ଆଡ଼କରି
ବିଶ୍ୱାବସୁର ବିଶ୍ୱାସ ଭାଙ୍ଗିଥିବା
ନୀଳ ମାଧବ ତମେ
ତମେ ଏବେ ରାଜାର ଦେବତା
କେଜାଣି ତମେ କେତେ ବୁଝିଛ
ଏ ଜାତିର ବ୍ୟଥା ।
ଯିଏ ତା' କ୍ଷେତରୁ ଦେଇଛି କୈବଲ୍ୟ
ନିହାଣ ମୁନରେ ଗଢ଼ିଛି ନବ କଳେବର
ବିଶି ଆଙ୍ଗୁଳିରେ ଜାଳିଛି
ଅଖଣ୍ଡ ଦୀପାଳି
ପାହାଡ଼ର ହାତ ଗୋଡ଼ କାଟି
ଗଢ଼ି ଦେଇଛି ଦେଉଳ
କେଜାଣି ତମେ କେତେ
ବଦଳେଇଛ ତାର ଭାଗ୍ୟ ।

ହଁ, ତମେ ବ୍ୟସ୍ତ ଥିଲ
ଗଢୁଥିଲ ପରିକ୍ରମା ପ୍ରକଳ୍ପ
ନହେଲେ ହଜିଥିବା ତମ
ରତ୍ନ ଭଣ୍ଡାରର ଚାବି ଖୋଜୁଥିଲ ।

ଦାସିଆ ବାଉରୀର ନଡ଼ିଆଟିଏ
ନେଲ ଯେ
ଏ ଯାଏ ଉତ୍ତର ଦେଲନି

ଅଛୁଆଙ୍କ ପାଇଁ ଏ ରାଜ୍ୟରେ
କାହିଁକି ଖୋଲିନି ମନ୍ଦିର କବାଟ
କାହିଁକି ସୁରାଟ ସୂତା କଳରେ
ଦାଦନ ଖଟୁଛି ଶ୍ରୀୟାର କପାଳ ?

ରାଜାର ଭାର୍ଯ୍ୟା ପାଇଁ କାଂଚି
ଯାଇଥିଲ ଯେ
ମହାନଦୀର ପାଣି ପାଇଁ
ଥରୁଟେ ଛତିଶଗଡ଼ ଯାଆନ୍ତନି ?

ସାଲବେଗର ନୀଳ ଶଇଳ ତମେ
କିଏ ବୁଝିବ ସିଜୁମାଳି ପାହାଡ଼ର ଦୁଃଖ
ବଳରାମ ଦାସଙ୍କ ବାଲିରଥର
ଆରୁଢ଼ ଦେବତା
କରୁଣାର ବାଲି ଗଣ୍ଡାକ ଦେଲ ଯେ
ସେ ବି ମାଫିଆଙ୍କ କବଳରେ ।

ପାଂଚ କିସ୍ତିରେ ପଚିଶ ହଜାର ଟଙ୍କା ଦେବାକୁ
ପଂଚାୟତ ଆସିଥିଲ
କ'ଣ ହେଲା
ଏବେ ତମ ଭଉଣୀ ସୁଭଦ୍ରା ବ୍ୟାଙ୍କରେ
ପାଂଚ ହଜାର ଟଙ୍କାରେ ଦାଦନ ପୁଅ ଫେରିଆସିବ
ତାମିଲନାଡୁର ଲୁହା କଳରୁ
ତା ଚଷା ଗେରସ୍ତ ଏବେ
ମାଗଣା ଚାଉଳର ଗର୍ବିତ ନାଗରିକ ।

ଯାଜପୁରର ବନ୍ଧୁ ମହାନ୍ତିଙ୍କୁ

ଭୋକ ଥାଳି ଦେଇଥିଲ
ତା ପାଖାପାଖି ନଗଡ଼ା
ସିଆଡେ ଟିକେ ଗଲନି ।

ଏ ଜାତି ଶ୍ରୀହୀନ
ତମର କିନ୍ତୁ ଶ୍ରୀମନ୍ଦିର
ଏବେ କାଳେ ତମର
ମୋଦକ ଚୋରି ହେଇଛି
ସିଏତ ଆମମାନଙ୍କର
ଝାଳ ବୁହା ପଇସା
ତମର କି ଚିନ୍ତା
ଏ ଜାତି ଗୋଟେ ନିମ୍ବ ଗଛ
ଯିଏ ହଣା ହେଲେ
ତମର ନବ କଳେବର
ତମକୁ ଜୁହାର
ଏ ଗରିବ ରାଜ୍ୟର
ଧର୍ଣ୍ଣାଢ଼୍ୟ ପାଳିତ ଈଶ୍ୱର ।

+ଭାବ ଭବନ, ଗୋପିଆକୁଦ
କୁଜଙ୍ଗ, ଜଗତ୍‌ସିଂହପୁର
ମୋ:୯୭୭୬୪୫୯୪୬୩

## ଜୀବନ ପକ୍ଷୀର ଗୀତ
### ପ୍ରଶାନ୍ତ କୁମାର ଦାଶ



ଯାତନା ପଥରେ ଦୁଃଖ କଷ୍ଟ ସହି
ଢାଳୁଥାଏ ଲୁହଧାର
ଜୀବନ ପକ୍ଷୀଟି ଶୁଷ୍କ ତରୁ ଡାଳେ
ହେଇଯାଏ ନାରଖାର ।

ତମସା ଜର୍ଜର ଏକାନ୍ତ ବନରେ
ଥାଏ ତା ମନରେ ଡର
ଅଦିନରେ ଝଡ ଆସି ଭାଙ୍ଗିଦିଏ
ହାତଗଢ଼ା ବାଲିଘର ।

ତଥାପି ତା ମନେ ରହିଥାଏ ସଦା
ଜିଇଁବାର ଆରାଧନା
ଟିକିଏ ସୁଖର ଅପୂର୍ବ ଛୁଆଁରେ
ହେଇଯାଏ ଆନମନା ।

ମନ ମନ୍ଦିରରେ କରେ ସେ ଅର୍ଚ୍ଚନା
ଛୁଇଁବାକୁ ସୁଖ ସୁଧା
ତମସା ଜର୍ଜର ଜୀବନ ପକ୍ଷୀର
ସପନଟି ରହେ ଅଧା ।

ମରଣଯାଏ ସେ ଆହତ ପକ୍ଷୀଟି
ଆଶା ରଖିଥାଏ ସଞ୍ଚି
ବାଲି ରଥ ଗଢ଼ି ଜୀବନ ରାସ୍ତାରେ
ଅଗ୍ରସର୍ ହୁଏ ବଞ୍ଚି ।

ରଙ୍ଗ ଝୋଟି ଅଙ୍କା ହୃଦରେ ତାହାର
ହିଲ୍ଲୋଳ ଆବେଗ ସ୍ୱନ
ରାତି ଆକାଶର ଜହ୍ନ ଆଲୁଅରେ
ଛନ ଛନ ଯଉବନ ।

ଜୀବନ ପକ୍ଷୀଟି ସ୍ୱପ୍ନ ଦେଖୁ ଦେଖୁ
ସରି ଯାଏ ତାର ନାଟ
ତମସା ରାତିରେ ଦିଶେନି ତାହାକୁ
ଅଙ୍କା ବଙ୍କା ଯେତେ ବାଟ ।

+ କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

## ପୁରୁଷ ଉପରେ ହସେ
### ଜୟନ୍ତ କୁମାର ମଲ୍ଲିକ୍



ଛାତି ତଳେ ରଖି ଅସରନ୍ତି ଦୁଃଖ
ପୁରୁଷ ଉପରେ ହସେ
ବିପଦ ଆପଦ ମାଡ଼ିଆସୁ ଯେତେ
ହିମାଳୟ ପରି ବସେ ।

ଅସୀମ ସାହସ ଅମାପ ଧଇର୍ଯ୍ୟ
ଶକତି ମନରେ ଭରି
ସାଜି କର୍ମବୀର ସକଳ କାର୍ଯ୍ୟକୁ
ନିଷ୍ଠାରେ ସେ ଥାଏ କରି ।

ନିନ୍ଦା ଅପବାଦ ମାନ ଅପମାନ
ଖାତିରି ନକରି ସିଏ
ପରିବାର ଲାଗି ନିଜ ଜୀବନର
ସବୁ ସୁଖ ଢାଳି ଦିଏ ।

ଉପାସ ରହି ସେ ଖୁଆଏ ସଭିଙ୍କୁ
ନିଜର କର୍ତ୍ତବ୍ୟ ଭାବି
ନିଜ ସୁଖ ଆଉ ସୁବିଧା ନିମନ୍ତେ
କରେନି କା' ପାଶେ ଦାବୀ
ନିଜ ଲୁହ ନିଜେ ନୀରବରେ ପିଇ।

ମରି ମରି ସେତ ବଞ୍ଚେ
ତଥାପି ତ ସିଏ ପରିବାର ପାଇଁ
ପ୍ରତିଦିନ କିଛି ସଞ୍ଚେ ।

+ ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: -୯୪୩୭୮୬୫୭୨୭

## ଅବ୍ୟକ୍ତ ବେଦନା
### ସୁଧାକର ରାଉତ



ସପନଟା ଚାହିଁଥିଲା ଚାତୁର ହୋଇ
ଦେଖିବ ବୋଲି କିଛି ହେଲେ ନୂଆ
ତାର ସେ ଅବଧାରଣାଟା ସିଦ୍ଧାନ୍ତ
ନହେଲେ ନାହିଁ
ଫଳାଫଳ ଶୂନ୍ୟରେ ଢ଼େଉ ମାରଇ ।

ଅତୀତଟା ନିଖୁଣ ଭାବରେ ବନ୍ଧା ହୋଇଛି
ବର୍ତ୍ତମାନର ସୁନ୍ଦର ଫ୍ରେମ୍ ଭିତରେ
ଅଳନ୍ଧୁ ଲାଗିବାର ଭୟ ଦେଖାଏ ସମୟ
ତାର କିନ୍ତୁ ମୋ ଉପରେ ଅଖଣ୍ଡ ବିଶ୍ୱାସ ।

ଖାସ୍ ସପନ ପାଇଁ କେତେ
ରୂପ ରସ ଗନ୍ଧରେ କରିଛି ବର୍ଣ୍ଣିଳ
ସେ ଉପର ପଡ଼ିଆ ଭୂଇଁକୁ
ସଜାଇଛି ବି ମନ ମତାଣିଆ ଢଙ୍ଗେ ।

ଖାଲି ନ ଆସିବା ଲାଗି ଗନ୍ଧ ଅତୀତର
ମାତ୍ର ନିଷ୍ଫଳ ହେଲା ମୋ ତମାମ
ଜୀବନ ଶ୍ରମ
ଅତୀତଟା ଉଙ୍କିମାରେ ମୁହେଁ ବନ୍ଧନୀରୁ
ମୁରୁକି ହସେ ମତେ ଚାହିଁ
ମୋତେ ସେ ସବୁ ଅସହ୍ୟ ଲାଗେ
ପରିହାସ ଭାବି।

+ ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

## ଭୋକ
### ସ୍ମିତା ପଣ୍ଡା



ଦେଖା ହେଲା ବେଳକୁ
କାଦୁଅର ଗୋଟେ ଚଟାଣ
ଉପରେ ସିଏ ବସିଥିଲା
ପାଖକୁ ଆସିଲି
ସେ କାନ୍ଦିବା ଆରମ୍ଭ କଲା ।
ଭୟରେ ପଚାରିଲି
କଣ ହେଲା
ଚିରାଲୁଗା ତଳେ ବାନପ୍ରସ୍ଥ ପାଳନ କରୁଥିବା
ପେଟକୁ ହାତ ବଢେଇ କହିଲା
'ଭୋକ'।

ବ୍ୟାଗ୍ ଖୋଲୁଥିବା ବେଳେ କହିଲି
ଖାଇବୁ
ମୁଣ୍ଡ ହଲେଇ ମନା କଲା
କିନ୍ତୁ
ବେସୁରା ହେଇ ଆସୁଥିବା
କାନ୍ଦରେ ଗୋଟେ ନୂଆ ରାହା ଲଗେଇ
ଫେର୍ ପେଟକୁ ଚାପି ଦେଇ କହିଲା
'ଭୋକ' ।

ଗହୀରିଆ ଆଖିର ବିନତୀ
କହୁଥିଲା କିଛି କଥା ଯେମିତି
ଆଉଁସି ଦେବି ବୋଲି
ହାତ ବଢେଇଲି
ବୈକଲ୍ୟର ପେଟକୁ
ଛୁଇଁଲା ପରେ ଜାଣିଲି
ସେଠି ଖାଲି ଭୋକ ହିଁ ଅଛି
ପେଟ କେବେ ନ ଥିଲା କି ନାହିଁ।

+ ଲହଣ୍ଡା, ବରଗଡ

## ଇଏ ତ ପ୍ରଭୁଙ୍କ ବାର୍ତ୍ତା
### ନଗେନ୍ଦ୍ର ନାଥ ପଟ୍ଟନାୟକ



ଜୀବନେ କର୍ମରେ ମହତ୍ତ୍ୱ ଅଧିକ
ଶ୍ରୀକୃଷ୍ଣଙ୍କ ବାଣୀ ପରା
ଜଗତବାସୀଙ୍କୁ ବିତରିନ୍ତି ବାର୍ତ୍ତା
ନ କର କର୍ମକୁ ହେଳା ।

ସ୍ଥିର ରହିଥାଏ ପିଲାଦିନ ସଦା
ପ୍ରଭୁଙ୍କ ସଂଦେଶ ବାଣୀ
ଛଳ କପଟତା ପେଖନା ଆଳ ତ
ଲେଶମାତ୍ର ନାହିଁ ତହିଁ ।

ଜୀବନରେ କଷ୍ଟ ଆସୁଥାଏ କେବେ
ପୁଣି କେବେ ଯାଇଥାଏ
ଲମ୍ବି ଚାଲିଥାଏ ସୁଖ -ଦୁଃଖ ମାର୍ଗ
ଜନ୍ମ-ମୃତ୍ୟୁ ଥିବାଯାଏ ।

ମିଳନ-ବିଛେଦ ଚାଲିଥାଏ ସଦା
ମଣିଷ ଜୀବନସାରା
କରିବାକୁ ପଡେ ସଙ୍ଘର୍ଷ ଜୀବନେ
ପ୍ରତି ପଦକ୍ଷେପେ ପରା ।

ଭୋଗିଥିଲେ ବୋଲି ଦୁଃଖ-ସୁଖ ପ୍ରଭୁ
ରାଜପଦ କଲେ ପ୍ରାପ୍ତ
ଜନମ ହୋଇକି କଂସ ବନ୍ଦୀଶାଳେ
ରାଜା ହୋଇଥିଲେ ସେତ ।

ସାଜି କର୍ମବୀର କର୍ମେ ରୁହ ସ୍ଥିର
ଇଏତ ପ୍ରଭୁଙ୍କ ବାର୍ତ୍ତା
ଶ୍ରୀକୃଷ୍ଣ ଜନମ ତିଥିରେ ଆମର
ରହିଥାଉ କର୍ମନିଷ୍ଠା ।

+ ଓଡ଼ିଶା ସରକାର
ଓସ୍କାର ସିଟି ,ଲକ୍ଷ୍ମୀ ସାଗର
କେନାଲ ରୋଡ
ଭୁବନେଶ୍ୱର ,
ମୋ - ୯୪୩୮୩୩୨୧୩୮

## ତୁଣ୍ଡରେ ଲଗାମ ଦିଅ
### ନିରଞ୍ଜନ ସାହୁ



ବେଳେବେଳେ ଟିକେ ନିଜକୁ ପଚାର
କାହିଁକି ଗପୁଛୁ ଏତେ
କଥା କହିବାକୁ ପଡୁଥିଲେ କୁହ
ଦରକାର ପଡ଼େ ଯେତେ ।

ଆବଶ୍ୟକ ଠାରୁ ଅଧିକ ଗପିଲେ
ଲୋକହସା ହେବା ସାର
ଯିଏସେ ଶୁଣିବ ସିଏ ହିଁ କହିବ
ସୀମା ହୋଇଗଲା ପାର
ଏହାପରେ ନିଷ୍ଚେ ଅସୁବିଧା ହେବ
ଭାବିପାରିବିନି ସେତେ ।

ଅଳପ କହିବ ମଧୁର କହିବ
ବିନୟ ଭାବରେ ପୁଣି
ଲୋକମାନେ ଭାରି ଖୁସି ହୋଇଯିବେ
ଏମିତିଆ କଥା ଶୁଣି
ନିର୍ଦ୍ଦୟ କର୍କଶ କଥା କହୁଥିଲେ
ଗାଳି ତ ଶୁଣିବ କେତେ ।

ବଚନେ କାହିଁକି ଦରିଦ୍ର ହୋଇବ
କୁହ ମିଠାମିଠା କଥା
ଏମିତିଆ ପଦେ କଥା କହିଦେବ
ଘୁରିବ ସଭିଙ୍କ ମଥା
ସମସ୍ତେ କହିବେ, ' ଏମିତି କଥାରେ
ଦୋଷୀ ଲୋକଟା ହିଁ ଚେତେ ।

କଥା କହିବାରେ ଶତ୍ରୁ ସୃଷ୍ଟି ହୁଏ
ମିତ୍ର ସୃଷ୍ଟି ହୋଇଥାନ୍ତି
ନିଜର ତୁଣ୍ଡକୁ ନିୟନ୍ତ୍ରଣ କଲେ
ସନମାନ ଲଭିଥାନ୍ତି
ମଜାଳିଆ କଥା କହି ହସାଇବା
ଜନସାଧାରଣେ ତେତେ ।

+ ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

## ମୁଁତ ହୁଏ ଛାଟିପିଟି
### ତାରାପ୍ରସାଦ ଜେନା

ତୁମରତ ସବୁ ସୁନା ଚାନ୍ଦି ହେଲେ
ମୋର କଥା ଗୋଡ଼ି ମାଟି
ମୋର ମଗଜକୁ କିଛି ପଶୁନାହିଁ
ମୁଁତ ହୁଏ ଛାଟିପିଟି
ତୁମରତ ସବୁ ସୁନା ଚାନ୍ଦି ହେଲେ।
ହଁ ମୁଁ କହିଲେ ତୁମ କୁହ ନାହିଁ
ତାଳମେଳ ସବୁ ଭୁଲ୍
ପାଖେ ବସ ବୋଲି କହିଦେଲେ ହସି
ତୁମେ ଆସ ବସି ଦୂଲ୍,
ଭରସାରେ ଆଉ ଜୀବନର ଡଙ୍ଗା
ଚାଲୁନାହିଁ ଘାଟ ଛୁଟି
ତୁମରତ ସବୁ ସୁନା ଚାନ୍ଦି ହେଲେ।
ମୋର ହସ ହେଲେ ତୁମ ରାଗ ଗାଳି
ଅହି ନକୁଳର ଫନ୍ଦା
ମୋର ଭଲ କାମ ଦେହେ ଯାଉନାହିଁ
ବେକାରକୁ କୁହ ଧନ୍ଦା,
ମୋର ଭାଗ୍ୟେ ଅଛି ବେଧଡକ କଷ୍ଟ
ଦୁଃଖ ମିଳିଗଲା ଭେଟି
ତୁମରତ ସବୁ ସୁନା ଚାନ୍ଦି ହେଲେ।

+ ରଣପୁର, ଜିଲ୍ଲା-ନୟାଗଡ଼
ମୋ: ୯୩୪୮୦୫୪୩୦୦

## ଦୁଃଖର ବିନାଶ
### ତପସ୍ୱିନୀ ଚୌଧୁରୀ

ଜୀବନ ଜୀବିକା ସଂପର୍କ ଓ
ସ୍ୱାଭିମାନର ଚାରି ଛକରେ
ଶୁଭୁଥାଏ ଦିଗହରାର ଦୀର୍ଘ ନିଃଶ୍ୱାସ
ଅବିଶ୍ୱାସର ଗନ୍ତାଘରେ
ସ୍ୱପ୍ନ ସାଜେ ... ସୂତା ଖିଏର ବିଶ୍ୱାସ .....

ଭସା ବାଦଲର ଅନିଶ୍ଚିତତା
ମିଳେନି ଟୋପାଏ ବରଷା
ସଂପର୍କର ଖଣ୍ଡ ପ୍ରଳୟରେ
ଦୋଦୁଲ୍ୟ ମାନ ଭରସା

ସ୍ଥିତିହୀନ ସଂପର୍କ
ଅନାବେଗ ନିବିଡ଼ତା
ପାଣି ଫୋଟକା ଭଳି ଜୀବନ
କ୍ଷତାକ୍ତ ଓ ଜର୍ଜରିତ
କରେ ଯା ଦେହ ଆଉ ଆତ୍ମା

ଛଳନା ଓ ପ୍ରବଞ୍ଚନା
ସବୁଆଡ଼େ ଦୃଶ୍ୟମାନ
ହୃଦୟ ବି ଧିକ୍କାରେନି
କଳାକର୍ମକୁ
ଆଉ କେତେବେଳେ
ଅବଦମିତ ଇନ୍ଦ୍ରିୟ
କରିପାରେନି ଦମନ
ଅସଂଜତ ମନକୁ

ଫେରିବାକୁ ଇଛା ହୁଏ
ଜୀବନର ସେଇ ଆରମ୍ଭକୁ
ବୁଝିବାକୁ ଇଛା ହୁଏ
ଜୀବନର ଅମୂଲ୍ୟ ମୂଳ ତତ୍ତ୍ୱ
ଓ ଘୋଷିବାକୁ ହେବ ଏଇ ମୂଳ ମନ୍ତ୍ର
ଆଶା ଓ କାମନା ଦୁଃଖର କାରଣ
କାମନାର ବିନାଶରେ
ଦୁଃଖର ବିନାଶ ।

ସମୟ କିଛି ଗତ
ଆଉ କିଛି ଆଗତ
ଅନ୍ୱେଷଣ ଅସ୍ତିତ୍ୱର
ଫିଙ୍ଗି ଦେଇ ସ୍ୱାର୍ଥ
ବୁଦ୍ଧଂ ଶରଣଂ ଗଚ୍ଛାମି
ଧର୍ମଂ ଶରଣଂ ଗଚ୍ଛାମି
ଏଇ ଯେ ପ୍ରକୃଷ୍ଟ ମୁହୂର୍ତ୍ତ ।

## ପାରିବୁକି ଫେରେଇ
### ସୁଶ୍ରୀ ସଙ୍ଗୀତା ସେଠୀ



ହେ ସମୟ ! ପାରିବୁକି ଫେରେଇ ?
ଚାଳରୁ ଠୋପା ଠୋପା ନାଳି ଚାହା
ଭ୍ରମ ସୃଷ୍ଟି କରୁଥିବା ବର୍ଷା ବିନ୍ଦୁ ସହ
ନବେ ଦଶକର ସେ ଜୀବନ୍ତ ସ୍ନେହର ନଈ !

ମାଟି ଗୋଡି ରାସ୍ତାର ସେ ସୁଅ ଧାରରେ
କାଗଜ ଡଙ୍ଗାରେ ଭାସି
ଯାଇଥିବା ସେ ଅତୀତ
ସାହି ପଡ଼ିଶାଙ୍କ ଆଖିବୁଜା ଅନାବିଳ ସ୍ନେହ
ପିଲାଦିନ ସହ ପାରିବୁକି ସତେ ଫେରେଇ ?

ପର ବୋଲି ଭେଦଭାବ ନଥିବା ସେ ସାହି
ମୋର ଆଜି ଅଚିହ୍ନା ଅଜଣା ଲାଗଇ,
କାହା ପାଇଁ କୋଉ ଘରେ ନଥିବା ବାରଣ
ସଭିଙ୍କ ଭାତ କଂସାରେ
ହେବକି ହାତ ବୁଡ଼େଇ ?

ସ୍ନେହ ମମତାର ସେ ସମୟକୁ
କାହିଁ ନେଲୁ ଚୋରେଇ
ସମୟ ତୁ ଦଗାଦିଆ ନିଜେ
ବଦଳିବା ସହ ତୁ
ସଭିଙ୍କୁ ଦେଲୁ ତୋ ଭଳି ବଦଳେଇ
ସେଇ ଦିନ ସେଇ ଲୋକଙ୍କୁ
ଖୋଜେ ପାରିବୁକି ଫେରେଇ ?

+ ଯାଜପୁର

## ମୋର ମର୍ଜି
### ଗଜାନନ ମିଶ୍ର



ଯାହାକେ ଯାହା ବି କହେମି
ଯେନ ଇଚ୍ଛା ହେନ ରହେମି
ଯାହାର ସଁଗେ ଯେତେବେଲେ
ଶୁଇମି ବୁଲମି ନାଚମି ଖେଲମି
ମୋର ଜୀବନ ମୋର ହିସାବେ
ବଁଚମି ବଁଚିଥିମି।
ମୋର ମର୍ଜି ମୋର ମର୍ଜି।
କିଏ କେନଠାନ ମରୁ କି ହଜୁ
ମୋର ନେଇଁ ଯାଏ କିଛୁ।
ମୋର ମର୍ଜି, ମତେ କିହେ
ନେଇଁ ପାରେ କହି କିଛି।
ମଦ ପିମି ଗଂଜେଇ ଘିଚମି
ଯାହାକେ ତାହାକେ ପିଟମି
ମିଛ କେସ କୁଟମି
ନଁଗଲା ହେମି ଗିତ ଗାଏମି
ଯେନ ମନ ହେନ ରହେମି।
ଟଁକା ଲୁଟମି ଇତାରନୁ ତାରନୁ
ଯା ଛା ତା କହେମି ମୋର ମର୍ଜି।
ମୋର ଅଧିକାର ମାଗମି
ଦାୟିତ୍ୱ କିଛି କରେଁ, ନାଇଁ କରେଁ
ମୋର ମର୍ଜି ମୋର ମର୍ଜି।
ଓକିଲ ମୁକ୍ତିଆର ମୁନସି କାଜି
ପୁଲିସ ଆଇନକାନୁନ ଗୁଲାମି
ସଭକେ ଭକୁଆ ବନାମି !
ମୋର ମର୍ଜି ମୋର ମର୍ଜି।

+ ତପୋବନ, ଟିଟିଲାଗଡ, ବଲାଙ୍ଗିର
ମୋ: ୯୪୩୭୩୬୬୬୪୪

## ଅନ୍ନ-ଦାତା ବେଦନା
### ହୃଦାନନ୍ଦ ଜେନା

ଜମି ପଡି ଥିଲା ନିର୍ଜୀବ ଭଳିଆ
ବର୍ଷାକୁ ଅପେକ୍ଷା ଥିଲା,
ଚାତକ ଭଳିଆ ଚାହିଁ ବସିଥିଲା
ହୁଅଁନ୍ତା କି, ଦି- ଅସରା ।

ଭାବିଲା ପ୍ରକୃତି ହେବ ତା ସହାୟ
କରିଥିଲା ସେ ଭରସା,
ବରଷା ରାଣୀର ଉଗ୍ର ରୂପ ଦେଖି
ଉଡିଗଲା ତାର ହଂସା।

ଏମିତି ଢାଳିଲା ନଦୀ -ବନ୍ଧ ବୁଡି
ବନ୍ୟାର ରୂପ ଧରିଲା,
ଘର ଦ୍ୱାର ବୁଡି ବିଲ -ବାଡି ବୁଡି
ଫସଲ ଉଜାଡି ଦେଲା ।

ଋଣ କରଜରେ କରିଥିଲା ଚାଷ
ବର୍ଷକ ଯୋଜନା ଥିଲା,
ରୁଆ -ବେଉଷଣ ଯାହା କରିଥିଲା
ବିଲରେ ରହି ସଢିଲା ।

ଛଣ ଛପରରେ କେଡେ ଯତନରେ
ତୋଳିଥିଲା ତାର ଘର,
ଭାବିଥିଲା ଭାତ ଶାଗ, ମୁଗ ହେଲେ
ଚଳିବ ତାର ସଂସାର ।

ଘରେ ପାଣି ପଶି ଧାନ- ବିରି ସବୁ
ଅକାରଣେ ନଷ୍ଟ ହେଲା,
ଶେଷରେ ତାହାର ଛଣ -ଛପରକୁ
ପବନ ଉଡାଇ ଦେଲା ।
ଅନ୍ନ ଦାତା କହି ଡିଣ୍ଡିମ ପିଟାରେ
କିସ ତାର ନେଣ - ଦେଣ ?
ଖରା, ବର୍ଷା, ଶୀତ କାକରରେ ଭିଜି
ଭଣ୍ଡାର କରେ ପୂରଣ ।

ପେଟ ପାଇଁ ତାର ବେଦନାର ଅନ୍ତ
ଏତିକିରେ ବି ସରିନି ,
ଚାଷ ପାଇଁ କେବେ ମିଳେ ନାହିଁ ସାର
ବିକ୍ରିରେ କଟ୍ନୀ -ଛଟନୀ ।

ଭାରତ ବର୍ଷକୁ ସ୍ୱାଧୀନ ହେବାର
ଅଶୀ ବର୍ଷ ପୂର୍ତ୍ତୀ ହେଲା ,
ଜୟ- ଜବାନ ଓ ଜୟ- କିଶାନରେ
ଧ୍ୱନିରେ ସବୁ କମ୍ପିଲା ।

ଅନ୍ନ- ଦାତା ପାଖେ ଯୋଜନା ସବୁର
ଲାଭ ଯଦି ନ ମିଳିବ,
ଭୂରାଜ-ନୈତିକ ସ୍ଥିତିକୁ ଦେଖିଲେ
ଖାଦ୍ୟ - ସଂକଟ ଘଟିବ ।

+ ସତ୍ୟବିହାର,
ଭୁବନେଶ୍ୱର
ମୋ: ୯୪୩୭୯୬୨୫୫୮

# ବିଟିପୁର ଝୁଲଣ ଯାତ୍ରା ଉଦ୍‌ଯାପିତ

ଭଦ୍ରକ,୩୧/୦୮ (ନି.ପ୍ର): ଶ୍ରାବଣ ମାସ ଶୁକ୍ଳ ପକ୍ଷର ଏକାଦଶୀ ଠାରୁ ପବିତ୍ର ଝୁଲଣ ଯାତ୍ରା ଆରମ୍ଭ ହୋଇ ଗହ୍ମା ପୂର୍ଣ୍ଣମିରେ ଶେଷ ହୋଇଥାଏ । ଏହିଅବସରରେ ଭଦ୍ରକ ଜିଲ୍ଲା ବିଟିପୁର ଠାରେ ଝୁଲଣ ଯାତ୍ରା ତିନି ଧରି ଧୁମଧାମରେ ଆଧ୍ୟାତ୍ମିକ ପରିବେଶରେ ପାଳନ କରାଯାଇଥିଲା । ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ସୁସଜ୍ଜିତ ବିମାନରେ ବସାଇ ଝୁଲଣ ଯାତ୍ରା ଆରମ୍ଭ କରାଯାଇଥିଲା । ପୂଜକ ରାମଚନ୍ଦ୍ର ଦାଶ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ । ସୀତା ବିବି, ଜଗବନ୍ଧୁ ସିଂହ, ବିନୋଦିନୀ ଧିର, ମନ୍ଦାକିନୀ ସିଂହ, ଭାଗ୍ୟଶ୍ରୀ ସିଂହ, ନାରାୟଣ ଧିର, ବିରଚିଂ ନାରାୟଣ ଧିର, ପବିତ୍ର ବେହେରା, ବାବୁନି ଧିରଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେହ ସନ୍ଧ୍ୟାରେ ଭଜନ କୀର୍ତନ କରାଯାଇଥିଲା । ଧରଣୀଧର ପୁହାଣ, ଗଗନ ସାହୁ,ରବିନ୍ଦ୍ର ମଳିକଙ୍କ ତତ୍ତ୍ୱାବଧାନରେ ଭଜନ ପରିବେଷଣ କରାଯାଇଥିଲା । ପୂର୍ବତନ ସରପଚଂ ସତ୍ୟବାନ ଦାସ, ସାହିତ୍ୟିକ ଚିତରଞ୍ଜନ ସାମନ୍ତରାୟ, ଅଧ୍ୟାପକ କରୁଣା କର ସାହୁ, ସୁରେନ୍ଦ୍ର ଦାସ, ଶ୍ୟାମସୁନ୍ଦର ସାହୁ, ପ୍ରଭାତ ପଣ୍ଡା ପ୍ରମୁଖ ବିଭିନ୍ନ ଦିବସରେ ଠାକୁରଙ୍କ ଆଶିଷଲାଭ କରିଥିଲେ । ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ଶ୍ରମଦାନରେ ସବୁଜ ଅଭିଯାନ: ତାଳମୁଣ୍ଡାରେ ରୋପଣ ହେଲା ୬୦୦ରୁ ଊର୍ଦ୍ଧ୍ୱ ଚାରା

ଝାରସୁଗୁଡ଼ା,୩୧/୦୮ (ନି.ପ୍ର): ପରିବେଶ ସୁରକ୍ଷା ଓ ସବୁଜ ଆବରଣ ବୃଦ୍ଧି ଲକ୍ଷ୍ୟରେ ତାଳମୁଣ୍ଡା ବନ ସୁରକ୍ଷା ସମିତି ପକ୍ଷରୁ ଏକ ଅଭିନବ ପଦକ୍ଷେପ ନିଆଯାଇଛି। ଓଡ଼ିଶା ବନାଚଂଳ ଉନ୍ନୟନ ପ୍ରକଳ୍ପ-୨ ଅଧୀନରେ ଝାରସୁଗୁଡ଼ା ବନଖଣ୍ଡର ବାଗଡ଼ିହି ବନାଚଂଳସ୍ଥିତ ତାଳମୁଣ୍ଡାରେ ରବିବାର ସମିତିର ସଦସ୍ୟ ଓ ସଦସ୍ୟାମାନେ ସ୍ୱଇଚ୍ଛାରେ ଶ୍ରମଦାନ କରି ୬୦୦ରୁ ଊର୍ଦ୍ଧ୍ୱ ମୂଲ୍ୟବାନ ବୃକ୍ଷ ଚାରା ରୋପଣ କରିଛନ୍ତି।

ତାଳମୁଣ୍ଡା ଖେଳପଡ଼ିଆ ନିକଟସ୍ଥ ଖାଲି ସ୍ଥାନରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କେବଳ ଚାରା ରୋପଣ ନୁହେଁ, ରୋପିତ ଚାରାଗୁଡ଼ିକର ନିୟମିତ ଯତ୍ନ ଓ ସୁରକ୍ଷା ନେବା ପାଇଁ ମଧ୍ୟ ସମିତିର ସଦସ୍ୟମାନେ ସଂକଳ୍ପ ନେଇଛନ୍ତି। ସମିତିର ଏହି ସାମୂହିକ ପ୍ରୟାସ ଫଳରେ ଅଂଚଳରେ ସବୁଜ ଆବରଣ ବୃଦ୍ଧି ପାଇବା ସହ ପରିବେଶ ସୁରକ୍ଷା ଓ ଜୈବବିବିଧତା ସଂରକ୍ଷଣ ଦିଗରେ ଏକ ସକାରାତ୍ମକ ପଦକ୍ଷେପ ନିଆଯାଇଛି। ତାଳମୁଣ୍ଡା ବନ ସୁରକ୍ଷା ସମିତିର ଏହି ପ୍ରୟାସ ଅନ୍ୟ ବନ ସୁରକ୍ଷା ସମିତିଗୁଡ଼ିକ ପାଇଁ ମଧ୍ୟ ପ୍ରେରଣାର ଉତ୍ସ ପାଲଟିଛି।

କାର୍ଯ୍ୟକ୍ରମରେ ବାଗଡ଼ିହି ବନାଚଂଳର ଟିମ୍ ଲିଡର ଚୁଡ଼ାମଣି ବେହେରା, ସଦସ୍ୟା ସମ୍ପାଦକ ସଙ୍ଗୀତା ନାଏକ, ପ୍ରକୃତି ବନ୍ଧୁ ପୁରସ୍କାରପ୍ରାପ୍ତ ତଥା ସମିତିର କୋଷାଧ୍ୟକ୍ଷ ରୂପେଶ ଅଗ୍ରୱାଲ, ସଭାପତି ରାମପ୍ରସାଦ ଭଇଁସା, ଆନିମେଟର ନରେନ୍ଦ୍ର ଖଡ଼ିଆ, ତାଳମୁଣ୍ଡା ଗାଉଁଟିଆ ଅଜୟ କୁମାର ପଟେଲ, ଖୁଜାର ପଟେଲ, ମନ୍ଦାକିନି ଗରଡ଼ିଆ ଓ ଶାମୁକା ପସାୟତଙ୍କ ସମେତ ସମିତିର ବହୁ ସଦସ୍ୟ ଓ ସଦସ୍ୟା ଉପସ୍ଥିତ ରହି ଶ୍ରମଦାନ କରିଥିଲେ।

# ଭୁବନ ଜଗନ୍ନାଥ ମନ୍ଦିରକୁ ଶାଳଗ୍ରାମ ଆଗମନ ନିମନ୍ତେ ପ୍ରସ୍ତୁତି ବୈଠକ

ଭୁବନ,୩୧/୦୮ (ନି.ପ୍ର): ନୀଳାଚଳ ଧାମ ପୁରୀସ୍ଥିତ ଶ୍ରୀ ଗୋବର୍ଦ୍ଧନ ମଠର କୃପାପାତ୍ର ବ୍ରହ୍ମପୁର ବାସିନ୍ଦା ଚନ୍ଦ୍ରଚୁଡେଶ୍ୱର ମନ୍ଦିର ପ୍ରତିଷ୍ଠାତା ତଥା ଭଗବତ୍ ଭକ୍ତ ଶ୍ରୀଯୁକ୍ତ ଗୋପାଳ ରାଓ ଜୀ ସ୍ୱଆଗ୍ରହ ସହକାରେ ଭୁବନସ୍ଥିତ ଶ୍ରୀ ତୃତୀୟାଦେବ ଜୀଉ (ଶ୍ରୀ ଜଗନ୍ନାଥ ମନ୍ଦିର)କୁ ଦୁର୍ଲଭ ଶାଳଗ୍ରାମ ଭଗବାନ ଙ୍କୁ ସମର୍ପଣ କରିବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ରବିବାର ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ,ସଭାପତି ତଥା ନଗରପାଳ ଶୁଭେନ୍ଦୁ କୁମାର ସାହୁ ଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ପୁରୀ ଗୋବର୍ଦ୍ଧନ ପୀଠ ଅଧ୍ୟକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶାଳଗ୍ରାମ ଭଗବାନ ଙ୍କ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରି ଏହା ସମଗ୍ର ଭୁବନ ପାଇଁ ଗର୍ବ ଓ ଗୌରବର ବିଷୟ। ଶାଳଗ୍ରାମ ଭଗବାନ (ବ୍ରହ୍ମ ସ୍ୱରୂପ)ଙ୍କ ଆଗମନ ଅତ୍ୟନ୍ତ ଦୁର୍ଲଭ,ପବିତ୍ର ତଥା ଦିବ୍ୟ ଅବସର ବୋଲି କହିବା ସହ ଆସନ୍ତା ସେପ୍ଟେମ୍ବର ୫ ତାରିଖ ଶନିବାର ଦିନ ଶାଳଗ୍ରାମ କୁ ସମ୍ପୂର୍ଣ ଆଧ୍ୟାତ୍ମିକ ପରିବେଶରେ ସ୍ୱାଗତ କରିବା ପାଇଁ ମତବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ତୁଷାରକାନ୍ତି ମିଶ୍ର,ଆଦ୍ୟ ସେବକ ରାମଚନ୍ଦ୍ର ରାଉତ, ଦଶହରା ବଳଦ ଯାତ୍ରା କମିଟି ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ କୁମାର ଦାସ,ଗୋପୀନାଥ ମହାନ୍ତି,ସୁବ୍ରତ କୁମାର ସାହୁ, ସନାତନ ସାହୁ,ସତ୍ୟାନନ୍ଦ ପୃଷ୍ଟି,ସୁରେନ୍ଦ୍ର ସାହୁ, ନରହରି ସାହୁ, ପପୁ କୁମାର ସାହୁ, ଖଗେଶ୍ୱର ନାୟକ,ଜ୍ୟୋତିଷ କୁମାର ସାହୁ, ସୁଶାନ୍ତ କୁମାର ପୃଷ୍ଟି ପ୍ରମୁଖ ବହୁ ଜଗନ୍ନାଥ ପ୍ରେମୀ ଉପସ୍ଥିତ ରହି ଶ୍ରୀ ଜଗନ୍ନାଥ ମନ୍ଦିରରେ ଶାଳଗ୍ରାମ ଭଗବାନଙ୍କ ସ୍ଥାପନା ଓ ପ୍ରତିଷ୍ଠା ଆମ ସମସ୍ତଙ୍କ ପାଇଁ ଏକ ଐତିହାସିକ,ଆଧ୍ୟାତ୍ମିକ ଓ ।ପରମ ସୌଭାଗ୍ୟର ମୁହୂର୍ତ୍ତ ବୋଲି ମତବ୍ୟକ୍ତ କରିଥିଲେ। ଆସନ୍ତା ଶନିବାର ଦିନ ୧୧ ଘଟିକା ସମୟରେ ସଂକୀର୍ତନ ମଣ୍ଡଳୀ, ମାତୃ ମଣ୍ଡଳୀ, ଘଂଟୁଆ ଙ୍କ ସହିତ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଙ୍କ ଗହଣରେ ମା କାଳୁଣି ଠାକୁରାଣୀଙ୍କ ମନ୍ଦିର ନିକଟରୁ ୩୨ କିଲୋ ଓଜନର ପବିତ୍ର ଶାଳଗ୍ରାମ କୁ ଶୋଭାଯାତ୍ରାରେ ନେଇ ଗୋଡ଼ି ପୋଖରୀ,ନୂଆ ବଜାର, ଗଣେଶ ବଜାର,ଗୁଜୁରୀ ହାଟ, ଦୁର୍ଗା ଛକ,ଲକ୍ଷ୍ମୀ ଛକ,ବଣିଆ ସାହି, ବ୍ରାହ୍ମଣୀ ଦେବୀ ଛକ ଦେଇ ଶୋଭାଯାତ୍ରା ଜଗନ୍ନାଥ ମନ୍ଦିରରେ ପହଂଚି ଶାଳଗ୍ରାମ ସ୍ଥାପନା କରାଯିବ ବୋଲି ସଭାପତି ଶୁଭେନ୍ଦୁ କୁମାର ସାହୁ ସୂଚନା ଦେବା ସହ ଏଥିରେ ସମସ୍ତ ଭୁବନବାସୀ ସହଯୋଗ କରିବା ପାଇଁ ନିବେଦନ କରିଥିଲେ। ଶ୍ରୀ ଜଗନ୍ନାଥ ଚାରି ଟେବୁଲ୍ ଟ୍ରଷ୍ଟ ସମ୍ପାଦକ ନିରଞ୍ଜନ ଗୁରୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଚିଲିକା ନିର୍ବାଚନମଣ୍ଡଳୀରେ ଶିକ୍ଷାର ମାନବୃଦ୍ଧି ଓ ଶତପ୍ରତିଶତ ପାସ୍ ହାର ଲକ୍ଷ୍ୟ: ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର,୩୧/୦୮ (ନି.ପ୍ର): ଚିଲିକା ନିର୍ବାଚନମଣ୍ଡଳୀର ସମସ୍ତ ଉଚ୍ଚ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ପ୍ରସାର, ଶିକ୍ଷାର ମାନବୃଦ୍ଧି ଏବଂ ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ପାସ୍ ହାର ସୁନିଶ୍ଚିତ କରିବା ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଚିଲିକା ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଆଇନ ମନ୍ତ୍ରୀ ତଥା ଚିଲିକା ବିଧାୟକ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରିଥିଲେ।

ବୈଠକରେ ଚିଲିକା ନିର୍ବାଚନମଣ୍ଡଳୀର ବିଭିନ୍ନ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ଶିକ୍ଷଣ ଦକ୍ଷତା, ପାଠପଢ଼ାର ଗୁଣବତ୍ତା, ପରୀକ୍ଷା ପ୍ରସ୍ତୁତି ଏବଂ ପୂର୍ବ ପରୀକ୍ଷା ଫଳାଫଳ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ଯେଉଁ ବିଦ୍ୟାଳୟଗୁଡ଼ିକର ପରୀକ୍ଷା ଫଳାଫଳ ଆଶାନୁରୂପ ହୋଇନାହିଁ, ସେଠାରେ ଏହାର କାରଣ ଚିହ୍ନଟ କରି ଆବଶ୍ୟକ ସୁଧାରମୂଳକ ପଦକ୍ଷେପ ନେବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଦକ୍ଷତା ବୃଦ୍ଧି ସହ ଦୁର୍ବଳ ବିଷୟଗୁଡ଼ିକ ପ୍ରତି ଅଧିକ ଧ୍ୟାନ ଦେବା, ଆବଶ୍ୟକ ସ୍ଥଳରେ ଅତିରିକ୍ତ ଶିକ୍ଷାଦାନ ଓ ଅଭ୍ୟାସ କାର୍ଯ୍ୟକ୍ରମ କରିବା ଏବଂ ନିୟମିତ ପରୀକ୍ଷା ଓ ମୂଲ୍ୟାୟନ କରିବା ନେଇ ଆଲୋଚନା ହୋଇଥିଲା। ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜର ପ୍ରତିଭା, ସାମର୍ଥ୍ୟ ଓ ଦକ୍ଷତା ଅନୁଯାୟୀ ଆଗକୁ ବଢ଼ିବାର ସୁଯୋଗ ପାଇବା ଉଚିତ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। କୌଣସି ଛାତ୍ରଛାତ୍ରୀ ଯେପରି ଶିକ୍ଷାରୁ ବଂଚିତ ନହୁଅନ୍ତି, ସେଥିପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

ବିଦ୍ୟାଳୟଗୁଡ଼ିକର ଫଳାଫଳକୁ ଆଗାମୀ ଦିନରେ ଆହୁରି ଉତ୍କୃଷ୍ଟ କରିବା ପାଇଁ ଶିକ୍ଷକ, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରଖିବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମଧୁସ୍ମିତା ତ୍ରିପାଠୀଙ୍କ ସମେତ ବ୍ଲକ ଶିକ୍ଷା ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀ ଏବଂ ସମସ୍ତ ସିଆରସିସି ଉପସ୍ଥିତ ଥିଲେ।

# ପାରାଦୀପ ପୌରପାଳିକା ପକ୍ଷରୁ ଏଏମ୍/ଏନ୍ଏସ୍ ପୋର୍ଟସ୍‌କୁ ସିଏସଆର ଉତ୍କର୍ଷ ସମ୍ମାନ ପ୍ରଦାନ



ପାରାଦୀପ,୩୧/୦୮ (ନି.ପ୍ର): ପୌରପାଳିକା ଅଞ୍ଚଳରେ ସିଏସଆର ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀ ବିକାଶ ପାଇଁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏଏମ/ଏନଏସ ପୋର୍ଟସ୍ କୁ ସ୍ଥାନୀୟ ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଅବସରରେ ପାରାଦୀପ ପୌରପାଳିକା ପକ୍ଷରୁ ସମ୍ମାନଜନକ ସିଏସଆର ଉତ୍କର୍ଷ ସମ୍ମାନ -୨୦୨୬ ପୁରସ୍କାର ପ୍ରଦାନ କରାଯାଇଛି ।ଆଜି ପାରାଦୀପ ଜୟଦେବ ସଦନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ପୁରସ୍କାର ପ୍ରଦାନ କରିଥିଲେ ଏବଂ ଏଏମ୍/ଏନ୍ଏସ୍ ପୋର୍ଟସ୍ ପକ୍ଷରୁ ଏହି ପୁରସ୍କାର ଏଏମ୍/ଏନ୍ଏସ୍ ପୋର୍ଟସ୍ର ମେକାନିକାଲ୍ ହେଡ୍ ଲକ୍ଷ୍ମୀକାନ୍ତ ସାହୁ, ଏବଂ ଏଏମ୍/ଏନ୍ଏସ୍ ପୋର୍ଟସ୍ର ଲିଡ୍– ସିଏସଆର ଯୁଗଜ୍ୟୋତି ମହାନ୍ତି, ଏଏମ୍/ଏନ୍ଏସ୍ ପୋର୍ଟସ୍ ଗ୍ରହଣ କରିଥିଲେ। ଏହି ଅବସରରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହରନାଧ, ପାରାଦୀପର ଏଡିଏମ୍ ନିରଞ୍ଜନ ବେହେରା, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଉପାଧ୍ୟକ୍ଷା ଶ୍ରୀମତୀ ଛବିଲତା ରାଉତ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ସମେତ ସ୍ଥାନୀୟ କାଉନସିଲର, ଏଏମ୍/ଏନ୍ଏସ୍ ଇଣ୍ଡିଆର ବରିଷ୍ଠ ଅଧିକାରୀ, ପୌରପାଳିକାର ଅଧିକାରୀ ଏବଂ ବିଭିନ୍ନ ଗୋଷ୍ଠୀ ସଦସ୍ୟମାନେ ଉପସ୍ଥିତ ଥିଲେ। ପାରାଦୀପ ପୌରପାଳିକା ଅଞ୍ଚଳରେ ନିଜର ପ୍ରମୁଖ ସିଏସଆର ପଦକ୍ଷେପ ମାଧ୍ୟମରେ ଏଏମ୍/ଏନ୍ଏସ୍ ପୋର୍ଟସ୍ ଗୋଷ୍ଠୀ କଲ୍ୟାଣ ପ୍ରତି ନିଜର ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିଆସିଛି। ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ଓ୍ୱାର୍ଡ ନମ୍ବର ୩ର କଲ୍ୟାଣ ମଣ୍ଡପଠାରେ ଭୋକେସନାଲ୍ ଟେଲରିଂ ଟ୍ରେନିଂ ସେଣ୍ଟର, ବିଜୁ ମେମୋରିଆଲ୍ ହସ୍ପିଟାଲ୍ ?ଠାରେ ଭିଜନ୍ ସେଣ୍ଟର, 'ବେଟି ପଢ଼ାଓ' ବୃତ୍ତି କାର୍ଯ୍ୟକ୍ରମ ଏବଂ ପାରାଦୀପ ପୌରପାଳିକା ଓ କୁଜଙ୍ଗ ବ୍ଲକ୍ର ଯକ୍ଷ୍ମା ରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟ ସାମଗ୍ରୀର ପ୍ୟାକେଟ୍ ବଣ୍ଟନ ଅନ୍ତର୍ଭୁକ୍ତ। ଏଥିସହିତ, ଏଏମ୍/ଏନ୍ଏସ୍ ପୋର୍ଟସ୍ ବିଦ୍ୟାଳୟଗୁଡ଼ିକର ଭବନ ନବୀକରଣ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନରେ ମଧ୍ୟ ସକ୍ରିୟ ସହଯୋଗ କରୁଛି। ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ ଏଏମ୍/ଏନ୍ଏସ୍ ପୋର୍ଟସ୍ ସାମାଜିକ ବିକାଶର ଏକ ପ୍ରମୁଖ ଅନୁପ୍ରେରକ ଭାବେ ନିଜର ଭୂମିକାକୁ ଆହୁରି ସୁଦୃଢ଼ କରିଛି। ଏହି ଅବସରରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ଓଡ଼ିଶା ଅପରେସନ୍ସ ମୁଖ୍ୟ ଶ୍ରୀ ୟୁ,ଏସ.ଆର. ରାଜୁ କହିଥିଲେ, "ଏହି ସମ୍ମାନ ଏଏମ୍/ଏନ୍ଏସ୍ ପୋର୍ଟସ୍ ପକ୍ଷରୁ ଏହାର କାର୍ଯ୍ୟ ପରିସରରେ ଥିବା ଗୋଷ୍ଠୀଗୁଡ଼ିକରେ ସାର୍ଥକ ପରିବର୍ତ୍ତନ ଆଣିବା ପାଇଁ ରହିଥିବା ଦୃଢ ପ୍ରତିବଦ୍ଧତାର ପ୍ରତିଫଳନ। ଆବଶ୍ୟକତାଭିତ୍ତିକ ସିଏସଆର ପଦକ୍ଷେପ ମାଧ୍ୟମରେ ଆମେ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିବା, ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବା ଏବଂ ସମାଜର ବୃହତ୍ତର କଲ୍ୟାଣ ପାଇଁ ଏକ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ଦିଗରେ ନିରନ୍ତର ପ୍ରୟାସ କରୁଛୁ।" ଏଏମ୍/ଏନ୍ଏସ୍ ପୋର୍ଟସ୍ ଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ ଏବଂ ସାଂସ୍କୃତିକ ସମୃଦ୍ଧିକୁ ପ୍ରୋତ୍ସାହନ ଦେଉଥିବା ପ୍ରଭାବଶାଳୀ ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ଗୋଷ୍ଠୀ ବିକାଶକୁ ଆଗକୁ ବଢ଼ାଇବା ପାଇଁ ନିରନ୍ତର ପ୍ରତିବଦ୍ଧ ରହିଛି। ପାରାଦୀପ ପୌରପାଳିକା ପକ୍ଷରୁ ମିଳିଥିବା ଏହି ସମ୍ମାନ କମ୍ପାନୀର ଦୃଢ଼ ସହଭାଗୀତା ଗଢ଼ିବା ସହ ଏହି ଅଞ୍ଚଳର ସାମଗ୍ରିକ ବିକାଶରେ ଅବଦାନ ରଖିବାର ଦୃଷ୍ଟିକୋଣକୁ ଆହୁରି ସୁଦୃଢ଼ କରିଛି।

# ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘର ୬୫ତମ ପ୍ରତିଷ୍ଠା ଦିବସ : ସାମ୍ବାଦିକଙ୍କ ସୁରକ୍ଷା ସହ ପେନସନ ବ୍ୟବସ୍ଥା ଲାଗୁ କରିବା ନିହାତି ଆବଶ୍ୟକ

ବଲାଙ୍ଗିର,୩୧/୦୮ (ନି.ପ୍ର): ଗଣତନ୍ତ୍ର ରାଷ୍ଟ୍ରରେ ଗଣମାଧ୍ୟମର ଭୂମିକା ବେଶ ଗୁରୁତ୍ୱପୂର୍ଣ ରହିଛି । ଦେଶକୁ ସମୃଦ୍ଧ ତଥା ପ୍ରଗତିଶୀଳ କରାଇବାରେ ଗଣମାଧ୍ୟମ ନିଜକୁ ଉତ୍ସର୍ଗୀକୃତ ଭାବରେ ରଖି ସର୍ବଦା ସାଲିସବିହୀନ ସେବା ଭାବରେ ନିଜ ଦାୟିତ୍ୱ ବହନ କରି ଆସୁଛି । ଜନମଙ୍ଗଳ ରାଷ୍ଟ୍ରରେ ତିନୋଟି ସ୍ତମ୍ଭ ବେତନଭୋଗୀ ରହିଥିବା ବେଳେ ଏକ ନିର୍ଦ୍ଦିଷ୍ଟ ସମୟସୀମା ପରେ ପେନସନ ପାଉଥିବା ବେଳେ ଉଭୟ ତିନୋଟି ସ୍ତମ୍ଭକୁ ପରୋକ୍ଷ ତଥା ପ୍ରତ୍ୟକ୍ଷ ଭାବରେ ସଂଗଠିତ କରୁଥିବା, ସମନ୍ୱୟ ରଖି କାର୍ଯ୍ୟ କରୁଥିବା ତଥା ସେମାନଙ୍କର ସାଧାରଣ ଜନତାଙ୍କ ପ୍ରତି ରହିଥିବା ଉତରଦାୟିତ୍ୱବୋଧକୁ ଜାଗ୍ରତ କରୁଥିବା ଗଣମାଧ୍ୟମ ଆଜି ଅବହେଳିତ ଅବସ୍ଥାରେ ରହିଛି । ନା ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ବେତନ ମିଳୁଛି ଆଉ ନା ପେନସନ ବ୍ୟବସ୍ଥା ରହିଛି । ସାଧାରଣ ସୁରକ୍ଷା ବ୍ୟବସ୍ଥା ବି ନାହିଁ । ଏଣୁ ଆଜି ସମାଜର ଆଇନା ସାଜି ସମସ୍ତ ପରିସ୍ଥିତିରେ ଖରା, ବର୍ଷା, ଶୀତ ସହିତ ଝଡ଼ ଝଞ୍ଜାକୁ ସାମ୍ନା କରି ଅହରହ ପରିଶ୍ରମ କରି ଖବର ସଂଗ୍ରହ କରିଆସୁଥିବା ସାମ୍ବାଦିକଟିଏ ଦିନ ମଜୁରିଆ ଠୁ ବି ଆହୁରି ନିମ୍ନଗାମୀ ହେବାରେ ଲାଗିଛି । ଯାହାକୁ ନେଇ ବକ୍ତା ମାନେ ରବିବାର ବଲାଙ୍ଗୀର ଜିଲ୍ଲା ସାମ୍ବାଦିକ ସଂଘର ୬୫ ତମ ପ୍ରତିଷ୍ଠା ଦିବସରେ ପ୍ରକାଶ କରିବା ସହିତ ତୀବ୍ର ଉଦବେଗ ପ୍ରକାଶ କରିଛନ୍ତି । ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ରବି ଦାଶ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ବର୍ତମାନ ପରିସ୍ଥିତିରେ ଗଣମାଧ୍ୟମ ପ୍ରତିନିଧି ମାନେ ଅବହେଳିତ ଅବସ୍ଥାରେ ରହିଥିବା ବେଳେ କୌଣସି ସରକାର ସାମ୍ବାଦିକ ମାନଙ୍କ ପାଇଁ ବିଧି ବ୍ୟବସ୍ଥା, ସୁରକ୍ଷା, ପେନସନ, ବେତନ ଉପରେ ପଦକ୍ଷେପ ନ ନେବା ଆହୁରି ଦୁଃଖଦାୟକ ବୋଲି କହିଛନ୍ତି । ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ସାମ୍ବାଦିକ ମାନଙ୍କ ପାଇଁ ରହିଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମାକୁ ୫ ଲକ୍ଷ ପରିବର୍ତେ ୧୦ ଲକ୍ଷକୁ ବୃଦ୍ଧି କରିବା ସହିତ ସୁରକ୍ଷା ବ୍ୟବସ୍ଥା ଏବଂ ପେନସନ ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବୀ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଭବ୍ୟ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସରକାରଙ୍କ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଯୋଗଦେଇ ସାମ୍ବାଦିକ ମାନଙ୍କ ସମସ୍ତ ସମସ୍ୟା ଏବଂ ଏହାର ନିରାକରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ଏବଂ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଉପସ୍ଥିତ ବଲାଙ୍ଗୀର ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଆଶ୍ୱାସନା ଦେଇଛନ୍ତି ।

ଅନ୍ୟ ମାନଙ୍କ ମଧ୍ୟରେ କଂଟାବାଞ୍ଜି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଲକ୍ଷ୍ମଣ ବାଗ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରପରିଷଦ ଅଧ୍ୟକ୍ଷା ଲିକା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସଭାକୁ ବରିଷ୍ଠ ସାମ୍ବାଦିକ ଆନନ୍ଦ ଚରଣ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଜିଲ୍ଲା ସଭାପତି ଶିବ ପ୍ରସାଦ ପରିଡା, ସମ୍ପାଦକ ଶିଶିରକାନ୍ତ ଶତପଥୀ ପ୍ରମୁଖ ମଂଚାସୀନ ଥିଲେ । ଏହା ପୂର୍ବରୁ ଜିଲ୍ଲା ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ସାମ୍ବାଦିକ ଗୋପବନ୍ଧୁ ଶତପଥି ଧ୍ୱଜାବତୋରଣ କରିଥିଲେ । ଏହି ଅବସରରେ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ନାରାୟଣ ପୃଷେଠ ସ୍ମୃତି ସମ୍ମାନ ମୁକେଶ ବହିଦାର, ସପନ ବହିଦାର ସ୍ମୃତି ସମ୍ମାନ ଅଭିଲାଷ ହୋତା, ଶଙ୍କର ପ୍ରସାଦ ସ୍ମୃତି ସମ୍ମାନ ଦୀପକ ପୁରୋହିତ, ସତ୍ୟନାରାୟଣ ବେହେରା ସ୍ମୃତି ସମ୍ମାନ ଅନୀଲ ତ୍ରିପାଠୀ, ବାଳକୃଷ୍ଣ ହୋତା ସ୍ମୃତି ସମ୍ମାନ ସୁବ୍ରତ ନାଏକ, ହୃଦାନନ୍ଦ ନନ୍ଦ ସ୍ମୃତି ସମ୍ମାନରେ ଦୀପକ କୁମାର ଦାସ ଯାଦବଙ୍କୁ ସମ୍ମାନିତ କରାଯାଇଥିଲା ।

# ବୀମା ଓ ବୈଧ ଫିଟ୍‌ନେସ୍ ନଥାଇ ଚାଲିଛି ମାଳମାଳ ଅଟୋ: ଆର୍‌ଟିଓଙ୍କ କାର୍ଯ୍ୟାନୁଷ୍ଠାନ କେବେ ?

ଜୟପୁର,୩୧/୦୮ (ନି.ପ୍ର): କୋରାପୁଟ ଜିଲ୍ଲାରେ ଫିଟନେସ, ଇନ୍‌ସ୍ୟୁରାନ୍ସ ନଥାଇ ଚାଲିଛି ବହୁ ସଂଖ୍ୟାରେ ଅଟୋ। କୋରାପୁଟ ଜିଲାର ଜୟପୁର, ସେମିଳିଗୁଡ଼ା, କୋରପୁଟ, ବୋରିଗୁମ୍ମା, କୋଟପାଡ଼, ଦାମାନେଯାଡ଼ିରେ ଛାତ୍ରଛାତ୍ରୀ ଏବଂ ଯାତ୍ରୀଙ୍କ ସୁରକ୍ଷା ପ୍ରତି ଅବହେଳା କରି ଜୟପୁର ସହର ଏବଂ ଆଖପାଖ ଅଂଚଳରେ ଅଟୋ ଚାଲଛି। ଜୟପୁର ସହର ଏବଂ ଆଖପାଖ ଅଂଚଳରେ ଥିବା ସରକାରୀ ଏବଂ ବେସରକାରୀ ବିଦ୍ୟାଳୟକୁ ଅନେକ ଛାତ୍ରଛାତ୍ର ଅଟୋରେ ସ୍କୁଲ ଯିବାଆସିବା କରୁଛନ୍ତି। ଅଧିକାଂଶ ଡ୍ରାଇଭରଙ୍କ ଲାଇସେନ୍ସ ନାହିଁ। ଅଟୋରେ ମାତ୍ରାଧିକ ସ୍କୁଲ ଛାତ୍ରଛାତ୍ରୀ ଯାତାୟତ କରୁଛନ୍ତି। ଗୋଟିଏ ଗୋଟିଏ ଅଟୋରେ ୧୨ରୁ ୧୫ଜଣ ସ୍କୁଲ ଛାତ୍ରଛାତ୍ରୀ ଅସୁରକ୍ଷିତ ଭାବେ ଯାଉଛନ୍ତି। ସେହିପରି କୋରାପୁଟ ଜିଲାର ବିଭିନ୍ନ ହାଟକୁ ବ୍ୟବସାୟୀ ଏବଂ ଚାଷୀ ଅଟୋରେ ଯିବା ଆସିବା କରୁଛନ୍ତି। ଗୋଟିଏ ଅଟୋରେ ୧୦ରୁ ଉର୍ଦ୍ଧ୍ୱ ଲୋକ ନିଜ ଜିନିଷପତ୍ର ସହ ବିପଦପୂର୍ଣ୍ଣ ଭାବେ ଯାଉଛନ୍ତି। ଅଟୋଗୁଡ଼ିକର ଫିଟନେସ, ଇନ୍‌ସ୍ୟୁରାନ୍ସ, ପଲ୍ୟୁସନ ନଥାଇ ବର୍ଷ ବର୍ଷ ଧରି ରାସ୍ତାରେ ଗଡୁଛି। ଅଟୋ ଚାଳକର ବେପରୁଆ ଗାଡି ଚାଳନା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ଦୁର୍ଘଟଣାରେ ମୃତାହତଙ୍କୁ ଇନ୍‌ସ୍ୟୁରାନ୍ସ ବାବଦ ଅର୍ଥ ମିଳୁନାହିଁ। ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ସଡ଼କରେ ଅନ୍ୟ ବ୍ୟବହାରୀଙ୍କ ପାଇଁ ବିପଦ ସାଜିଥିବା ଏଭଳି ଗାଡ଼ିଗୁଡ଼ିକର ପଞ୍ଜୀକରଣ ସାର୍ଟିଫିକେଟ ରଦ୍ଦ ପାଇଁ ପଦକ୍ଷେପ ନିଆଯିବ ଫିଟ୍‌ନେସ୍ ନଥିଲେ ଗାଡ଼ି ସିଜ୍ ହେବ। କେବଳ ଜରିମାନା ନୁହେଁ ଆଇନ ଅନୁଯାୟୀ ଗାଡ଼ି ଜବତ କରିବା ଓ ମାମଲା ରୁଜୁ କରିବା ଭଳି କଠୋର ନିୟମ ରହିଛି। ବୈଧ ଫିଟ୍‌ନେସ ଓ ପଞ୍ଜିକରଣ ସାର୍ଟିଫିକେଟ ବିନା ଚାଲୁଥିବା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଲେ ବୀମା କମ୍ପାନୀ ପକ୍ଷରୁ ବୀମାରାଶି ମଧ୍ୟ ପ୍ରଦାନ କରିବାର ନିୟମ ନାହିଁ ତେଣୁ ସଡ଼କ ସୁରକ୍ଷା ଦୃଷ୍ଟିକୋଣରୁ ଆଇନ ଉଲ୍ଲଙ୍ଘନକାରୀଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା କିନ୍ତୁ ତାହା ପାଳନ କରାଯାଉ ନାହିଁ। ଯାତ୍ରୀ ଓ ସ୍କୁଲ ଛାତ୍ରଛାତ୍ରୀ ପରିବହନ କରୁଥିବା ଅଟୋ, ବସ୍ ଓ ଅନ୍ୟାନ୍ୟ ଗାଡ଼ି କ୍ଷେତ୍ରରେ ଆହୁରି ଅଧିକ କଠୋରତାର ସହ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି।

# ଶୌଚ ହେବାକୁ ଯାଇ ପୋଖରୀରେ ବୁଡ଼ି ବୃଦ୍ଧ ମୃତ

କେନ୍ଦ୍ରାପଡ଼ା,୩୧/୦୮ (ନି.ପ୍ର): ପୋଖରୀରେ ଗାଧୋଇବା ହେଲା କାଳ। ଶୌଚ ହେବାକୁ ଯାଇ ଭାରସ୍ୟାମ ହରେଇ ପୋଖରୀରେ ବୁଡ଼ିଯାଇ ବୃଦ୍ଧ ମୃତ୍ୟୁବରଣ କରିଥିବା ଦେଖିବାକୁ ମିଳିଛି। ଆଳି ଥାନା ଅନ୍ତର୍ଗତ ବଡାମ୍ବିଳା ପଂଚାୟତର ନୂଆଗାଁ ଗ୍ରାମରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି। ଉକ୍ତ ଗ୍ରାମରର ରଙ୍ଗାଧର ମହାନ୍ତି(୬୧) ନାମକ ଜଣେ ବୃଦ୍ଧ ଗ୍ରାମ ପୋଖରୀକୁ ଶୌଚ ହେବାକୁ ଯାଇ ଭାରସ୍ୟାମ ହରେଇ ଉକ୍ତ ପୋଖରୀରେ ବୁଡ଼ି ଯାଇଥିଲେ। ପରିବାର ଲୋକ ଦୀର୍ଘ ସମୟ ଖୋଜା ଖୋଜି ପରେ ପୋଖରୀ ନିକଟରେ ରଙ୍ଗାଧରଙ୍କ ଚପଲ, ଗାମୁଛା ଓ ଠେଙ୍ଗା ଥୁଆ ହୋଇଥିବାର ଦେଖି ବୁଡ଼ିଯାଇଥିବା ସନ୍ଦେହ କରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ରାଜକନିକା ଅଗ୍ନିଶମ ବାହିନୀ ଖୋଜାଖୋଜି ପରେ ତାଙ୍କୁ ପୋଖରୀ ମଧ୍ୟରୁ ଉଦ୍ଧାର କରାଯାଇ, ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ପରିବାର ପକ୍ଷରୁ ଥାନାରେ ଏତଲା ଦିଆ ଯାଇଥିବାବେଳେ ଆସନ୍ତାକାଲି ତାଙ୍କର ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

# ବାସୁଦେବପୁର ନିରଘାଟ କେଲୁଅ ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଧର୍ମଶାଳା,୩୧/୦୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଦେଓଦା ପଂଚାୟତ ଅନ୍ତର୍ଗତ ବାସୁଦେବପୁର ନିରଘାଟ ଠାରେ ବ୍ରାହ୍ମଣୀ ଶାଖା କେଲୁଅ ନଦୀରେ ଏକ ଅଜଣା ଯୁବକର ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ଏହି ଘଟଣାକୁ ନେଇ ଲୋକେ ଧର୍ମଶାଳା ଥାନାକୁ ଖବର ଦେଇଥିଲେ । ପୁଲିସ ଓଡ୍ରାଫ ଟିମ୍ ସହାୟତରେ ମୃତଦେହକୁ ପାଣିରୁ ଉଦ୍ଧାର କରିଥିଲେ । ଏହି ଖବର ପ୍ରଚାରିତ ହେବା ପରେ ଚଳିତ ମାସ ୨୫ ତାରିଖରେ ଜେନାପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର ଅଂଚଳର ଜଣେ ଯୁବକ ବ୍ରାହ୍ମଣୀ ନଦୀରେ ବୁଡି ନିଖୋଜ ଥିଲେ । ତେବେ ଏହି ଖବର ପାଇ ପରିବାର ଲୋକେ ବାସୁଦେବପୁର ଅଂଚଳରେ ପଂହଚିବା ପରେ ଶବକୁ ଚିହ୍ନଟ କରିଥିଲେ । ଏହି ମୃତଦେହଟି ଜେନାପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର ଗ୍ରାମ ବରାଳସାହିର ବିଜୟ ଦଳେଇଙ୍କ ପୁଅ ପ୍ରତାପ(୨୨) ବୋଲି ଜଣାପଡିଥିଲା । ପୁଲିସ ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିବା ଜଣାପଡିଛି । ସୂଚନା ଥାଉକି, ଶୁକ୍ରବାର ଦିନ ବ୍ରହ୍ମପୁର ବରାଳ ସାହି ଅଂଚଳର ବିଜୟ ଦଳେଇଙ୍କ ପୁଅ ପ୍ରତାପ(୨୨), ଜୟରାମ ଦଳେଇଙ୍କ ପୁଅ ଶାନ୍ତନୁ(୨୦) ଓ ଅମୂଲ୍ୟ ଦଳେଇଙ୍କ ପୁଅ ସିଦ୍ଧାନ୍ତ(୨୩) ବ୍ରହ୍ମପୁର ନିକଟସ୍ଥ ବ୍ରାହ୍ମଣୀ ନଦୀରେ ଗାଧୋଇବା ସମୟରେ ପାଣିର ପ୍ରଖର ସ୍ରୋତରେ ଭାସି ଯାଇଥିଲେ । ସେମାନଙ୍କ ମଧ୍ୟରୁ ଶାନ୍ତନୁ ଓ ସିଦ୍ଧାନ୍ତଙ୍କୁ ଉଦ୍ଧାର କରାଯାଇଥିବା ବେଳେ ପ୍ରତାପ ନିଖୋଜ ଥିଲେ । ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନଥିଲା ।

# ୩ ବର୍ଷରେ ଆଦର୍ଶ ସ୍କୁଲ କୋଠାରେ ଫାଟ: ଉଡ଼ିଗଲା ରଙ୍ଗ, ଖସୁଛି କଂକ୍ରିଟ ଖଣ୍ଡ; ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ

ଝାରସୁଗୁଡ଼ା,୩୧/୦୮ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ଅଧୀନ ପତ୍ରାପାଲିରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୂତନ କୋଠାରେ ଫାଟ ଦେଖାଯିବା ସହ ବିଭିନ୍ନ ସ୍ଥାନରୁ କଂକ୍ରିଟ ଖଣ୍ଡ ଖସି ପଡୁଥିବା ଅଭିଯୋଗ ହୋଇଛି। ନିର୍ମାଣକୁ ମାତ୍ର ୩ ବର୍ଷ ପୂରିଥିବା ବେଳେ କୋଠାର ଏଭଳି ଅବସ୍ଥାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଜାତୀୟ ରାଜପଥ ନମ୍ବର ୪୯ କଡ଼ରେ ଥିବା ପତ୍ରାପାଲି ଛକ ନିକଟରେ ୨୦୨୩ ସେପ୍ଟେମ୍ବରରେ ନୂତନ କୋଠା ନିର୍ମାଣ ହେବା ପରେ ଆଦର୍ଶ ବିଦ୍ୟାଳୟ ଆରମ୍ଭ ହୋଇଥିଲା। ତେବେ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ପୂର୍ବରୁ ମଧ୍ୟ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ବର୍ତମାନ ବିଦ୍ୟାଳୟ କୋଠାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। କେତେକ ସ୍ଥାନରୁ ସିମେଂଟ ଖଣ୍ଡ ଖସି ତଳେ ପଡୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହାସହ ବିଦ୍ୟାଳୟ ଆରମ୍ଭ ହେବାର ବର୍ଷେ ନପୂରୁଣୁ କୋଠାର କାନ୍ଥର ରଙ୍ଗ ଫିକା ପଡ଼ିବା ସହ ଅନେକ ସ୍ଥାନରେ ସମ୍ପୂର୍ଣ୍ଣ ରଙ୍ଗ ଉଡ଼ିଯାଇଛି। ଫଳରେ ରଙ୍ଗ କାମରେ ମଧ୍ୟ ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇଥିବା ନେଇ ପ୍ରଶ୍ନ ଉଠିଛି। ଝାରସୁଗୁଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଆନୁକୂଲ୍ୟରେ ବିଦ୍ୟାଳୟ କୋଠା ନିର୍ମାଣ ହୋଇଥିବା ବେଳେ ଏତେ କମ୍ ସମୟ ମଧ୍ୟରେ କୋଠାରେ ଫାଟ ଓ ନିର୍ମାଣଜନିତ ତ୍ରୁଟି ଦେଖାଦେବାକୁ ନେଇ ଅଭିଭାବକମାନେ କ୍ଷୋଭ ପ୍ରକାଶ କରିଛନ୍ତି।

# ଜାତୀୟ ବନ୍ଦଣା ପର୍ବ- ୨୦୨୬ ନଭେମ୍ବର ୧୧ରୁ

## କେନ୍ଦ୍ରୀୟ କମିଟି ଗଠିତ, ୭ଟି ଜିଲ୍ଲାରୁ ଯୋଗଦେଲେ କର୍ମକର୍ତ୍ତା



ବାରିପଦା , ୩୧/୮ (ନି.ପ୍ର): ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷଠାରେ 'ଜାତୀୟ ଗୋ ବନ୍ଦଣା ପର୍ବ-୨୦୨୬' କୁ ଧୂମଧାମରେ ପାଳନ କରିବା ନିମନ୍ତେ ଏକ କେନ୍ଦ୍ରୀୟ କୋର କମିଟି ଗଠନ ସହିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର କୁଡ଼ୁମୀ ଜନବସତି ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, ଦେବଗଡ ଓ ସୁନ୍ଦରଗଡ଼ ପ୍ରଭୃତି ଜିଲ୍ଲାର ବହୁ ସଂଖ୍ୟାରେ ବୁଦ୍ଧିଜୀବି, କୁଡ଼ୁମୀ ସଂଗଠକ କୁଡ଼ୁମୀ ଓ ଯୁବକ-ଯୁବତୀ ଯୋଗଦେଇଥିଲେ। ବରିଷ୍ଠ କୁଡ଼ୁମୀ ସଂଗଠକ ମନୋଜ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସିଡିଏମଓ ଡା ତ୍ରିଲୋଚନ ମହାନ୍ତ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳସଚିବ ପ୍ରଫେସର ଡ କାଳିପଦ ମହାନ୍ତ, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଆସୋସିଏଟ୍ ପ୍ରଫେସର ଡ ବସନ୍ତ କୁମାର ମହାନ୍ତ, କୁଡ଼ୁମୀ ସଂଗଠକ ଚିତ୍ତରଞ୍ଜନ ମହାନ୍ତ, ଆ-ଆ ଯୁବ ସଂଘର ସଭାପତି ଶରତ ମହାନ୍ତ ଏବଂ ସମ୍ପାଦକ ଗୌରହରୀ ମହାନ୍ତ ଯୋଗଦେଇଥିଲେ। ସଭାର ଆରମ୍ଭରେ କେଶବ କୃଷ୍ଣ ମହାନ୍ତ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉଦ୍ୟୋକ୍ତା ଅଧ୍ୟାପକ ଯୋଗେଶ୍ୱର ମହାନ୍ତ ବାନ୍ଦଣା ପର୍ବ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ନଭେମ୍ବର ୧୧, ୧୨ ଓ ୧୩ତାରିଖରେ ବେତନଟୀ ନିକଟ ଆଗୁଆଡ ଗ୍ରାମରେ ଜାତୀୟ ବନ୍ଦଣା ପର୍ବ ଅନୁଷ୍ଠିତ ହେବ । ଏହି ଅବସରରେ ପର୍ବକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ଯେଉଁଥିରେ ଉପଦେଷ୍ଟା ମଣ୍ଡଳୀରେ ଡା ତ୍ରିଲୋଚନ ମହାନ୍ତ, ଚିତ୍ତରଞ୍ଜନ ମହାନ୍ତ, ଡ ଭକ୍ତହରି ମହାନ୍ତ, ଆଇନଜୀବୀ ପଦ୍ମଲୋଚନ ମହାନ୍ତ , ଦେବେନ୍ଦ୍ରନାଥ ମହାନ୍ତ ଓ ପଦ୍ମଲୋଚନ ମହାନ୍ତ ରହିଥିବା ବେଳେ ପ୍ରଫେସର ଡ କାଳିପଦ ମହାନ୍ତଙ୍କୁ ସଭାପତି ଏବଂ ଯୁଧିଷ୍ଠିର ମହାନ୍ତ (ଯାଜପୁର), ଅଭିମନ୍ୟୁ ମହାନ୍ତ (ମୟୂରଭଞ୍ଜ), ଭୀମସେନ ମହାନ୍ତ (କେନ୍ଦୁଝର) ଓ ଧ୍ରୁବ ମହାନ୍ତ (ସୁନ୍ଦରଗଡ଼)ଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଥିଲା । ସାଂଗଠନିକ ସମ୍ପାଦକ ଭାବେ ସଞ୍ଜୀବ ମହାନ୍ତ, ହୀରାଲାଲ ମହାନ୍ତ, ଦଳଗୋବିନ୍ଦ ମହାନ୍ତ, ହେମନ୍ତ ମହାନ୍ତ, ସନ୍ତୋଷ ମହାନ୍ତ, ସ୍ନେହାଶିଷ ମହାନ୍ତ, ଭାଗବତ ମହାନ୍ତ, ଭବାନୀ ଶଙ୍କର ମହାନ୍ତ ଓ ନୀଳକଣ୍ଠ ମହାନ୍ତ, ସାଂସ୍କୃତିକ ସମ୍ପାଦକ ଭାବେ ଡ. ପ୍ରତାପ ଚନ୍ଦ୍ର ମହାନ୍ତ, କେଶବ କୃଷ୍ଣ ମହାନ୍ତ, ଦେବେନ୍ଦ୍ର ମହାନ୍ତ, ଦେବେନ୍ଦ୍ର ମହାନ୍ତ, ଶତ୍ରୁଘ୍ନ ମହାନ୍ତ, ମନୋଜ କୁମାର ମହାନ୍ତ ଓ ଲକ୍ଷ୍ମୀଧର ମହାନ୍ତ, ଆର୍ଥିକ ସମ୍ପାଦକ ଭାବେ ଗୌରହରୀ ମହାନ୍ତ, ପ୍ରସନ୍ନ ମହାନ୍ତ ଓ ମନମିତ ସାନସ କୁମାର ମହାନ୍ତ, ସୁରକ୍ଷା ଓ ଶୃଙ୍ଖଳା ଦାୟିତ୍ୱରେ ଭବାନୀ ଶଙ୍କର ମହାନ୍ତ, କୁମାରେନ୍ଦ୍ର ମହାନ୍ତ ବାସୁ ମହାନ୍ତ ଓ ରଞ୍ଜନ ମହାନ୍ତ, ଆବାସ ବ୍ୟବସ୍ଥାରେ ଶରତ ମହାନ୍ତ, ହିମାଂଶୁ ମହାନ୍ତ ଓ ବିବେକାନନ୍ଦ ମହାନ୍ତ, ଖାଦ୍ୟ ଓ ପାନୀୟ ବ୍ୟବସ୍ଥାରେ ସାମନ୍ତ ସିଂହାର ମହାନ୍ତ, ଅତୁଲ ଚନ୍ଦ୍ର ମହାନ୍ତ ଓ ଲୋକନାଥ ମହାନ୍ତ, ଅତିଥି ଅଭ୍ୟର୍ଥନାରେ ଆଦିକନ୍ଦ ମହାନ୍ତ, ପପୁନ ଚନ୍ଦ୍ର ମହାନ୍ତ, ତପନ ମହାନ୍ତ, ଦୁର୍ଗା ମହାନ୍ତ ଓ ପଦ୍ମଲୋଚନ ମହାନ୍ତ, ସଂକଳନ ଓ ପ୍ରକାଶନରେ ପ୍ରଫେସର ଡ ବସନ୍ତ କୁମାର ମହାନ୍ତ, ଶିଉଲାଲ ମହାନ୍ତ, ଗୋବିନ୍ଦ ଚନ୍ଦ୍ର ମହାନ୍ତ, ମେଘାନୁର ମହାନ୍ତ ଓ ବାପି କୁମାର ମହାନ୍ତ, ସୋସିଆଲ ମିଡିଆ ଦାୟିତ୍ୱରେ ମିନାକ୍ଷୀ ମହାନ୍ତ, ସରସ୍ୱତୀ ମହାନ୍ତ, ବୁଲୁ ମହାନ୍ତ ଓ ବାସନ୍ତୀ ମହାନ୍ତ, ମହିଳା ସମ୍ପାଦିକା ଭାବେ କ୍ଷଣପ୍ରଭା ମହାନ୍ତ ଏବଂ ମିଡିଆ ସେଲ୍ ଦାୟିତ୍ୱରେ ନିରଞ୍ଜନ ମହାନ୍ତଙ୍କୁ ମନୋନୀତ କରାଯାଇଥିଲା। ଶେଷରେ କେଶବକୃଷ୍ଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିଶକେକ୍‌ରେ ଇରାନ...

ଶେଷ କରି ପ୍ରଧାନମନ୍ତ୍ରୀ ମୋଦୀ ବିଶକେକରେ ମହାତ୍ମା ଗାନ୍ଧୀଙ୍କ ସ୍ମାରକୀ ପରିଦର୍ଶନ କରିଥିଲେ ଓ ବାପୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେଠାରେ ତାଙ୍କୁ ସ୍ୱାଗତ କରିବା ପାଇଁ ଉପସ୍ଥିତ ଭାରତୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହିତ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ। ୨୦୧୫ ମସିହାରେ ପ୍ରଧାନମନ୍ତ୍ରୀଙ୍କ କିର୍ଗିଜସ୍ତାନ ଗସ୍ତ ସମୟରେ ଏହି ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ବିଶକେକର ବିଭିନ୍ନ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ ଯେଉଁଥିରେ ଯୋଗ ଅଭ୍ୟାସକାରୀ, ଶିକ୍ଷାବିତ୍, ଆଇଟିଇସି ପୂର୍ବତନ ଛାତ୍ର ଓ ଗବେଷକ ସାମିଲ ଥିଲେ।

### ଲଘୁଚାପ ବର୍ଷାରେ ବେହାଲ ଉପକୂଳ...

ପ୍ରଶାସନ ପକ୍ଷରୁ ସରକାରୀ ଭାବେ ୫୧ଟି ବିଦ୍ୟାଳୟରେ ଛୁଟି ଘୋଷଣା କରାଯାଇଛି । ଦୀର୍ଘ ମାସେ ହେଲା ପିଲାଙ୍କ ବହି-ଖାତା ଖୋଲିନଥିବାରୁ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ବିଶେଷ କରି ମାଟ୍ରିକ ପରୀକ୍ଷାର୍ଥୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି; ସିଲାବସ୍ କେମିତି ସରିବ ଏବଂ ପରୀକ୍ଷା ପାଇଁ କିଭଳି ପ୍ରସ୍ତୁତ ହେବେ, ତାହା ଭାବି ଛାତ୍ରଛାତ୍ରୀ ଓ ଅଭିଭାବକ ମାନସିକ ଦୁଶ୍ଚିନ୍ତାରେ ଘାରି ହେଉଛନ୍ତି । ସେପଟେ ଉତ୍ତର ଓଡ଼ିଶାରେ ସୁବର୍ଣ୍ଣରେଖା ନଦୀର ଉଗ୍ର ରୂପ ନଦୀକୂଳିଆ ବାସିନ୍ଦାଙ୍କ ନିଦ ହଜାଇ ଦେଇଛି । ବାଲେଶ୍ୱର ଜିଲ୍ଲାର ବସ୍ତା ବ୍ଲକ କାଦରାୟାଁ ନିକଟରେ ନଦୀବନ୍ଧ ଦୁର୍ବଳ ହୋଇପଡ଼ିଥିବାରୁ ଯେକୌଣସି ମୁହୂର୍ତ୍ତରେ ଘାଇ ଭାଙ୍ଗିବା ଆଶଙ୍କାରେ ପ୍ରାୟ ୧୦ଟି ପଞ୍ଚାୟତର ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଅନ୍ୟପଟେ ଭୋଗରାଇ ବ୍ଲକରୁ ପାଣି ନଛାଡୁଣୁ ପୁଣି ବନ୍ୟାଜଳ ମାଡ଼ିଆସିବାରୁ କୁଳିଦା ପଞ୍ଚାୟତ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି । ଗାଁର ମୁଖ୍ୟ ରାସ୍ତା ଉପରେ ଏବେ ୨ ଫୁଟରୁ ଊର୍ଦ୍ଧ୍ୱ ଉଚ୍ଚର ପ୍ରଖର ସ୍ରୋତ ପ୍ରବାହିତ ହେଉଥିବାରୁ ଲୋକେ ଜଳବନ୍ଦୀ ହୋଇ ଛଟପଟ ହେଉଛନ୍ତି । ଅବିରତ ବର୍ଷା ଓ ବନ୍ୟାର ଏହି ଦ୍ୱିମୁଖୀ ମାଡ଼ରେ ଉପକୂଳର ସାମାଜିକ ଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ । ଗୋଟିଏ ପଟେ ବାସହୀନ ହୋଇ ପଲିଥିନ୍ ଟାଙ୍ଗି ରାସ୍ତାକଡ଼ରେ ବଞ୍ଚିବାର ସଂଗ୍ରାମ, ଆଉ ଅନ୍ୟପଟେ ନିଜ ଭବିଷ୍ୟତକୁ ନେଇ କଅଁଳ ଶିଶୁଙ୍କ ଅନିଶ୍ଚିତତା । ସ୍କୁଲ ଛୁଟି, ବାଟଘାଟ ଜଳମଗ୍ନ ଏବଂ ପ୍ରଶାସନିକ ରିଲିଫ୍ ?ର ଅଭାବ ଏହି ଅଞ୍ଚଳଗୁଡ଼ିକୁ ଏକ ଭୟଙ୍କର ସଙ୍କଟ ଭିତରକୁ ଠେଲି ଦେଇଛି । ପ୍ରକୃତିର କୋପ ଆଗରେ ମୁଣ୍ଡ ନୁଆଁଇ ବସିଥିବା ଏହି ଅଞ୍ଚଳବାସୀ ଏବେ କେବେ ବନ୍ୟାଜଳ ହ୍ରାସ ପାଇବ ଏବଂ ଜୀବନ ପୁଣି ଧାରାକୁ ଫେରିବ, ସେହି ଆଶାରେ ଅପେକ୍ଷା କରି ରହିଛନ୍ତି ।

# ଦେବଭବ୍ୟ ନୃତ୍ୟ ଏକାଡେମୀର ପ୍ରଥମ ବାର୍ଷିକ ଉତ୍ସବ ପାଳିତ: କୃତି ପ୍ରତିଭାଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସା ପତ୍ର ପ୍ରଦାନ



ଜଳେଶ୍ୱର, ୩୧/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପୌରପାଳିକା ଅଧୀନସ୍ଥ ନୂଆବଜାର ହସପିଟାଲ ରୋଡ଼ ନିକଟସ୍ଥ 'ଦେବଭବ୍ୟ ନୃତ୍ୟ ଏକାଡେମୀ'ର ପ୍ରଥମ ବାର୍ଷିକ ଉତ୍ସବ ଏକାଡେମୀର ଉପଦେଷ୍ଟା ତଥା ସାମ୍ବାଦିକ ମନୋଜ କୁମାର ଭୂୟାଁ ଙ୍କ ଅଧକ୍ଷତାରେ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ୨୦୨୫ ମସିହା ଅଗଷ୍ଟ ମାସରେ ପ୍ରତିଷ୍ଠା ଲାଭ କରିଥିବା ଏହି ନୃତ୍ୟ ଅନୁଷ୍ଠାନ ଗୋଟିଏ ବର୍ଷ ମଧ୍ୟରେ ସ୍ଥାନୀୟ ଅଞ୍ଚଳର ବହୁ ଉଦୀୟମାନ ନୃତ୍ୟ ଶିଳ୍ପୀଙ୍କୁ ଗଢ଼ିତୋଳିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି ବୋଲି ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସଂସ୍କୃତି ଓ ନୃତ୍ୟ କଳାର ବିକାଶ ପାଇଁ ଏକାଡେମୀର ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ।ବରିଷ୍ଠ ଆଇନଜିବୀ ଅବଧୂତ ଜେନା, ପ୍ରାକ୍ତନ ଶିକ୍ଷକ ବିଧୁଭୋଷଣ ଦତ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ କୃତୀ ଶିଳ୍ପୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ନୃତ୍ୟ ଜୀବନର ଉତ୍ତରୋତ୍ତର ସଫଳତା କାମନା କରି ପ୍ରାର୍ଥନା କରିଥିଲେ। ଏହି ସମାରୋହରେ ଏକାଡେମୀର କୃତୀ ନୃତ୍ୟଶିଳ୍ପୀମାନେ ମନମୁଗ୍ଧକର ସାଂସ୍କୃତିକ ନୃତ୍ୟ ପ୍ରଦର୍ଶନ କରି ସଭାଗୃହକୁ ବିମୋହିତ କରିଥିଲେ। କାର୍ଯ୍ୟକ୍ରମରେ ଆମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା କୃତୀ ନୃତ୍ୟଶିଳ୍ପୀ ମାନଙ୍କୁ ସଶ୍ରଦ୍ଧ ପ୍ରଶଂସା ପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏକାଡେମୀର ପ୍ରତିଷ୍ଠାତା ତଥା ନୃତ୍ୟ ଗୁରୁ ଜ୍ୟୋତିର୍ମୟୀ ଭୂୟାଁ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ନୃତ୍ୟ ଏକାଡେମୀ ର ଉପଦେଷ୍ଟା ଯୋଗଳ କିଶୋର ଦତ୍ତ ମଞ୍ଚ ପରିଚାଳନା କରିଥିଲେ।ନୃତ୍ୟ ଗୁରୁ ଝାନସୀ ରାଣୀ ଦାସ,ନିମାଇ ଚରଣ ଭୂୟାଁ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ନବକିଶୋର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

# ସର୍ବ ଭାରତୀୟ କେନ୍ଦ୍ର ପେନସନ ଭୋଗୀ ସଂଘର ବାଲେଶ୍ୱରଠାରେ ଏକ ଶାଖା ଉଦ୍‌ଘାଟନ




ବାଲେଶ୍ୱର , ୩୧/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ରାଜସ୍ଥାନ ଭବନରେ ସର୍ବ ଭାରତୀୟ କେନ୍ଦ୍ର ପେନସନ ଭୋଗୀ ସଂଘ ଓଡ଼ିଶା ଓ କଟକ ତରଫରୁ ଓଡ଼ିଶାର ଏକ ଶାଖା ଉଦଘାଟନ ହୋଇଯାଇଛି । ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ଅଭିମନ୍ୟୁ ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦଘାଟନ କରିଥିଲେ। ମଞ୍ଚରେ ରାଜ୍ୟ ସଂଘ୍ର ଉପସଭାପତି ପୀତାମ୍ବର ଲେଙ୍କା , କାର୍ଯ୍ୟାଳୟ ସମ୍ପାଦକ ଶ୍ରୀ ସାଇନଥ ଉପଲାଞ୍ଚର୍ , ବାରିପଦା ଶାଖାର କାର୍ଯ୍ୟ କାରୀ ସଭାପତି ଶ୍ରୀ ସନାତନ ମୋଦି , ଉପସଭାପତି ଉଷା ରଞ୍ଜନ ବାରିକ , ସମ୍ପାଦକ ଶ୍ରୀ ଶୁଶାନ୍ତ କୁମାର ଆଚାର୍ଯ୍ୟ, ଜୟରାମ ସିଂହ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଶ୍ରୀ ଶୁଶାନ୍ତ କୁମାର ଆଚାର୍ଯ୍ୟ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏପରିକି ସଭାପତି ଶ୍ରୀ ଜୟକୃଷ୍ଣ ଆଚାର୍ଯ୍ୟ ଅସୁସ୍ଥ ଥିବାରୁ ଉପସ୍ଥିତ ହୋଇ ପାରିନଥିଲେ । କିନ୍ତୁ ତାଙ୍କର ବାର୍ତ୍ତା ଅଭିମନ୍ୟୁ ନାୟକ ତାଙ୍କ ପ୍ରଦୋର୍ତ୍ତ ବାର୍ତ୍ତା ସଭାର ସମସ୍ତଙ୍କୁ ଶୁଣାଇ ଦେଇଥିଲେ । ସଂଘର କାର୍ଯ୍ୟାବଳୀ କିପରି ଅଗ୍ରଗତି ଘଟିବ ଓ ସମସ୍ତ ପେନସନ ଭୋଗୀ ସୁବିଧା ପାଇବେ ସେ ବିଷୟରେ ଆଲୋଚନା ହୋଇଥିଲା । ସଂଘର ଏକ ନିର୍ବାଚନ ମଧ୍ୟ ହୋଇଥିଲା ଏହି ନିର୍ବାଚିତ ପ୍ରତିନିଧିଙ୍କୁ ଅଭିମନ୍ୟୁ ନାୟକ ଅଭିନନ୍ଦନ ଜଣାଇଥିଲେ। ଶ୍ରୀ ନାୟକ ରାଜ୍ୟ ସଂଘ ତରଫରୁ ଅଷ୍ଟମ ବେତନ କମିଶନ ର ପ୍ରଦୋତ୍ତ ସ୍ମାରକ ପତ୍ର ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଉଦଘାଟନ ସଭାରେ ଶହ ଶହ ସଂଖ୍ୟାରେ ପେନସନ ଭୋଗୀ କର୍ମ କର୍ତ୍ତା ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟାବଳୀ ବିଷୟରେ ଆଲୋଚନା କରିଥିଲେ । ଏହି ଉଦଘାଟନ ଉତ୍ସବରେ ନିର୍ବାଚିତ ହୋଇଥିବା ନୂତନ ପ୍ରତିନିଧି ମାନେ ହେଲେ ସଭାପତି ଶ୍ରୀ ବ୍ରଜ କିଶୋର ପ୍ରଧାନ , କାର୍ଯ୍ୟକାରୀ ସଭାପତି ମନ୍ମଥ ନାଥ ପାତ୍ର , ଉପସଭାପତି ମନୋରଞ୍ଜନ ସେଠୀ, ଉପସଭାପତି ତାପସ କୁମାର ଦଳାଇ , ସମ୍ପାଦକ ରାଜ୍ୟ କିଶୋର ମଲ୍ଲିକ , କୋଷାଧକ୍ଷ ଦୋଳ ଗୋବିନ୍ଦ ବେହେରା ଏତତ୍ ବ୍ୟତୀତ ୧୦ ଜଣ କାର୍ଯ୍ୟ କାରଣୀ ସମିତି ନିର୍ବାଚିତ ହୋଇଥିଲେ। ସଭାପତି ବ୍ରଜ କିଶୋର ପ୍ରଧାନ ଧନ୍ୟବାଦ୍ ଦେଇଥିଲେ । ଏହି କାର୍ଯ୍ୟ କ୍ରମକୁ ପେନସନ ଭୋଗୀ ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ ।

# ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ବାସୁଦେବପୁର, ୩୧/୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ମଖଲ ପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ କମଳିନୀ ବେଜଙ୍କ କାର୍ଯ୍ୟକାଳ ଶେଷ ହୋଇ ଥିବାରୁ ଏହି ଅବସରରେ ତାଙ୍କ ପାଇଁ ବିଦ୍ୟାଳୟ ପରିସରରେ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଶିକ୍ଷାବିତ୍ ସୁରେନ୍ଦ୍ର ପ୍ରସାଦ ବେଜ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷା ଓ ସାହିତ୍ୟ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଉତ୍ସବରେ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ଗିରି,ନରସିଂହପୁର ପଞ୍ଚାୟତର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା,ଏବି ଇଓ ଉର୍ମିଳା କର, ମୀନା କୁମାରୀ ମଲ୍ଲିକ୍,ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ଦାସ,ନରସିଂହପୁର ଉ ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ପଣ୍ଡା, ଶିକ୍ଷକ ନେତା ଶାନ୍ତନୁ ପଲିତା, ଶିକ୍ଷକ ଶ୍ରୀକାନ୍ତ ପାକଳ, ଶିକ୍ଷକ ଦୈତାରୀ ବେହେରା, ସମିତି ସଭ୍ୟ ଅନିତା ଲେଙ୍କା, ସ୍କୁଲ୍ ପରିଚାଳନା କମିଟି ସଭାପତି ରତ୍ନାକର ଜେନା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ କମଳିନୀ ଦିଦିଙ୍କ ଶିକ୍ଷୟତ୍ରୀ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଏହି ଅବସରରେ ବେତଡା ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କମଳିନୀ ବେଜ ଙ୍କୁ ମାନପତ୍ର,ଉପଢ୍ୌକନ ଓ ବିଭିନ୍ନ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ କମଳିନୀ ବେଜ ନିଜର ଶିକ୍ଷା ଜୀବନର ସ୍ମରଣୀୟ ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ଉତ୍ସବରେ ବିଷ୍ଣୁବିନ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାଳତିଲତା ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପୂର୍ବତନ ସଭାପତି ସୁଧାକର ଦଳେଇ, ସ୍କୁଲ୍ ପରିଚାଳନା କମିଟି ସଦସ୍ୟ ଓ ବହୁ ସଂଖ୍ୟାରେ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ଏହି ଉତ୍ସବରେ ଯୋଗ ଦେଇଥିଲେ। ଛାତ୍ର ଛାତ୍ରୀ ମାନେ ସୁନ୍ଦର ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳନୋତ୍ସବ

ବାଲେଶ୍ୱର , ୩୧/୮ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସଂସ୍କୃତ ବିଭାଗ ପକ୍ଷରୁ 'ସଂସ୍କୃତ ସପ୍ତାହ ପାଳନୋତ୍ସବ' ଉତ୍ସାହ ସହ ଅନୁଷ୍ଠିତ ହୋଇଯାଇଛି । ସପ୍ତାହବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମର ଅନ୍ତିମ ଉତ୍ସବରେ ସଂସ୍କୃତ ଭାଷାର ଗୁରୁତ୍ୱ, ଭାରତୀୟ ଜ୍ଞାନ ପରମ୍ପରାରେ ଏହାର ଅବଦାନ ଏବଂ ସମକାଳୀନ ସମାଜରେ ଏହାର ପ୍ରାସଙ୍ଗିକତା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବେଦମନ୍ତ୍ର ଉଚ୍ଚାରଣ ଓ ବିଶ୍ୱବିଦ୍ୟାଳୟ ସଙ୍ଗୀତ ଗାନରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, ସଂସ୍କୃତ କେବଳ ଏକ ପ୍ରାଚୀନ ଭାଷା ନୁହେଁ; ଏହା ଭାରତୀୟ ଜ୍ଞାନ, ଦର୍ଶନ, ସାହିତ୍ୟ ଓ ଚିନ୍ତନ ପରମ୍ପରାର ଏକ ସମୃଦ୍ଧ ଧାରା। ସଂସ୍କୃତ ଭାଷା ଓ ସାହିତ୍ୟର ଅଧ୍ୟୟନ, ସଂରକ୍ଷଣ, ପ୍ରଚାର ଓ ପ୍ରସାର ମାଧ୍ୟମରେ ଛାତ୍ରଛାତ୍ରୀମାନେ ଭାରତୀୟ ଜ୍ଞାନ ପରମ୍ପରାର ଗଭୀରତାକୁ ବୁଝିବା ସହ ଏହା ସହ ଅଧିକ ନିବିଡ଼ ଭାବେ ଯୋଡ଼ି ହୋଇପାରିବେ ବୋଲି ସେ ଆହ୍ୱାନ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ସ୍ୱାଗତ ଭାଷଣ ପ୍ରଦାନ କରି ସଂସ୍କୃତ ଭାଷାର ଐତିହ୍ୟ ଓ ଆଧୁନିକ ପରିପ୍ରେକ୍ଷୀରେ ଏହାର ପ୍ରାସଙ୍ଗିକତା ବିଷୟରେ ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ସଂସ୍କୃତବିଦ୍ ଡ଼କ୍ଟର କ୍ଷିତୀଶ୍ୱର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ସମୃଦ୍ଧ ଐତିହ୍ୟ, ଭାରତୀୟ ସାହିତ୍ୟ ଓ ସଂସ୍କୃତିର ସୁରକ୍ଷାରେ ଏହାର ଅବଦାନ ଏବଂ ନୂତନ ପିଢ଼ି ମଧ୍ୟରେ ସଂସ୍କୃତ ଅଧ୍ୟୟନର ଆବଶ୍ୟକତା ଓ ମୂଲ୍ୟବୋଧ ଜାଗ୍ରତ ଉପରେ ଆଲୋକପାତ କରିଥିଲେ। ଏଥିସହ ମୁଖ୍ୟବକ୍ତା ଭାବେ ଡ଼କ୍ଟର କୁମାରଚନ୍ଦ୍ର ମିଶ୍ର, (ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନର ରାଷ୍ଟ୍ରୀୟ ଅଧକ୍ଷ) ଯୋଗଦେଇ ସଂସ୍କୃତ ଭାଷାର ବ୍ୟାପକତା, ଏହାର ଜ୍ଞାନଭିତ୍ତିକ ମହତ୍ତ୍ୱ ଏବଂ ସମକାଳୀନ ସମାଜରେ ଏହାର ପ୍ରାସଙ୍ଗିକତା ସମ୍ପର୍କରେ ନିଜର ମତ ରଖିଥିଲେ। ସଂସ୍କୃତ ଭାଷା ଦ୍ୱାରା ଆମ ସଂସ୍କାର ସୁରକ୍ଷିତ ରହିବା ସହ ବିକାଶ ଆସିଥାଏ। ସଂସ୍କୃତ ସପ୍ତାହ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ ପାଇଁ ସଂସ୍କୃତ ବକ୍ତୃତା, ସଂସ୍କୃତ ଶ୍ଳୋକ ଲିଖନ, ସଂସ୍କୃତ ଶ୍ଳୋକ ଆବୃତ୍ତି ଓ ସଂସ୍କୃତ ପ୍ରଦର୍ଶନୀ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବହୁ ଛାତ୍ରଛାତ୍ରୀ ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରି ନିଜର ଭାଷାଗତ, ସୃଜନଶୀଳ ଓ ବୌଦ୍ଧିକ ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା। ଅତିଥିମାନେ ମତପ୍ରକାଶ କରିଥିଲେ ଯେ, ସଂସ୍କୃତ ଭାଷା ପ୍ରତି ଯୁବପିଢ଼ିର ଆଗ୍ରହ ବୃଦ୍ଧି କରିବା ସହ ଭାରତୀୟ ଜ୍ଞାନ ପରମ୍ପରାର ଅଧ୍ୟୟନ, ସଂରକ୍ଷଣ ଓ ପ୍ରସାର ଦିଗରେ ଏଭଳି ଆୟୋଜନର ଗୁରୁତ୍ୱ ଅତ୍ୟନ୍ତ ଅଧିକ। ସ୍ନାତକୋତ୍ତର ସଂସ୍କୃତ ବିଭାଗର ସଂଯୋଜକ ପ୍ରଫେସର ଦେବାଶିଷ ପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସଂସ୍କୃତ ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତ ବିଭାଗର ଅଧ୍ୟାପକ-ଅଧ୍ୟାପିକା ଡ଼କ୍ଟର ଦେବାଶିଷ ମିଶ୍ର, ଡ଼କ୍ଟର ମମତା ପ୍ରଧାନ, ବସନ୍ତ କୁମାର ମଲ୍ଲିକ ଓ ଡ଼କ୍ଟର ପ୍ରଜ୍ଞା ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ-ଅଧ୍ୟାପିକା, ଗବେଷକ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ସଂସ୍କୃତ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ଦେବଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପାରାଦୀପ ପୌରପାଳିକା ପକ୍ଷରୁ ସ୍ୱାୟତ ଶାସନ ଦିବସ ପାଳିତ



ପାରାଦୀପ, ୩୧/୮ (ନି.ପ୍ର): ପାରାଦୀପ ପୌର ପାଳିକା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ସହିତ ସ୍ଥାନୀୟ ସ୍ୱାୟତ ଶାସନ ଦିବସ ପାଳିତ ହୋଇଯାଇଛି । ପୌର ପାଳିକା ପକ୍ଷରୁ ଜୟଦେବ ସଦନ ପରିସରରେ ନଗରପାଳ ବସନ୍ତ ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ । ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରା, ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ । ପାରାଦୀପ ସହର ଏକ ବିକାଶର ସହର ଏଠାର ଅଧିବାସୀଙ୍କ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ପାରାଦୀପ ପୌର ପାଳିକା ନିରନ୍ତର ସେବା ଯୋଗାଇ ଆସୁଛି। ଏଥି ପାଇଁ ନଗରପାଳ ବସନ୍ତ ବିଶ୍ୱାଳ ଏବଂ ତାଙ୍କ ଟିମ୍ ଏଥି ପାଇଁ ଧନ୍ୟବାଦର ପାତ୍ର । ସମସ୍ତଙ୍କ ସହଯୋଗ ରହିଲେ ପାରାଦୀପ ବନ୍ଦର ଏକ ସ୍ୱଚ୍ଛ ଓ ପ୍ରଦୂଷଣ ମୁକ୍ତ ସହର ହୋଇପାରିବ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ପାରାଦୀପ ବନ୍ଦରର ବିକାଶ ତଥା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ବହୁବିଧ ଯୋଜନାମାନ କରିଛନ୍ତି ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମାନ୍ୟବର ମନ୍ତ୍ରୀ ପୁରସ୍କୃତ କରିବା ସହିତ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପାରାଦୀପର ମନସା ଚାରିଟେବୁଲ୍ ଟ୍ରଷ୍ଟ, ଗ୍ରୀନ୍ ପାରାଦୀପ ଟ୍ରଷ୍ଟ, ମହିଳା କଲ୍ୟାଣ ଟ୍ରଷ୍ଟ ଭଳି ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କୁ ପୌରପାଳିକା ପକ୍ଷରୁ ମାନ୍ୟବର ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଦିନତମାମ ପୌର ପାଳିକା ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ କରକମଳରେ ଅନୁଷ୍ଠିତ ହୋଇଥିଲା ।

# ନୀଳମଣି ମହାବିଦ୍ୟାଳୟରେ ଜାତୀୟ କ୍ରୀଡା ଦିବସ ପାଳିତ




ରୁପ୍ସା, ୩୧/୮ (ନି.ପ୍ର): ରୁପ୍ସା ସ୍ଥିତ ସର୍ବ ପ୍ରାଚୀନ ନୀଳମଣି ମହାବିଦ୍ୟାଳୟରେ ଜାତୀୟ କ୍ରୀଡା ଦିବସ ତା ୩୦/୮/୨୬ରିଖରେ ପାଳିତ ହୋଯାଇଛି। କ୍ରୀଡା ଶାରୀରିକ ଓ ମାନସିକ ସୁସ୍ଥତା ଆଣେ। ମଣିଷର ସର୍ବାଙ୍ଗୀନ ବିକାଶ କରେ । ଅଧକ୍ଷ ଡ଼ ତପନ କୁମାର ବେହେରାଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ପ୍ରଶାସନିକ ଅଧିକାରୀ ସରୋଜ କୁମାର ପାଣି, କ୍ରୀଡା ସଂସଦର ଉପଦେଷ୍ଟା ଅଧ୍ୟାପକ ପ୍ରଭାକର ମହାଳିକ, ହରେନ୍ଦ୍ର ଗାଁଣ, ଶ୍ରବଣ ନାୟକ, ସିଦ୍ଧାର୍ଥ ବରାଳ, କାବେରୀ ସାହୁ, ସୁଧାଂଶୁ ଜେନା ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ଜାତୀୟ କ୍ରୀଡା ଦିବସର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଉକ୍ତ ଉତ୍ସବରେ +୩ଓ +୨ର ସମସ୍ତ ଛାତ୍ର ଛାତ୍ରୀ କ୍ରୀଡା ଦକ୍ଷତା ପ୍ରଦର୍ଶନ ସହିତ ନିଜନିଜର ସ୍ୱାସ୍ଥ୍ୟ ପ୍ରଦର୍ଶନୀ କରାଇଥିଲେ। ଉକ୍ତ ଉତ୍ସବକୁ ଜୟନ୍ତ ମଲ୍ଲିକ ଓ ନିରଞ୍ଜନ ମହାଳିକ ପରିଚାଳନା କରିଥିଲେ। ବରିଷ୍ଠ ଉପଦେଷ୍ଟା ଡ଼ ତପନ ଦାସ, ଡ଼ ଶାନ୍ତନୁ ଜେନା, ଲାଖିରାମ ହାଁସଦା ପ୍ରମୁଖ ଅଭିନନ୍ଦନ ଜ୍ଞାପନ କରିଥିଲେ।

# ମେରଦା ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ

ବୈଶିଙ୍ଗା , ୩୧/୮ (ନି.ପ୍ର): ଅଦ୍ୟ ମେରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀମତୀ ମାଳତୀ ହେମ୍ବ୍ରମ ସଭାପତି ଭାବେ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପଦ୍ମଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଶ୍ରୀଯୁକ୍ତ ମନୋରଞ୍ଜନ ଦାସ ,କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡ. ମନ୍ଦାକିନୀ ସାହୁ ମୁଖ୍ୟବକ୍ତା ଓ ସରକାରୀ ଉଚ୍ଚ ବିଦ୍ୟାଳୟ ମେରଦାର ହିନ୍ଦୀ ଶିକ୍ଷକ ଶ୍ରୀଯୁକ୍ତ ମନୋଜ କୁମାର ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ସମସ୍ତ ଅତିଥି ସଂସ୍କୃତଭାଷାର ବ୍ୟାବହାରିକ ଦିଗ ସମ୍ପର୍କରେ ସୁନ୍ଦର ତଥ୍ୟ ଉପସ୍ଥାପନ କରିଥିଲେ । ଶ୍ରୀମଦ୍ ଭଗବତ୍ ଗୀତାର ମାହାତ୍ମ୍ୟ ,ଲୋକମାନଙ୍କ ଚଳଣିରେ ସଂସ୍କୃତର ବ୍ୟାପକତାକୁ ଅତିଥିଗଣ ନିଖୁଣ ଭାବରେ ବର୍ଣ୍ଣନା କରିଥିଲେ । ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଶ୍ରୀଯୁକ୍ତ ପ୍ରିୟନାଥ ପାଣି ବେଦପାଠ, ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଇତ୍ୟବସରରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଗଣ ପ୍ରମାଣପତ୍ର ଓ ଉପହାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ଶୁଭଶ୍ରୀ ଶିବଜ୍ୟୋତି ଗିରି ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅକୁଣ୍ଠ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇଥିଲା ।




# ବନ୍ଧୁକ ମୁନରେ ଲୁଟ କରୁଥିବା ୫ ଜଣିଆ ଡକାୟତ ଗ୍ୟାଙ୍ଗକୁ ଗିରଫ କରିଛି ବସ୍ତା ପୋଲିସ



ବସ୍ତା , ୩୧/୮ (ନି.ପ୍ର): ବନ୍ଧୁକ ମୁନରେ ଲୁଟ କରୁଥିବା ୫ ଜଣିଆ ଡକାୟତ ଗ୍ୟାଙ୍ଗକୁ ଗିରଫ କରିଛି ବସ୍ତା ପୋଲିସ। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ,୪ ଟି ମୋବାଇଲ, ଦୁଇଟି ବାଇକ ସମେତ ଗୋଟିଏ ଅଫୁଟା ଗୁଳି ଜବଦ କରିଛି ପୋଲିସ, ଗିରଫ ୫ ଜଣଙ୍କ ମଧ୍ୟରୁ ଜଣେ ନାବାଳକ ଥିବା ନେଇ ବସ୍ତା ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବସ୍ତା ଏସଡିପିଓ ସମର୍ଥ ବେହେରା, ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ନଳବାହାର ଛକ ନିକଟରେ ଗତକାଲି ରାତି ୮ ଟାରେ ତିନି ଜଣ ଦୁର୍ବୃର୍ତ୍ତ ଏକ ବାଇକରେ ଆସି ବନ୍ଧୁକ ଦେଖାଇ ଜନୈକ ଅନଲାଇ ନ ଡେଲିଭରୀ କର୍ମଚାରୀକୁ ଅଟକାଇ ଲୁଟ କରୁଥିବା ବେଳେ ସ୍ଥାନୀୟ ଲୋକେ କାବୁ କରି ବସ୍ତା ପୋଲିସକୁ ଖବର ଦେଇ ଥିଲେ, ପୋଲିସ ଦୁଇ ଜଣଙ୍କୁ ଅଟକ ରଖି ପଚରା ଉଚରା କରିବା ପରେ ଏହି ଗ୍ୟାଙ୍ଗ ରେ ସାମିଲ ଥିବା ଅନ୍ୟ ଦୁଇ ଜଣଙ୍କୁ ଗିରଫ କରିଥିଲା, ସେମାନଙ୍କ ନିକଟରୁ ଏକ ଚୋରି ହୋଇଥିବା ବୁଲେଟ ବାଇକ ଉଦ୍ଧାର ସହ ବନ୍ଧୁକ, ଅଫୁଟା ଗୁଳି ଓ ୪ ଟି ମୋବାଇଲ ଫୋନ୍ ଜବତ କରିଛି ପୋଲିସ, ତେବେ ଗତ ଜୁଲାଇ ୩ ତାରିଖ ରେ ଦରଡା ପେଟ୍ରୋଲ ପମ୍ପରେ ଏହି ଗ୍ୟାଙ୍ଗ ବନ୍ଧୁକ ମୁନରେ ପେଟ୍ରୋଲ ପମ୍ପ କର୍ମଚାରୀ କୁ ଭୟଭୀତ କରି ଲୁଟ ଉଦ୍ୟମ କରିଥିଲେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବସ୍ତା ଏସଡିପିଓ।

# ‘ଶକ୍ତିଶ୍ରୀ’ ତରଫରୁ ଆତ୍ମରକ୍ଷା ତାଲିମ ଶିବିର

## ପ୍ରତିକୂଳ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଆମ ପିଲାମାନେ ପୁରା ପ୍ରସ୍ତୁତ: ଅଧ୍ୟାପିକା କୁମକୁମ




ଉଦଳା, ୩୧/୮ (ନି.ପ୍ର): ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଶକ୍ତିଶ୍ରୀ ବିଭାଗ ତରଫରୁ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଚଳିତ ଅଗଷ୍ଟ ୨୦ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଶିବିର ୨୮ ତାରିଖ ଶୁକ୍ରବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । +୩ରେ ଅଧ୍ୟୟନ କରୁଥିବା ମୋଟ ୫୦ ଜଣ ଛାତ୍ରୀ ଶିବିରରେ ତାଲିମ ନେଇଥିବା ବେଳେ ସୁଶ୍ରୀ ନାନିକା ସିଂ ପ୍ରଶିକ୍ଷିକା ଭାବରେ ଆତ୍ମରକ୍ଷାର ରଣକୌଶଳ ତାଲିମ ପ୍ରଦାନ କରିଥିଲେ । ଉଦ୍‌ଯାପନ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହି ଅଧ୍ୟକ୍ଷତା କରି, ବର୍ତ୍ତମାନର ପରିସ୍ଥିତି ଏପରି ହୋଇଛି ବାଟ ଚାଲିବା ପାଇଁ ଝିଅପିଲା ମାନଙ୍କ ପକ୍ଷେ ଏହି ତାଲିମର ଆବଶ୍ୟକତା ଜରୁରି ହୋଇ ପଡ଼ିଛି ବୋଲି ବ୍ୟକ୍ତ କରିଥିଲେ । ଶକ୍ତିଶ୍ରୀର ସଂଯୋଜିକା ଅଧ୍ୟାପିକା କୁମ୍‌କୁମ ଦାସ ଉଦ୍‌ଯାପନ ଉତ୍ସବରେ ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ସବୁପ୍ରକାର ପ୍ରତିକୂଳ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଆତ୍ମରକ୍ଷା ତାଲିମ ନେଇଥିବା ଆମର ଛାତ୍ରୀ ମାନେ ପୁରା ପ୍ରସ୍ତୁତ ଅଛନ୍ତି ବୋଲି ବକ୍ତବ୍ୟରେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପିକା ସୁଧାରାଣି ବେହେରା, ଡ଼.ଆରତିବାଳା ସାହୁ, ଗୁଂଜନା ଭୂୟାଁ, ଅଧ୍ୟାପକ ବିବେକାନନ୍ଦ ଦାସବାବୁ ପ୍ରମୁଖ ଯୋଗଦେଇ ସୁସ୍ଥ ଓ ନିରୋଗ ଜୀବନଯାପନ କରିବା ପାଇଁ ମଧ ଏହାର ଆବଶ୍ୟକତା ରହିଛି ବୋଲି କହିବା ସହ ତାଲିମ ନେଇଥିବା ରଣକୌଶଳକୁ ନିୟମିତ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ । ଏହି ତାଲିମ ଆମ ଭିତରେ ଯେଉଁଭଳି ସାହସ ଭରିଦେଇଛି ଏହାକୁ ଆମେ ସାରା ଜୀବନ ଭୁଲିପାରିବୁ ନାହିଁ ବୋଲି ଛାତ୍ରୀ ମାନେ ନିଜ ନିଜର ଅନୁଭବ କଥନ ସମୟରେ କହିଥିଲେ ।

# ଦୀନକୃଷ୍ଣ ମହାବିଦ୍ୟାଳୟରେ ‘ଆଇନଗତ ଅଧିକାର’ ଉପରେ କର୍ମଶାଳା ଅନୁଷ୍ଠିତ

ବାଲିଆପାଳ , ୩୧/୮ (ନି.ପ୍ର): ଦୀନକୃଷ୍ଣ ମହାବିଦ୍ୟାଳୟ, ଜଳେଶ୍ୱରର ଶକ୍ତିଶ୍ରୀ ସଶକ୍ତିକରଣ ସେଲ୍ ପକ୍ଷରୁ ସୋମବାର ମହାବିଦ୍ୟାଳୟ ପରିସରରେ ‘ଆଇନଗତ ଅଧିକାର’ ଶୀର୍ଷକ ଏକ କର୍ମଶାଳା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହିମାଂଶୁ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଆଇନଗତ ଅଧିକାର ସମ୍ପର୍କରେ ଛାତ୍ରଛାତ୍ରୀମାନେ ସଚେତନ ହେବାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶକ୍ତିଶ୍ରୀ ସେଲ୍ର ସଂଯୋଜିକା ଶ୍ରୀମତୀ ଲୁଖି ଟୁଡୁ, ଇତିହାସ ବିଭାଗର ମୁଖ୍ୟ ଡ଼କ୍ଟର. ମାନସ କୁମାର ଦାଶ, ବାଣିଜ୍ୟ ବିଭାଗର ମୁଖ୍ୟ ଶ୍ରୀମତୀ ଇନ୍ଦିରା ପ୍ରିୟଦର୍ଶିନୀ ଗିରି , ଇଂରାଜୀ ବିଭାଗର ମୁଖ୍ୟ, ପ୍ରିୟଦର୍ଶିନୀ କର ଆଦି ଉପସ୍ଥିତ ଥିଲେ। କର୍ମଶାଳାରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇ ଆଇନଗତ ଅଧିକାର, ମହିଳାଙ୍କ ଅଧିକାର ଏବଂ ସାମାଜିକ ନ୍ୟାୟ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଏହି କାର୍ଯ୍ୟକ୍ରମଟି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଇନ ସଚେତନତା, ଅଧିକାର, ସୁରକ୍ଷା ଓ ନାରୀ ସଶକ୍ତିକରଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ସୁଯୋଗ ସୃଷ୍ଟି କରିଥିଲା।

# ଭଦ୍ରକର ଭଣ୍ଡାରିପୋଖରୀ ବ୍ଲକ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ




ଭଦ୍ରକ, ୩୧/୮ (ନି.ପ୍ର): ଭଣ୍ଡାରିପୋଖରୀ ବ୍ଲକ ପଂଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୧୧୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୮୫ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୨୯ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୩ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୨୫ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବାବେଳେ ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୩ଜଣ ଅଭିଯୋଗକାରୀଙ୍କୁ ମୋଟ ୮,୫୦୦/- ଟଙ୍କା ମଞ୍ଜୁର କରାଯାଇଛି ।ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ , ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ, ଉଜଉଇ, ଶୁଭେନ୍ଦ୍ର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ଭଣ୍ଡାରିପୋଖରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ୍ତ ଦାସ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ନୀଳଗିରି ପୋଲିସ ପକ୍ଷରୁ ନାଶାମୁକ୍ତ ଓଡିଶା ଅଭିଯାନ ଓ ସାଇବର ସଚେତନତା ଅନୁଷ୍ଠିତ




ନୀଳଗିରି, ୩୧/୮ (ନି.ପ୍ର): ସମ୍ପୂର୍ଣ୍ଣ ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ରାଜ୍ୟସରକାର ‘ନାସା ମୁକ୍ତ ଓଡିଶା’ ଅଭିଯାନ ଆରମ୍ଭ କରିଥିବା ବେଳେ ନୀଳଗିରି ପୋଲିସ ପକ୍ଷରୁ ସୋମବାର ଦିନ ବିଭିନ୍ନ କଲେଜ, ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ନାସା ମୁକ୍ତ ଓଡିଶା ଅଭିଯାନ ଏବଂ ସାଇବର ସଚେତନତା କାର୍ଯ୍ୟକ୍ରମ କରିଛନ୍ତି। ନିଶାଠାରୁ ଦୂରେଇ ରୁହନ୍ତୁ, ନିଶା ଖାଉଥିବା ବ୍ୟକ୍ତିଙ୍କୁ ନିଶାଠାରୁ ଦୂରେଇ ରୁହନ୍ତୁ, ବୋଲି ନୀଳଗିରି ଥାନାର ଆଇ ଆଇ ସି ଗୋବର୍ଦ୍ଧନ ନାୟକ ଦିଗ୍ଦର୍ଶନ ଦେଇଥିଲେ। ଆଜିର ଯୁବପୀଢ଼ି, କାଲିର ଭବିଷ୍ୟତ ତେଣୁ ଯୁବପୀଢ଼ି ସହିତ ସମସ୍ତ ବ୍ୟକ୍ତି ବିଶେଷ ନିଶାଠାରୁ ଦୂରେଇ ରହିବାକୁ ନୀଳଗିରି ପୋଲିସ ପକ୍ଷରୁ ନିବେଦନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଏ.ଏସ.ଆଇ ଶ୍ରୀନିବାସ ରାଉତ, ଠାକୁର ଦାସ ମୁର୍ମୁ, ସମେତ ବହୁ ପୋଲିସ କର୍ମଚାରୀ ସହଯୋଗ କରିଥିଲେ।

# ସୁବର୍ଣ୍ଣରେଖା ନଦୀରେ ତୃତୀୟ ବନ୍ୟା



ବାଲିଆପାଳ , ୩୧/୮ (ନି.ପ୍ର): ରବିବାର ସକାଳ ଠାରୁ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଚଳିତ ବର୍ଷ ସୁବର୍ଣ୍ଣରେଖାରେ ତୃତୀୟ ଥର ପାଇଁ ବନ୍ୟା ଆସିଛି। ଉପର ମୁଣ୍ଡରେ ଲଘୁଚାପ ଜନିତ ବର୍ଷା ହେବାରୁ ଧୀରେ ଧୀରେ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ସନ୍ଧ୍ୟା ସୁଦ୍ଧା ରାଜଘାଟ ଠାରେ ଜଳସ୍ତର ସତର୍କ ସଂକେତ ତଳେ ଅର୍ଥାତ ୮.୯୭ମିଟର ଥିବାବେଳେ ମୁକୁଳା ନଦୀ ବନ୍ଧ ପାଇଁ ବାଲିଆପାଳ ବ୍ଲକର ତଳିଆ ଅଞ୍ଚଳ ଜଳମଗ୍ନ ହେବାରେ ଲାଗିଛି। ଉପର ମୁଣ୍ଡରେ ଗତ କିଛି ଦିନ ହେବ ଲଗାତାର ଭାବରେ ବର୍ଷା ହେବା ଫଳରେ ଝାଡ଼ଖଣ୍ଡର ଗାଲୁଡିହି ଡ୍ୟାମରୁପାଣି ଛଡ଼ାଯାଇଛି । ଫଳରେ ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷତୃତୀୟ ଥର ପାଇଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ ବାଲିଆପାଳବ୍ଲକର ତଳିଆ ଅଞ୍ଚଳ ବିଷ୍ଣୁପୁର, ନୟାବାଲି, ଇକଡପାଳ, ରସଲପୁର,ରାଉତ୍ରାପୁର, ଜାମକୁଣ୍ଡା ପଞ୍ଚାୟତର ତାଳପଦା, କୁହ୍ଲାଚଡ, ଲଖପାଳ, ପାଳଜାମକୁଣ୍ଡା, କାଳରୁଇ ଓ ବାଲିଆପାଳ ପଞ୍ଚାୟତର ତଳବାଲିଆପାଳ, ସୁଙ୍ଗମୁହଁ, କୁଦମାନସିଂହ, ଆଠବାଟିଆ ମଧୁପୁରା ପଞ୍ଚାୟତର ଚଡବସ୍ତ କାଳରୁଇ, ଚୌଧୁରୀକୁଦ, ଅସ୍ତି ପଞ୍ଚାୟତର ପାଳଚମ୍ପେଇ ସରଦ୍ଧାରସାହି, ଚଡବଡ଼ାପାଳ, ସୂର ?ୟ୍ୟପୁର, କଣ୍ଟାବଣି ନିଖୁରା ପଞ୍ଚାୟତର ପାଳପଡା, ଚଡ଼ ପାଳପଡ଼ା ଓ କୁମାରୀ ପଞ୍ଚାୟତର ନୂଆସାହି ପ୍ରଭୃତି ଗ୍ରାମଗୁଡ଼ିକରେ ବନ୍ୟା ଜଳ ପ୍ରବେଶ କରିବାରେ ଲାଗିଛି। ଯାହା ଫଳରେ ତଳିଆ ଅଞ୍ଚଳର ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି।

# ଆଞ୍ଚଳିକ ଗୁରୁପୂଜନ କମିଟିର ପ୍ରସ୍ତୁତି ବୈଠକ

ବୈଶିଙ୍ଗା, ୩୧/୮ (ନି.ପ୍ର): ଆଞ୍ଚଳିକ ଗୁରୁପୂଜନ କମିଟିର ପ୍ରସ୍ତୁତି ବୈଠକ ସ୍ଥାନୀୟ ଧର୍ମଶାଳା ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ କମିଟିର ସଭାପତି ସମାଜସେବୀ ପ୍ରକାଶ ବେହେରା ଅଧ୍ୟକ୍ଷତା କରିଥିଲେ । ଓଡିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗୋଲକ ବିହାରୀ ନାଏକଙ୍କ ସ୍ମୃତି କମିଟିରେ ପତ୍ନୀ ସୁବାସିନୀ ନାଏକ ଯୋଗଦାନ କରି ଆଗାମୀ ୨୧ତମ ଗୁରୁପୂଜନ ଉତ୍ସବକୁ ବେତନଟୀର ଧର୍ମଶାଳାଠାରେ ସଫଳ କରିବାକୁ ସମସ୍ତଙ୍କୁ ନିବେଦନ ଜଣାଇଥିଲେ। ଆଗାମୀ ୫ ସେପ୍ଟେମ୍ବରର ଉକ୍ତ ଦିନ ବଡ଼ସାହି ଓ ବେତନଟୀ ଅଞ୍ଚଳରେ ସମସ୍ତ ପ୍ରକାରର ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶିକ୍ଷକ, ଶିକ୍ଷୟିତ୍ରୀଗଣ ପୂର୍ବବର୍ଷ ଭଳି ଯୋଗଦାନ କରିବାକୁ ଜଣାଇଦେବାର ସ୍ଥିରୀକୃତ ହୋଇଥିଲା । ଏହି ପ୍ରସ୍ତୁତି ବୈଠକରେ ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, କମିଟିର ସଂଯୋଜକ ତଥା ସଂପାଦକ ଅରୁଣ କୁମାର ଓତା, ପ୍ରାକ୍ତନ ଶିକ୍ଷକ ନେତା ଜୟନ୍ତ କୁମାର ପଟ୍ଟନାୟକ ଓ ସଚ୍ଚିଦାନନ୍ଦ ମହାନ୍ତି, ସମାଜସେବୀ ରବୀନ୍ଦ୍ରନାଥ ମିଶ୍ର ଓ ସନ୍ତୋଷ କୁମାର ଖଣ୍ଡା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶୃଙ୍ଖଳାର ସହ କାର୍ଯ୍ୟକ୍ରମ ସମାପନ ନିମନ୍ତେ ସମସ୍ତଙ୍କୁ ଦାୟିତ୍ୱ ବଣ୍ଟନ, ସହଯୋଗ ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଶେଷରେ ସନ୍ତୋଷ ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।




# ବିଏମସି ପକ୍ଷରୁ ସ୍ୱାୟତ ଶାସନ ଦିବସ ପାଳିତ

ଭୁବନେଶ୍ୱର, ୩୧/୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ପକ୍ଷରୁ ସ୍ୱାୟତ ଶାସନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଦିବସ ବ୍ୟାପି ଥିବା କାର୍ଯ୍ୟକ୍ରମରେ ପତାକା ଉତୋଳନ, ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ଭିତି ପ୍ରସ୍ତର ସ୍ଥାପନ, ସାଧାରଣ ସଭା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ମେୟର ସୁଲୋଚନା ଦାସ ଓ ବିଏମସି କମିଶନର ଚଂଚଳ ରଣାଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ କରାଯିବା ସହ ଜାତୀୟ ଗୀତ ଓ ଜାତୀୟ ସଂଗୀତ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଷ୍ଟାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷା, ଅଧ୍ୟକ୍ଷ, ସମସ୍ତ କର୍ପୋରେଟର, ବିଏମ୍ ସି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ




ରେମୁଣା, ୩୧/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ରେମୁଣା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧ୍ୟକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ରେମୁଣା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୫୧ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୪୮ ଗୋଟି ବ୍ୟକ୍ତିଗତ ଓ ୨ ଗୋଟି ସାମୂହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୪ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଶ୍ରୀଯୁକ୍ତ ପରେଶ ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ଦିଲ୍ଲୀପ କୁମାର ଜେନା, ବିଡିଓ, ରେମୁଣା ବ୍ଲକ ଶ୍ରୀଯୁକ୍ତ ସାର୍ଥକ ସୌରଭ ମହାପାତ୍ର ଓ ରେମୁଣା ତହସିଲଦାର ବର୍ଷା ପରିଡାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida